

ଧାୱନଙ୍କ ଜୀବନରେ ନୂଆ ଜୀବନସାଥୀ
ପୃଷ୍ଠା ୨


Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 330 | ଭାଗ ୩୨ | ସଂଖ୍ୟା ୩୩୦ | Bhubaneswar | Sunday 23 February 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୩ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଶକ୍ତିକାନ୍ତଙ୍କୁ ନୂଆ ଦାୟିତ୍ୱ

### ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି



ନୂଆଦିଲ୍ଲୀ,୨୨।୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ଏବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ-୨ ଭାବେ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ପକ୍ଷରୁ ମଞ୍ଜୁରୀ ମିଳିଛି। ଶକ୍ତିକାନ୍ତ ଦୀର୍ଘ ୬ ବର୍ଷ ପାଇଁ ଆରବିଆଇ ଗଭର୍ଣ୍ଣର ଭାବେ କାର୍ଯ୍ୟ କରିବା ପରେ ଗତବର୍ଷ ଡିସେମ୍ବରରେ ଅବସର ନେଇଥିଲେ। କିନ୍ତୁ ତାଙ୍କୁ ଏବେ କେନ୍ଦ୍ର ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ପ୍ରମୋଦ କୁମାର ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୦ରେ ଶକ୍ତିକାନ୍ତ ତାମିଲନାଡୁ କ୍ୟାଡ଼ରରୁ ଭାରତୀୟ ପ୍ରଶାସନିକ ସେବା (ଓଏଏସ୍)ରେ ଯୋଗ ଦେଇଥିଲେ। ୨୦୧୪ରୁ ୨୦୧୫ କେନ୍ଦ୍ର ରାଜସ୍ୱ ବିଭାଗ ସଚିବ ଓ ୨୦୧୬ରୁ ୨୦୧୭ ପର୍ଯ୍ୟନ୍ତ ଅର୍ଥନୀତି ବ୍ୟାପାର ସଚିବ ➪ପୃଷ୍ଠା-୬

## ଆରମ୍ଭ ହେଲା ସୁଭଦ୍ରା ଶକ୍ତି ମେଳା | ଅନ୍ତର୍ନିହିତ ଶକ୍ତିର ଜାଗରଣ କରିବ ମେଳା

- ଭାଗନେଲେ ୭୦୦ରୁ ଅଧିକ ଏସ୍‌ଏଚ୍‌ଜି
- ୩୦୦ରୁ ଅଧିକ ଷ୍ଟଲ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ପ୍ରଦର୍ଶିତ
- ରାଜ୍ୟ ଅର୍ଥନୈତିକ ଇତିହାସରେ ସୁଭଦ୍ରା ସବୁଠାରୁ ବଡ଼ ଯୋଜନା

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ସୁଭଦ୍ରା ମା'ମାନେ ସୌଭାଗ୍ୟଦାୟିନୀ ଶକ୍ତିର ପ୍ରତିରୂପ। ସୁଭଦ୍ରା ମା'ମାନଙ୍କ ମଧ୍ୟରେ ରହିଛି ଅସୀମ ଶକ୍ତି। ତେଣୁ ସେମାନେ 'ସୁଭଦ୍ରା ଶକ୍ତି'। ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ସରକାର ଏବେ 'ସୁଭଦ୍ରା ଶକ୍ତି' ମେଳାର ଆୟୋଜନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମେଳା କେବଳ ଏକ ସାଧାରଣ ପ୍ରଦର୍ଶନୀ ନୁହେଁ। ଏହା ଆମ ଓଡ଼ିଶାର ମା', ଭଉଣୀ ଓ ଝିଅମାନଙ୍କର ସଫଳତାର କାହାଣୀ। ସେମାନଙ୍କ ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ। ଆମ ସରକାର ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ। ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ ସ୍ତରରେ ହେଉ, ପ୍ରତ୍ୟେକ ମହିଳା ଯେପରି ଦକ୍ଷ ଉଦ୍ୟୋଗୀ ହୋଇ ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବେ, ସେଥିପାଇଁ ଆମର ଉଦ୍ୟମ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କହିବା କଥା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତୃ ଶକ୍ତିର ଉତ୍‌ଥାନ ପାଇଁ 'ଲକ୍ଷପତି ଦିଦି' ଯୋଜନାକୁ ଆଧାର କରି ଆମ ସରକାର ଆଗାମୀ ୩ ବର୍ଷ ମଧ୍ୟରେ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ଚଳିତ ବର୍ଷ ଆମ ସରକାର 'ଲକ୍ଷପତି ଦିଦି ସହାୟିକା ଯୋଜନା' ପ୍ରଣୟନ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବର୍ଷକୁ ଯେପରି ଅତି କମରେ ଲକ୍ଷେ ଟଙ୍କା ରୋଜଗାର କରିପାରିବେ, ତାହା ସରକାରଙ୍କ ଉଦ୍ଦେଶ୍ୟ।



ଏସ୍‌ଏଚ୍‌ଜିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଚଳିତ ବର୍ଷ ସରକାର ରାଜ୍ୟର ପ୍ରାୟ ୫.୮୦ ଲକ୍ଷ ଗୋଷ୍ଠୀଙ୍କୁ ଦିଆଯାଉଥିବା ରିଭଲ୍‌ଭିଂ ଫଣ୍ଡକୁ ଦୁଇଗୁଣା କରି ୩୦ ହଜାରରେ ପହଞ୍ଚାଇଛନ୍ତି। ଏହାଛଡ଼ା ପଞ୍ଚାୟତ ସ୍ତରୀୟ ଫେଡରେସନ ବା ଜିପିଏଲଏଫମାନଙ୍କ ସିଆଇଏଫ୍ (କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡକୁ ମଧ ୩୫ରୁ ୬୦ ଲକ୍ଷକୁ ବୃଦ୍ଧି କରାଯାଇଛି। ଏଥିରୁ ମା'ମାନେ ଲାଭାନ୍ୱିତ ହେବେ। ଏସ୍‌ଏଚ୍‌ଜିମାନଙ୍କ ସୁଧ ଛାଡ଼ ପାଇଁ ବି ବ୍ୟବସ୍ଥା କରାଯାଇଛି। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ୩ ଲକ୍ଷରୁ ଅଧିକ ଏସ୍‌ଏଚ୍‌ଜିଙ୍କୁ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ 'ସୁଭଦ୍ରା' ରାଜ୍ୟର ଅର୍ଥନୈତିକ ଇତିହାସରେ ସବୁଠାରୁ ବଡ଼ ଯୋଜନା। ଅଦ୍ୟାବଧି ୯୮ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ମା'ଙ୍କୁ ୪୯୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇସାରିଛି। ଆସନ୍ତା ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସରେ ମା'ମାନଙ୍କୁ ଦ୍ୱିତୀୟ କିସ୍ତି ମିଳିବ। ଏହି ପୁଞ୍ଜିର ଉପଯୋଗ କରି ରାଜ୍ୟର ୧ କୋଟି ମା' ବ୍ୟବସାୟ କରିବେ, ସେତେବେଳେ ରାଜ୍ୟ ଅର୍ଥନୀତି ନିଶ୍ଚିତ ଭାବେ ସମୃଦ୍ଧ ହେବ। ସୁଭଦ୍ରା ମହିଳା ସଶକ୍ତିକରଣର ଏକ ମେରୁଦଣ୍ଡ ସଦୃଶ ➪ପୃଷ୍ଠା-୬

## ନେଭା ଆଢୁଆଳରେ ବାଚସ୍ପତିଙ୍କୁ ବଦନାମ ଉଦ୍ୟମ




- ବିଜେଡି ମାର୍କା ଅଫିସରଙ୍କ କାରସାଦି
- ପେପରଲେସ୍ ପ୍ରତିଶ୍ରୁତି ପାଣିର ଗାର

ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନଭାରେ ବହୁ ଆଡମ୍ବରରେ ଆରମ୍ଭ ହୋଇଥିବା ନେଭା ଏବେ ଆଉ କାମକୁ ନୁହେଁ। ପ୍ରଶ୍ନର ଉତ୍ତର ତ ଦୂରର କଥା, ବଜେଟ୍‌ଠାରୁ ଆରମ୍ଭକରି ଗୃହର ଅନ୍ୟାନ୍ୟ ସୂଚନା ବି ଠିକଣା ସମୟରେ ଏଥିରେ ଉପଲବ୍ଧ ହେଉନାହିଁ। ଏଭଳି କାରସାଦି କରି ନୂଆ ସରକାରର ବାଚସ୍ପତିଙ୍କୁ ବଦନାମ କରାଯାଉଥିବା ଆଲୋଚନା ହେଉଛି।

ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟର ବିଧାନସଭା ସମେତ ଲୋକସଭା, ରାଜ୍ୟସଭା ଆଦିର ସମସ୍ତ ସୂଚନା ପାଇବା ପାଇଁ ନେଭା ଆପ୍ କାର୍ଯ୍ୟ କରୁଛି। ବିଜେଡି ସରକାର ଅମଳରୁ ଏହା କାର୍ଯ୍ୟକାରୀ ହୋଇଥିବା ବେଳେ ନିକଟରେ ଏହାର ନବକଳେବର ସହ ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦଘାଟନ କରିଥିଲେ। ହେଲେ ଉଦ୍‌ଘାଟନ ପରଠାରୁ ଏହା କୋମା ଅବସ୍ଥାରେ ରହିଛି। କେବଳ ବିଧାନସଭାରେ ଉପସ୍ଥାପିତ ତାରକା ଓ ଅଣତାରକା ପ୍ରଶ୍ନ ଓ ପ୍ରତିଦିନର କାର୍ଯ୍ୟ ସୂଚନା ବ୍ୟତୀତ ଆଉ କିଛି ବି ମିଳୁନାହିଁ। ପ୍ରଶ୍ନର ଉତ୍ତର ବି ନାହିଁ। ➪ପୃଷ୍ଠା-୬

## ନେପାଳ ବୈଦେଶିକ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

- ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପିଲାଙ୍କ ଭରସା ଫେରାଇବାକୁ ପ୍ରତିଶ୍ରୁତି
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନେପାଳ ଦୂତାବାସ ଅଧିକାରୀ



ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଟ୍ ଘଟଣା ସମ୍ପର୍କରେ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଆର୍‌ଜୁ ରାନା ଦେଉବାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରି ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନେପାଳ ପିଲା ଆମ ପିଲା। ପୂରା ସମ୍ମାନର ସହ ସେମାନେ ଏଠାରେ ପଢ଼ିବେ। ସରକାର ଘଟଣା ଉପରେ ତୀକ୍ଷ୍ଣ ନଜର ରଖି ପଦକ୍ଷେପ ନେବା ସହ ଛାତ୍ରଛାତ୍ରୀଙ୍କ ଭରସା ଓ ଆତ୍ମବିଶ୍ୱାସ ଫେରାଇ ଆଣିବା ଦିଗରେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହାପରେ ନେପାଳ ଦୂତାବାସର ଦୁଇ ଅଧିକାରୀ ନବୀନ ➪ପୃଷ୍ଠା-୬

## ଶ୍ରୀମନ୍ଦିର ବର୍ଜ୍ୟବସ୍ତୁରୁ ହେବ ଜୈବିକ ସାର

ପୁରୀ,୨୨।୨ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ତିଆରି ହେବ ଜୈବିକ ସାର। ଚାଷୀଙ୍କ କାମରେ ଲାଗିବ ବାସି ପୂଜାଫୁଲ, ତୁଳସୀପତ୍ର, ରୋଷଘରୁ ବାହାରୁଥିବା ପେଜ ଓ ପରିବା ଚୋପା। ଏସବୁ ବର୍ଜ୍ୟରୁ ଜୈବିକ ସାର ପ୍ରସ୍ତୁତ କରିବାକୁ ପୁରୀ ମାଳତିପାଟପୁରଠାରେ ପ୍ରତିଷ୍ଠା ହୋଇଛି ବାୟୋଫିକ୍ସ ପ୍ଲାଣ୍ଟ। ଶ୍ରୀମନ୍ଦିରରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସୁଆର ମହାସୁଆର ନିଯୋଗ କହିଥିବା ବେଳେ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଜୈବ ବର୍ଜ୍ୟରୁ ବନିବ କମ୍ପୋଷ୍ଟ ଓ ବାୟୋଗ୍ୟାସ୍। ପୁରୀ ମାଳତୀପାଟପୁରରେ ସ୍ଥାପିତ ହୋଇଛି ଏହି ବାୟୋଫିକ୍ସ ପ୍ଲାଣ୍ଟ। ଶ୍ରୀମନ୍ଦିରରୁ ବାହାରୁଥିବା ବର୍ଜ୍ୟ ପରିଚାଳନା ପାଇଁ ବଡ଼ ବଡ଼ ମେସିନ୍ ପ୍ରସ୍ତୁତ ହୋଇଛି। ଶ୍ରୀମନ୍ଦିରରୁ ବାହାରୁଥିବା ପବିତ୍ର ବର୍ଜ୍ୟସାମଗ୍ରୀ ଯଥା ନଷ୍ଟ ହୋଇଯାଉଥିବା ମହାପ୍ରସାଦ, ବାସି ଫୁଲ ଓ ତୁଳସୀ, ରୋଷଘରୁ ବାହାରୁଥିବା ପନିପରିବା ଚୋପା, ନଡ଼ିଆ କତା ଓ ଷଢ଼େଇ ଆଦି ପ୍ରକ୍ରିୟାକରଣ କରି ଏଠାରେ କମ୍ପୋଷ୍ଟ ଖତ ଓ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ସହଯୋଗରେ ଦୈନିକ ୩ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ସ୍ଥାପିତ ହୋଇଥିବା ବେଳେ ➪ପୃଷ୍ଠା-୬

## ବିଭାଗୀୟ ମୁଖ୍ୟଙ୍କୁ ଅର୍ଥ ସଚିବଙ୍କ ତାଗିଦ

## ନିର୍ଦ୍ଧାରିତ ସମୟରେ ଅର୍ଥ ଖର୍ଚ୍ଚ କର

ମନଇଚ୍ଛା ବ୍ୟାଙ୍କରେ ଅର୍ଥ ଠୁଳ କରନି



ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ନିର୍ଦ୍ଧାରିତ ସମୟରେ ବିଭାଗଗୁଡିକ ଅର୍ଥ ଖର୍ଚ୍ଚ କରିବା ନେଇ ତାଗିଦ କରିଛନ୍ତି ଅର୍ଥ ସଚିବ। ଯୋଜନାଗୁଡିକ ପାଇଁ ଦିଆଯାଇଥିବା ଅର୍ଥ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରିବାକୁ କହିଛନ୍ତି ସଚିବ ଶାଶ୍ୱତ ମିଶ୍ର। ଟଙ୍କାଟିଏ ଯେପରି ଖର୍ଚ୍ଚ ହୋଇନପାରି ରହିଯିବ ସେନେଇ ବିଭାଗ ପକ୍ଷରୁ ସବୁ ବିଭାଗୀୟ ମୁଖ୍ୟଙ୍କୁ ତାଗିଦ କରାଯାଇଛି। ବିଭିନ୍ନ ଯୋଜନା ବାବଦ ମଞ୍ଜୁର ଅର୍ଥ ଯଦି ସମୟ ମଧ୍ୟରେ ଖର୍ଚ୍ଚ ହୋଇନପାରୁଛି, ତେବେ ଆସନ୍ତା ୨୮ ତାରିଖ ସୁଦ୍ଧା ଫେରସ୍ତ କରିବାକୁ କୁହାଯାଇଛି। ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ମିଶ୍ର ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ମାର୍ଚ୍ଚ ମାସକୁ ଦୃଷ୍ଟିରେ ରଖି ବହୁ ବିଭାଗ ଟଙ୍କା ମନଇଚ୍ଛା ବ୍ୟାଙ୍କରେ ଠୁଳ କରି ରଖିଛନ୍ତି। ମାତ୍ର ଚଳିତ ବର୍ଷ ବିଭାଗଗୁଡିକ ମଞ୍ଜୁର ଅନୁଦାନ ରାଶି ଆବଣ୍ଟନ ପାଣ୍ଠି ଯୋଗାଣ, ପାଣ୍ଠିର ପୁନଃବିନିଯୋଗ ଆଦି ପୂର୍ବ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାର ଆବଶ୍ୟକତା ରହିଛି। ନଚେତ୍ ମାର୍ଚ୍ଚ ଶେଷ ବେଳକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଦ୍ଧାରିତ ସମୟ ସୀମାକୁ ବୃଦ୍ଧି କରାଯାଇଛି।

ବିଭାଗର ପୂର୍ବ ବିଜ୍ଞପ୍ତିରେ ଆଲଟମେଣ୍ଟ ଅବଧି ଡିସେମ୍ବର ୩୧ ଥିବା ବେଳେ ଏହାକୁ ଆଗାମୀ ୨୮ ତାରିଖକୁ ବୃଦ୍ଧି କରାଯାଇଛି। ସେହିପରି ପୁନଃ ବ୍ୟୟମଞ୍ଜୁରୀ ପାଣ୍ଠି ଓ ସମର୍ପଣ ପାଣ୍ଠି ଅବଧି ମଧ୍ୟ ଚଳିତ ମାସ ୨୮ ତାରିଖ ରହିଛି। ଆକସ୍ମିକ ପରିସ୍ଥିତି, ଯନ୍ତ୍ରପାତି, ଯାନବାହାନ, ଅଂଶଧନ ପୁଞ୍ଜି, ସବସିଡି ଏବଂ ଋଣ ସମ୍ବନ୍ଧୀୟ ବିଲଗୁଡିକୁ ମାର୍ଚ୍ଚ ୧୦ ସୁଦ୍ଧା ଦାଖଲ କରିବାକୁ ସମୟସୀମା ଦିଆଯାଇଛି। ଏହି ସମୟ ସୀମାକୁ ଅର୍ଥ ବିଭାଗ ଅପରିବର୍ତ୍ତିତ ରଖିଛନ୍ତି। ଏଥିସହିତ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ➪ପୃଷ୍ଠା-୬

## ଚାମ୍ପିଅନ୍ସ ଟ୍ରଫି

## ଆଜି ଭାରତ-ପାକ୍ ଲଢ଼େଇ

ଦୁବାଇ,୨୨।୨: ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତ ତା'ର ପ୍ରଥମ ମ୍ୟାଚ୍‌କୁ ବେଶ୍ ସହଜରେ ଜିତିନେଇ ଟାଇଟଲ୍ ପାଇଁ ଅନ୍ୟତମ ଦାବିଦାର ବୋଲି ଜାହିର୍ କରିଛି। ଏଥିସହ ପ୍ରତିଯୋଗିତାର ସବୁଠାରୁ ରୋଚକ ମ୍ୟାଚ୍ ଭାବେ ବିବେଚନା କରାଯାଉଥିବା ମୁକାବିଲା ଆସନ୍ତାକାଲି ଏଠାରେ ଖେଳାଯିବ। ଏଥିରେ ସର୍ବାଧିକ ଟାଇଟଲ୍ ହାସଲ କରିଥିବା

- ପାକିସ୍ତାନ ସପକ୍ଷରେ ରେକର୍ଡ
- ହିସାବ ବରାବର ମୁଡ୍‌ରେ ରୋହିତ ବାହିନୀ



ଦଳ ମଧ୍ୟରେ ସାମିଲ୍ ଥିବା ଭାରତର ମୁକାବିଲା ଚଳିତ ବର୍ଷର ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାର ସୁଯୋଗ ପାଇଥିବା ପାକିସ୍ତାନକୁ ଭେଟିବ। ତେବେ ସୁରକ୍ଷା କାରଣରୁ ଭାରତ ପାକିସ୍ତାନ ମାଟିରେ ଖେଳିବାକୁ ମନା କରିବା ପରେ ପାକିସ୍ତାନ ଦୁବାଇରେ ଏହି ମ୍ୟାଚ୍ ଖେଳିବ। ଏଠାରେ ଭାରତ ତା'ର ପ୍ରଥମ ମ୍ୟାଚ୍ ଖେଳିସାରିଥିବାରୁ ଏହା ନିଶ୍ଚିତ ଭାବେ ରୋହିତ ବାହିନୀ ପାଇଁ ଦ୍ୱିତୀୟ ମ୍ୟାଚ୍‌ରେ କିଛିକାଂଶରେ ଫାଇଦା ଦେବ। କିନ୍ତୁ ଦୁଇ ଦଳ ମଧ୍ୟରେ ଅଦ୍ୟାବଧି ➪ପୃଷ୍ଠା-୬

# କିଟ୍ ପରିଚାଳନା ଦାୟିତ୍ୱ ନେବେ ସରକାର!

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): କିଟ କ୍ୟାମ୍ପସରେ ଜଣେ ନେପାଳୀ ଛାତ୍ରୀର ଆତ୍ମହତ୍ୟା ଓ ପରବର୍ତ୍ତୀ ହିଂସା ପାଇଁ ଓଡିଶା ଏବେ ବିଶ୍ୱଦରବାରରେ ନିନ୍ଦିତ। ନେପାଳରେ କିଟ ବିରୋଧରେ ଆନ୍ଦୋଳନ ହେଉଥିବା ବେଳେ

- ବେଆଇନ ଜମି ଜବରଦଖଲର ହେବ ତଦନ୍ତ
- ରାଜସ୍ୱ ଓ ସାଧାରଣ ପ୍ରଶାସନ ବିଭାଗର ସ୍ପେଶାଲ ଡ୍ରାଇଭ

ସେଠାକର ସରକାର ଭାରତ ପ୍ରତି କଠୋର ଆଭିମୁଖ୍ୟ ନେବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟକୁ ଅଧିକ ଲଜ୍ଜିତ ହେବାରୁ ବଞ୍ଚାଇବାକୁ ହେଲେ ସରକାର କିଟ ବିଶ୍ୱବିଦ୍ୟାଳୟର ପରିଚାଳନା ଦାୟିତ୍ୱ ନେବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

ସୋସାଇଟି ଆକ୍ଟରେ ପରିଚାଳିତ ହେଉଥିବା କିଟ ଓ କିସକୁ ସରକାର କିଛି ବର୍ଷ ପାଇଁ ପରିଚାଳନା କରିବା ଉଚିତ ବୋଲି ପୂର୍ବତନ ପ୍ରଶାସକମାନେ ବି କହୁଛନ୍ତି । ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ୟୁଜିସି, ଏଆଇସିଟିଇ ଭଳି ସଂସ୍ଥା କିଟକୁ ତାର ଡିମ୍ଡ ବିଶ୍ୱବିଦ୍ୟାଳୟ ମାନ୍ୟତା ହଟାଇବା ପାଇଁ ନୋଟିସ୍ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କିଟ ପାଇଁ ଓଡ଼ିଶା ଓ ଦେଶର ଛବି ମଳିନ ହୋଇଛି। କିଟ୍ ଘଟଣା ପରେ ବିଦେଶରୁ ପିଲା ଓଡ଼ିଶା ବା ଭାରତକୁ ପଢ଼ିବା ପାଇଁ ଆସିବା ଉପରେ ଆଗ୍ରହ କମିପାରେ। ତେଣୁ ସରକାର ଏହି ଘଟଣାକୁ କେବଳ ଏକ ଆଇନଶୃଙ୍ଖଳା ପରିସ୍ଥିତି ବୋଲି ନଭାବି ଏହାର ଶେଷ ପର୍ଯ୍ୟନ୍ତ ଯିବାକୁ ଯୋଜନା କରୁଥିବା ଜଣାପଡିଛି।

ବଣକୁ ଯିବେ ଭଣ୍ଡ ଯୋଗୀ ଅଚ୍ୟୁତ



ପୂର୍ବରୁ ମଧ କୁପରିଚାଳନା ପାଇଁ ଚୌଦ୍ୱାରର ଓଟିଏମ୍ ଓ ବରପଦାର ଇଂଜିନିୟରିଂ କଲେଜର ପରିଚାଳନା ଭାର ସରକାର ନିଜ ହାତକୁ ନେଇଥିଲେ। ବର୍ତ୍ତମାନ ବି ସେଭଳି କରିବାକୁ ଚିନ୍ତା କରାଯାଉଛି। ଆବଶ୍ୟକ ପଡ଼ିଲେ, ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରାଯାଇପାରେ ବୋଲି ମଧ ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି । କାରଣ କେବଳ ଏଇ ଗୋଟିଏ ଘଟଣା ନୁହେଁ, କିଟ ଓ କିସ ବିରୋଧରେ ରହିଛି ଜଙ୍ଗଲ ଓ ଆଦିବାସୀ ଜମି ଜବରଦଖଲର ମାଳ ମାଳ ଅଭିଯୋଗ।

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କ ସମୟରେ କିଟ ଜମି ଜାଲିଆତି ଅଭିଯୋଗ ହୋଇଥିଲା। ଇଷ୍ଟେଟ ଅଫିସରଙ୍କ କୋର୍ଟରେ ମାମଲା ହୋଇଥିଲା। ସରକାରୀ ଜମି, ଜଙ୍ଗଲ ଜମି ଜବରଦଖଲ ଓ ବିନା ଅନୁମତିରେ ନିର୍ମାଣ ଅଭିଯୋଗ ଆସିଥିଲା। ଅଭିଯୋଗ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। କିନ୍ତୁ ପରବର୍ତ୍ତି ସମୟରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶକୁ ତତ୍କାଳୀନ ସରକାର ଚାପି ଦେଇଥିଲେ। ପରେ ବିଜେଡି ଟିକେଟରେ ରାଜ୍ୟସଭା ଏବଂ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

ଅବଶ୍ୟ ଏବେ କିଟ ଓ କିସ ବିରୋଧରେ ଥିବା ବେଆଇନ ଜମି ଜବରଦଖଲ ➪ପୃଷ୍ଠା-୬

## କେବେ ଗିରଫହେବେ ବିକ୍ରମାଦିତ୍ୟ ?



କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ ଛାତ୍ରଛାତ୍ରୀଙ୍କୁ ମାରପିଟ୍ ଘଟଣାରେ ଚାପ ବଢ଼ିବା ପରେ ପୁଲିସ କିଛି ଅଧିକାରୀଙ୍କୁ ଗିରଫ କରିଛି। ମାତ୍ର ମୃତା ନେପାଳୀ ଛାତ୍ରୀଙ୍କ ଅଭିଯୋଗକୁ ଭ୍ରୁକ୍ଷେପ କରିନଥିବା ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ବ୍ୟାପାର ସହ ଜଡ଼ିତ ପଦାଧିକାରୀମାନଙ୍କୁ ଛୁଇଁବାକୁ ପୁଲିସ ସାହାସ କରିପାରିନି। ଯଦିଓ ମୃତା ନେପାଳୀ ଛାତ୍ରୀଜଣକ କିଟ୍ କ୍ୟାମ୍ପସ ପରିସରରେ ଥିବା ଇଂଟରନ୍ୟାସନାଲ ରିଲେସନ୍ ଅଫିସ (ଆଇଆରଓ)ରେ ୩ଥର ଲିଖିତ ଅଭିଯୋଗ କରିଥିଲେ, ପୋଲିସ ଏଦିଗରେ କାହିଁକି ନିରବ ତାହା ସ୍ପଷ୍ଟ ହୋଇପାରୁନି। ଏ ଭିତରେ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ବ୍ୟାପର ଉପସଭାପତି ଭାବେ ଦ୍ୱିତୀ ବିକ୍ରମାଦିତ୍ୟ କୁଆଡେ ଗାଏବ ହୋଇଯାଇଛନ୍ତି।

ସୂଚନା ଅନୁସାରେ, କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ମାରପିଟ୍ ଓ ଜବରଦସ୍ତି ହଷ୍ଟେଲରୁ ବିଦା କରିବା ଘଟଣାରେ ନେପାଳ ସରକାର ଉଦବେଗ ପ୍ରକାଶ କରିବା ପରେ ରାଜ୍ୟ ସରକାର ଆକ୍ସନମୋଡକୁ ଆସିଛନ୍ତି। ଭାରତ ଓ ନେପାଳ ସମ୍ପର୍କ ପ୍ରଭାବିତ ହେବାର ଆଶଙ୍କା କରି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ତେବେ ବିଦେଶ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଉଦ୍ଦିଷ୍ଟ ଇଣ୍ଟରନ୍ୟାସନାଲ ରିଲେସନ୍ ଅଫିସ ଦାୟିତ୍ୱରେ ଥିବା ପଦାଧିକାରୀଙ୍କୁ କାହିଁକି ତଦନ୍ତ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୨୨।୨ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାଇତ୍ୱ ଥିବା ଏସି ଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟଗାର୍ଡ ମଦନ ମୋହନ ହାଁସଦାଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥା ଅଗରନାସୀ ବିଟ ନିକଟରେ ରାଜନନ୍ଦନୀ ନାମକ ଟ୍ରଲର କୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୫ କୁଇଣ୍ଟାଲ ମାଛ, ୧ ଟି ଜି ପି ଏସ, ୩ଟି ଭି ଏଚ ଏଫ, ୧ଟି ଫିସଫାଇଣ୍ଡର, ୧୦ ଟି ଜାଲ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଟ୍ରଲର ଥିବା ମତ୍ସ୍ୟଜୀବୀ ମାନେ ହେଲେ ଅଜିତ କୁମାର ଦେ, ସୁରେଶ ମାଇତି, ବାବୁଲି ଦାସ, ବିନୋଦ ମଳିକ, ମକରନ୍ଦ ମଳିକ, ଶିବ ପ୍ରସାଦ ମଳିକ, ଉମାକାନ୍ତ ମଳିକ, ରମା ମଳିକ ପ୍ରମୁଖ ୮ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଗିରଫ ମତ୍ସ୍ୟଜୀବ ମାନେ କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୨୨।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଲିକଣା ପଂଚାୟତ ଧଣିଆପଲ୍ଲୀ ଗ୍ରାମରେ ଆଜି ଏକ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି । ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା କଥା ଶୁଣା ଯାଉଛି। କେହି କେହି ଏହାକୁ ହତ୍ୟା କରାଯାଇଥିବା କହୁଥିବାବେଳେ କେହି କେହି ଏହାକୁ ଆତ୍ମହତ୍ୟା ବୋଲି କହୁଛନ୍ତି । ଖବର ପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଧୀରଜ ଲେଙ୍କା ଘଟଣାସ୍ଥଳରେ ପହଂଚି ମୃତା ସୌଦାମିନୀଙ୍କ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଗ୍ରାମାଞ୍ଚଳ ଥାନା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି ।

# କିଟ୍ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି



**କେନ୍ଦ୍ରାପଡ଼ା,୨୨।୨ (ସଂଚାର ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ନେପାଳୀ ଛାତ୍ରୀଙ୍କ ଅପମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସିପିଆଇ(ଏମ୍) କେନ୍ଦ୍ରାପଡା ଜିଲ୍ଲା କମିଟି ଅଭିଯୋଗ କରିଛି। ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି ଯେ କ୍ୟାମ୍ପସରେ ଏହିଭଳି ଏକ ଅଭାବନୀୟ ଘଟଣା ପରେ ନିର୍ଦ୍ଦିଷ୍ଟ ଭାବେ ନେପାଳୀ ଛାତ୍ରଛାତ୍ରୀଙ୍କ ପାଇଁ 'ସାଇନ୍ ଡେ' ଘୋଷଣା, ବଳ ପ୍ରୟୋଗ କରି ମାଡ଼ ମାରି କ୍ୟାମ୍ପସରୁ ବିତାଡିତ କରିବା,ବସ୍ ଜରିଆରେ ବିଭିନ୍ନ ରେଳ ଷ୍ଟେସନରେ ନେପାଳୀ ଛାତ୍ରଛାତ୍ରୀଙ୍କୁ ଛାଡିବା ଇତ୍ୟାଦି ଅମାନବୀୟ ଦମନ ମୂଳକ କାର୍ଯ୍ୟାନୁଷ୍ଠାନ କିଟ୍ କର୍ତ୍ତୃପକ୍ଷଙ୍କ ତରଫରୁ ସ୍ପଷ୍ଟ ଦିବାଲୋକରେ କରାଯାଇଛି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି କିଟର କ୍ଷମତାପ୍ରାପ୍ତ ମହିଳା କର୍ମଚାରୀମାନେ ନେପାଳର ଜିଡି ପି/ବଜେଟ୍‌କୁ ନେଇ କଟୁ ଓ ଅପମାନଜନକ ମନ୍ତବ୍ୟ ଦେଇ ନେପାଳୀ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସରୁ ତଡ଼ିବାର ଅଭାବନୀୟ ଦୃଶ୍ୟ। ପରବର୍ତ୍ତୀ ସମୟରେ ପୁଲିସ୍ ଅଭିଯୁକ୍ତ ମାନଙ୍କୁ 'ନାମକୁ ମାତ୍ର' ଗିରଫ କରି ମାତ୍ର ଘଣ୍ଟାଏ ମଧ୍ୟରେ ଜାମିନରେ ଖଲାସ କରିବା ବିଷୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହ ଘେରକୁ ଆସିଛି। ଏହି ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟର'ସର୍ବୋଚ୍ଚ କର୍ତ୍ତୃପକ୍ଷ-ପ୍ରଶାସନ-ପୁଲିସ'ର ମଧୁଚନ୍ଦ୍ରିକା ସ୍ପଷ୍ଟ ହୋଇଯାଇଛି। ସୁତରାଂ ମୃତ୍ୟୁ ବରଣ କରିଥିବା ଜନୈକା ଛାତ୍ରୀଙ୍କ ପରିବାର ଏବଂ ନେପାଳର ନିରୀହ ଛାତ୍ର ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହିତ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବିଷୟ ଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ବିଚାର ବିଭାଗୀୟ ତଦନ୍ତ' କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାକୁ ସିପିଆଇ (ଏମ) କେନ୍ଦ୍ରାପଡା ଜିଲ୍ଲା କମିଟି ଦାବି କରୁଛି। ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଜିଲ୍ଲା ରେଭିନ୍ୟୁ ଅଫିସର କୁଇନ ଜେନା ଗ୍ରହଣ କରିଥିଲେ।

## ମହଙ୍ଗା ପଡ଼ିଲା ଧାନକିଣାରେ ଅନିୟମିତତା ଓ ଚାଷୀଙ୍କୁ ଦୁର୍ବ୍ୟବହାର

# ସମ୍ପାଦକଙ୍କ ବଦଳି ସହ ଏତଲା ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା,୨୨।୨ (ସଂଚାର ବ୍ୟୁରୋ):** ବିଜୟନଗର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଗୋବିନ୍ଦ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ୍ ବେଖାତିର କରିବା ମହଙ୍ଗା ପଡିଛି। ସାତ ଦିନ ମଧ୍ୟରେ କାରଣ ନ ଦର୍ଶାଇ ନିରବ ରହିଥିବାରୁ ତାଙ୍କୁ ନିଲମ୍ବନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅବମାନନା କରିବା ସହିତ ସମବାୟ ନିୟମ କାନୁନ ଉଲଙ୍ଘନ କରିଥିବାରୁ ତାଙ୍କ ନାମରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବିଜୟନଗର ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଧାନ କିଣାରେ ବ୍ୟାପକ ଅନିୟମିତତା ଓ ଚାଷୀଙ୍କୁ ଦୁର୍ବ୍ୟବହାର କରୁଥିଲେ। ଚାଷୀଙ୍କୁ ସେବା ଯୋଗାଇବାକୁ ମୋଟା ଅଙ୍କର ଦରମା ନେଉଥିବା ଗୋବିନ୍ଦ ଚାଷୀମାନଙ୍କୁ କୁକୁର ମାଙ୍କଡ଼ ଭଳି ବ୍ୟବହାର କରୁଥିଲେ। ଯେଉଁଥିପାଇଁ ଚାଷୀମାନଙ୍କୁ ବେଶ୍ ସମସ୍ୟା ଭୋଗିବାକୁ ପଡୁଥିଲା। ଯିଏ ତାଙ୍କୁ



ପ୍ରଶ୍ନ ପଚାରୁଥିଲା ତାଙ୍କୁ ହଇରାଣ କରୁଥିଲେ। ଯାହାଫଳରେ ଚାଷୀମାନେ ଦୀର୍ଘ ଦିନ ଧରି ଅସନ୍ତୋଷ ଦେଖାଇଥିଲେ।

ଏନେଇ ଅଭିଯୋଗ ପାଇ ଉଚ୍ଚ ଅଧିକାରୀମାନେ ସମବାୟ ସମିତିକୁ ପରିଦର୍ଶନରେ ଆସିଥିଲେ। ସମ୍ପାଦକ ଗୋବିନ୍ଦ ଧାନ କିଣାରେ ବ୍ୟାପକ ଅନିୟମିତତା, ପରିଚାଳନା ତ୍ରୁଟି ଓ ଚାଷୀଙ୍କୁ ଦୁର୍ବ୍ୟବହାର କରିଥିବା ଅଧିକାରୀମାନେ ପରିଦର୍ଶନରେ ଆସି ଜାଣିବାକୁ ପାଇଥିଲେ। ଯେଉଁଥିପାଇଁ ଗୋବିନ୍ଦଙ୍କୁ ଚିଠି ନମ୍ବର ୨୬୭ ରେ ୪ ଫେବୃଆରୀ ଦିନ କାରଣ ଦର୍ଶାଅ ନୋଟିସ୍ କରିଥିଲା ପ୍ରଶାସନ। ସମ୍ପାଦକ ଗୋବିନ୍ଦ ସ୍ୱାଇଁ ୧୬ ଦିନ ପରେ ମଧ୍ୟ କାରଣ ନ ଦର୍ଶାଇ ନିରବ ରହିଥିଲେ।

**କାରଣ ଦର୍ଶାଅ ନୋଟିସ୍‌କୁ କରିଥିଲେ ବେଖାତିର**

ଯାହାକୁ ଗୁରୁତର ସହ ନେଇ ଜିଲାପାଳ ଆକ୍ସନ ମୁଡ୍‌କୁ ଆସିଛନ୍ତି। ୨୧ ଫେବୃଆରୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠି ନମ୍ବର ୬୫୫ରେ ଓଡ଼ିଶା କର୍ପୋରେଟିଭ ସୋସାଇଟି ଓ ରେଜିଷ୍ଟର କର୍ପୋରେଟିଭ ସୋସାଇଟି ନିୟମ ଉଲଙ୍ଘନ କରିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସମବାୟ ସମିତି ସଭାପତି ଓ ପରିଚାଳନା କମିଟିଙ୍କୁ ଚିଠି କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ। ତୁରନ୍ତ ଗୋବିନ୍ଦଙ୍କୁ ନିଲମ୍ବନ କରି ତାଙ୍କ ପାଖରୁ ସମସ୍ତ ଦସ୍ତାବିଜ, ହିସାବ ଆଦି ତଥ୍ୟ ହସ୍ତାନ୍ତର କରାଇ ଧାନ କ୍ରୟ ସୁପରିଚାଳନା ପାଇଁ ସମିତି ମଧ୍ୟରୁ ପରବର୍ତ୍ତୀ ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଧାନ କ୍ରୟ ଅଫିସର ଭାବେ ସୁପାରିଶ କରିବା ସହିତ ନିକଟସ୍ଥ ଥାନାରେ ଗୋବିନ୍ଦ ସ୍ୱାଇଁଙ୍କ ନାମରେ ଏତଲା ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।

ଏହି ଖବର ଶୁଣି ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଠି ପ୍ରଶ୍ନ କାହା ଛତ୍ରଛାୟାରେ କାମ କରୁଛନ୍ତି କରିତକର୍ମା ଗୋବିନ୍ଦ ସ୍ୱାଇଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଦଳିଚକଟି ଦେଇ ଏତେ ଦିନ ନିରବ ରହିବା ପଛର କାରଣ କ'ଣ? ଜିଲ୍ଲାପାଳଙ୍କୁ ଖାତିରି କରୁନାହାଁନ୍ତି କାହିଁକି ଗୋବିନ୍ଦ ସ୍ୱାଇଁ? ଜଣେ କୃଷି ସମବାୟ ସମିତିର ସମ୍ପାଦକ ହୋଇ ଯିଏ ଖୋଦ୍ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ପାରିଛି ସେ ଚାଷୀମାନଙ୍କୁ କିପରି ବ୍ୟବହାର କରୁଥିବ ତାହା ଏବେ ଜଳଜଳ ଦିଶୁଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏବେ ଗୋବିନ୍ଦଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଉପରେ ଏବେ ସମସ୍ତଙ୍କର ନଜର।

# ଟାଟା ପାୱାରର ଜୁଲୁମରେ ଅତିଷ୍ଠ ହେଲେଣି ଉପଭୋକ୍ତା

**ଆଳି,୨୨।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଟାଟା ପାୱାର ଦାୟିତ୍ୱ ନେବା ଦିନ ଠାରୁ ସତେ ଯେମିତି ବିବାଦ ପିଛା ଛାଡୁନି। କେବେ ବିଦ୍ୟୁତ ଦର ୟୁନିଟ ପିଛା ବିଦ୍ୟୁତ ଦର ବୃଦ୍ଧି ତ କେବେ

**ସରକାରଙ୍କ ଗଳାରେ କଣ୍ଟା ଟାଟା ପାୱାର**

ଡିଜିଟାଲ ମିଟର ପରିବର୍ତ୍ତେ ସ୍ମାର୍ଟ ମିଟର ଜୋର୍ ଜବରଦସ୍ତ ଲଗେଇବା ହେଉ। ଏବେ ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ଟାଟା ପାୱାର ସାଜିଥିବା ବେଳେ ସେଭଳି ନୂଆ ସମସ୍ୟାରେ ଯୋଡ଼ି ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅରେହିକଣା ପଞ୍ଚାୟତ କୁମ୍ଭାରଟଙ୍କା ଗ୍ରାମରେ।

ଆଳି ବିଜୁଳି ଯୋଗାଣ କେନ୍ଦ୍ର ଅଧିନସ୍ଥ କୁମ୍ଭାରଟଙ୍କା ଗ୍ରାମର ଚିନ୍ମୟ କୁମାର ପାତ୍ରଙ୍କର ଏକ ଜନସେବା କେନ୍ଦ୍ର ଥିବା ବେଳେ ଏହା ପାଇଁ ଏକ ନୂତନ ମିଟର ଲଗାଇବା ପାଇଁ ଆବେଦନ



କରିଥିବା ବେଳେ ମିଟର ଲଗାଇବାକୁ ଆସିଥିବା ଟାଟା କମ୍ପାନୀର କର୍ମଚାରୀମାନେ ତାଙ୍କ ସହ ଏବଂ ତାଙ୍କ ପତ୍ନୀଙ୍କ ସହ ଦୁର୍ବ୍ୟବହାର କରିଛନ୍ତି । ଏ ନେଇ ସେ ଆଳି ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ସେ ଅଭିଯୋଗରେ ଦର୍ଶାଇଛନ୍ତି କି ନୂତନ ମିଟର ଲଗେଇବାକୁ ଆସିଥିବା କର୍ମଚାରୀ ମାନେ ମଦ୍ୟପାନ କରି ଆସିଥିଲେ। ସମ୍ପୃକ୍ତ ହିତାଧିକାରୀ କର୍ମ ବ୍ୟସ୍ତତା ଯୋଗୁଁ ଫୋନ୍ ନ ଉଠେଇ ଥିବାରୁ ଜୋର ଜବରଦସ୍ତ ନୂତନ କନେକ୍ସନ ଦେବାକୁ ଆସିଥିବା କର୍ମଚାରୀମାନେ ପ୍ରଥମେ ପୁରୁଣା ଘରର ମିଟର ବଦଳେଇବାକୁ ଧମକ ଦେଇଥିଲେ । ଦୋକାନରେ ନୂଆ ମିଟର ଲଗେଇବାକୁ ଆସି ବିନା ନୋଟିସରେ ଘରର ମିଟର ପରିବର୍ତ୍ତନ କିପରି ବଦଳାଇବେ, ଦୁଇ ମାସ ହେବ ସେ ଆବେଦନ କରିଥିବା ଏକ କିଲୋ ୱାଟ ନୂତନ କନେକ୍ସନ ପାଇଁ ସେ ଦେଇଥିବା ୬୫୦୦ ଟଙ୍କାର କୌଣସି ରସିଦ ତାଙ୍କୁ ମିଳିନାହିଁ ବୋଲି ବିଷୟକୁ ନେଇ ଚିନ୍ମୟ ଓ ଟାଟା କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ବଚସା ସିସିଟିଭିରେ କଏଦ ହୋଇଛି। ଏ ନେଇ ଜେଇଙ୍କୁ ପ୍ରଥମେ ଫୋନ୍ ଯୋଗେ ସମ୍ପର୍କ କରିବାରୁ ସେ ରୋକଠୋକ କହିଥିଲେ କି ମିଟର ଲଗାଇବାକୁ ଯାଉଥିବା କର୍ମଚାରୀଙ୍କୁ ସେ ଜାଣି ନାହାନ୍ତି। ଏଠି ପ୍ରଶ୍ନ ଉଠେ ସାଧାରଣ ଲୋକଙ୍କ ପ୍ରତି ହେଉଥିବା ଜୁଲମ ଉପରେ ଲୋକ କାହାକୁ ନିଜର ଅଭିଯୋଗ ଜଣାଇବେ। ଦେଖିବାକୁ ବାକି ରହିଲା କେବେ ପାତ୍ର ଦମ୍ପତିଙ୍କୁ ନ୍ୟାୟ ମିଳୁଛି। ସରକାରଙ୍କ ଗଳାରେ କଣ୍ଟା ହୋଇ ଥିବା ଟାଟା ପାୱାର ଉପରେ ପଦକ୍ଷେପ ଗ୍ରହଣ କରାଯିବ ନା ନୀରବ ରହିବେ ?

## ବିନା ସିସିଟିଭିରେ ମାଟ୍ରିକ ପରୀକ୍ଷା

# ସ୍ୱଚ୍ଛ ପରିଚାଳନା ନେଇ ଅଧିକାରୀଙ୍କୁ ଅଭିଯୋଗ

**ମହାକାଳପଡ଼ା,୨୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବହୁ ପୁରାତନ ବୀଣାପାଣି ସ୍କୁଲରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବିନା ସିସିଟିଭି ଶ୍ରେଣୀ ଗୃହରେ ହେଉଛି। ଯେଉଁ ଶ୍ରେଣୀ ଗୃହକୁ କିଛି ଦିନ ତଳେ ସ୍କୁଲର ପ୍ରଧାନ ଶିକ୍ଷକ ବିପର୍ଯ୍ୟସ୍ତ ବୋଲି ଘୋଷଣା କରିଥିଲ ସେହି ଶ୍ରେଣୀଗୃହରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଉଛନ୍ତି। ସ୍କୁଲର ନୂତନ ଶ୍ରେଣୀ ଗୃହରେ ସିସି କ୍ୟାମେରା ଥିବା ସତ୍ତ୍ୱେ ତାହାକୁ ପରୀକ୍ଷା ପାଇଁ ବ୍ୟବହାର କରା ନଯାଇ ବିପର୍ଯ୍ୟସ୍ତ କୋଠରୀରେ ପିଲାମାନଙ୍କୁ ବସାଇ ପରୀକ୍ଷା କରାଇବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଏମିତି ଅଭିଯୋଗ ଆଣି ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ରାଜ୍ୟ ସାଧାରଣ ସଂପାଦକ ଅନନ୍ତ ଚରଣ ରାଉତ। ଏହି ଘଟଣା ଉପରେ ତୁରନ୍ତ ତଦନ୍ତ କରି ଜିଲ୍ଲା ଶିକ୍ଷାଧିକାରୀ ଓ କେନ୍ଦ୍ରାପଡା ଜିଲ୍ଲାପାଳ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନନ୍ତ ଦାବି କରିଛନ୍ତି।



# ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ସଚେତନତା ଶିବିର

**ମହାକାଳପଡ଼ା,୨୨।୨ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ 'ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ' ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଲଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନ୍ନୀତ ଅତିଥିଭାବେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ ସୌମ୍ୟ ପାତ୍ର ଯୋଗଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା କିଭଳି ମାନବ ଶରୀରର ହୃତପିଣ୍ଡ, ଫୁସଫୁସ ଓ ଯକୃତ ପ୍ରଭାବିତ ହୁଏ ତାହାର ବିସ୍ତୃତ ବିବରଣୀ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ପିଏମ -ଉଶା ର ସଂଯୋଜକ ଡ଼ ରଣଜିତ କୁମାର ରାଉତ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଧ୍ୟାପକ ଡ଼ ସୁଶୀଳ କୁମାର ସାହୁ ଓ ଅଧ୍ୟାପିକା ଲିଜାତା ପାଲ ନିଜ ନିଜର ସୁନିଶ୍ଚିତ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ ସଭାକୁ ଅଧ୍ୟାପକ ରାଜେନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଷ୍ଟପ୍ରହରୀ ନାମଯଜ୍ଞ ଓ ହରିହାଟ ମହୋତ୍ସବ

# ଆକର୍ଷଣ କଲା ବିଭିନ୍ନ ବାଦ୍ୟ ଓ ଛଦ୍ମବେଶ

**ଗରଦପୁର,୨୨।୨ (ସଂଚାର ବ୍ୟୁରୋ):** ଅଷ୍ଟପ୍ରହରୀ ଓ ହରିହାଟ ମହୋତ୍ସବ ଗରଦପୁର ବ୍ଲକ ଅଧିନ କିଣିଲୋ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଗ୍ରାମବାସୀଙ୍କ ମିଳିତ ଦ୍ୱାରା ଆୟୋଜିତ ହୋଇଛି ଆଧାତ୍ମିକ କାର୍ଯ୍ୟକ୍ରମ। ଚଳିତ ବର୍ଷ ଅଷ୍ଟପ୍ରହରୀ ଓ ହରିହାଟ ମହୋତ୍ସବ ୨୩ବର୍ଷରେ ପଦାର୍ପଣ କରିଛି। ସୋମବାର ଦିନଠୁ ଚାରିଦିନ ବ୍ୟାପୀ ମହାସମାରୋହରେ ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟ ପ୍ରହରୀ ହରିହାଟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କିଣିଲୋ ଗ୍ରାମର ଥିବା ପ୍ରଭୁ ପଞ୍ଚମୁଖୀ ହନୁମାନଙ୍କ ନିକଟରେ ପ୍ରଥମେ ଏକ ଦିବସୀୟ ଯଜ୍ଞ ଆହୋଜନ କରାଯାଇଥିଲା। ବୁଧବାର ଗ୍ରାମ ଦେବତୀ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସକାଳୁ ଅଖଣ୍ଡ ନାମସଂକୀର୍ତ୍ତନ ଆରମ୍ଭ ହୋଇ ଗୁରୁବାର ସକାଳେ ଶେଷ ହେବା ପରେ ସନ୍ଧ୍ୟାରେ ବହୁ ଆଡମ୍ବର ସହିତ ପୁରାତନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ସୋମବାର ଅପରାହ୍ନ ସମୟରେ ପବିତ୍ର ଚିତ୍ରୋତ୍ପଳା ନଦୀର ନୂଆପଡ଼ା ଘାଟରୁ ବିଶ୍ୱଶାନ୍ତି ମହାଯଜ୍ଞ, ନାମଯଜ୍ଞ ଓ ଘଟ ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରାରେ ସହ ସହ




ସଂଖ୍ୟକ ମହିଳା ଓ ପୁରୁଷ ଯାଇ କିଣିଲୋ ଗ୍ରାମର ପଞ୍ଚମୁଖୀ ହନୁମାନ ମନ୍ଦିର ଏବଂ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଚାରିଦିନ ବ୍ୟାପି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ହରିଭକ୍ତ ଭିଡ଼ ଜମାଇଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ହରିହାଟ ମହୋତ୍ସବ ବିଶେଷ କରି ଅଧିକ ଆକୃଷ୍ଟ କରିଥିଲା । ସଙ୍କୀର୍ତ୍ତନ, ଲଉଡି ଖେଳ, ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ, ପଞ୍ଜାବୀ ବାଦ୍ୟ, ବରିଷ୍ଟ ଓ କୁନି କଳାକାରଙ୍କ ଦ୍ୱାରା ଛଦ୍ମବେ ବେଶ ବହୁ ସଂଖ୍ୟାରେ କଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଟ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର,ରବୀନ୍ଦ୍ର ସାମଲ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ପଦ୍ମପୁର ପଞ୍ଚାୟତ ସରପଞ୍ଚ ଅନୁଷୟା ବେହେରା, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାମଲ, ବିଜେପି ନେତା ମିହିର କୁମାର ସାମଲ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ ସାହୁ,ଚିତ ରଞ୍ଜନ ଚୌଧୁରୀ,ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି । ବିଚାରକ ଭାବେ ନରେଶ ରାଉତ, ରଞ୍ଜନ ରାଉତ ଏବଂ ମୁକ୍ତେଶ୍ୱର ସ୍ୱାଇଁ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉପହାର ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରଘୁନାଥ ବାରିକ । ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଯଜ୍ଞ, ଅଷ୍ଟପ୍ରହରୀ ଓ ହରିହାଟ ଉତ୍ସବ ଦେଖିବା ପାଇଁ ହଜାର ହଜାର ସଂଖ୍ୟାର ହରିଭକ୍ତ ଉପସ୍ଥିତ ରହିବା ସହ ଚାରି ଦିନ ଧରି ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ ।

# ଅକ୍ଷୟ ତୃତୀୟାରେ ଗୋବରୀ ମହୋତ୍ସବ

**କେନ୍ଦ୍ରାପଡ଼ା,୨୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାମାଜିକ ସଂଗଠନ ଗୋବରୀ ସାରସ୍ୱତ ପରିଷଦ ପକ୍ଷରୁ ମାତୃଭାଷା ଦିବସ ପାଳନ କରିବା ସହିତ ଆସନ୍ତା ଏପ୍ରିଲ ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରେ ତୃତୀୟ ବାର୍ଷିକ 'ଗୋବରୀ ମହୋତ୍ସବ' ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ସିଦ୍ଧ ମା' ଛୁଆଳିଆ ଶକ୍ତି ପିଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୫ ଜଣ ବିଶିଷ୍ଟ କବିମାନଙ୍କୁ ସଂମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ସମରେନ୍ଦ୍ର ଜେନା, ମଳୟ, ରଞ୍ଜନ ବାରିକ, ମଦନ କୁମାର ଦାସ, ସଂଗଠନସମ୍ପାଦକ, ଅଧ୍ୟାପକ ତାପସ କୁମାର ରାଉତ, ମଧୁସ୍ମିତା ସ୍ୱାଇଁ, ଆଶାଲତା ସ୍ୱାଇଁ ଏବଂ ଆଭାସୀ ମାଧ୍ୟମରେ ପ୍ରତିଷ୍ଠାତା ସଚିବ ରବୀନ୍ଦ୍ର ସେନାପତି, ସଭାପତି କରୁଣାକର ମଲ୍ଲିକ, ଦ୍ୱାରିକା ନାଥ ବିଶ୍ୱାଳ, ବସନ୍ତ କୁମାର ସାହୁ, ରବୀନ୍ଦ୍ର କୁମାର ସ୍ୱାଇଁ, ବିପ୍ଳବ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ସରପଞ୍ଚଙ୍କ ନିର୍ବାଚନ ପ୍ରତିଶ୍ରୁତି ପାଣିରେ ଗାର ଅଭିଯୋଗ

# ଆଣ୍ଠେଇଛି କଲ୍ୟାଣ ମଣ୍ଡପ

**ଗରଦପୁର,୨୨।୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ବାସୁଦେବପୁର ଠାରେ ଅର୍ଦ୍ଧନିର୍ମିତ ପଞ୍ଚାୟତ କଲ୍ୟାଣ ମଣ୍ଡପ ଦୀର୍ଘ ଦୁଇ ବର୍ଷ ହେବ ମାଟିରୁ ଉଠି ନପାରି ଆଣ୍ଠେଇ ପଡ଼ି ରହିଥିବା ନେଇ ଅଭିଯୋଗ ହୋଇଛି । ଏହାଛଡା ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ଦେଢ଼ ବର୍ଷ ବାକି ଥିବାବେଳେ, ସରପଞ୍ଚଙ୍କ ନିର୍ବାଚନ ପ୍ରତିଶୃତି ପଞ୍ଚାୟତବାସୀଙ୍କ ପାଇ ପାଣିରେ ଗାର ବା ଧୂଆଁବାଣ ଥିଲା ବୋଲି ବଙ୍ଗାଳପୁର ପଞ୍ଚାୟତ କଗ୍ରେସ କମିଟର ପୂର୍ବତନ ସଭାପତି ରମାକାନ୍ତ ସ୍ୱାଇଁ ଓ ଜିଲ୍ଲା କଗ୍ରେସ ପୂର୍ବତନ ଉପସଭାପତି ନିରଞ୍ଜନ ରାଉତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ପଞ୍ଚାୟତ ନିର୍ବାଚନ ବେଳେ ସେତେବେଳର ସରକାରୀ ଦଳର ସରପଞ୍ଚ ପ୍ରାର୍ଥୀ ବା ଏବେକାର ସରପଞ୍ଚ ଅମୀୟ କୁମାର ଜେନା ବାସୁଦେବପୁର ଠାରେ ପ୍ରସ୍ତାବିତ ପଞ୍ଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଏକ ବର୍ଷରେ ଶେଷ ହେବ ବୋଲି ପଞ୍ଚାୟତବାସୀଙ୍କୁ ପ୍ରତିଶୃତି ଦେଇ ନିର୍ବାଚନରେ ବିଜୟୀ ହୋଇଥିଲେ। ହେଲେ ବିଜୟୀ ହେବା ତିନି ବର୍ଷ ପୁରଣ ହୋଇଥିଲେ ମଧ୍ୟ ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ ହୋଇପାରି ନାହିଁ। ଶିଳାନ୍ୟାସକୁ ଦୁଇ ବର୍ଷ ପୁରିଥିଲେ ବି ଅଦ୍ୟାବଧି କେବଳ ଡିପିସି ପର୍ଯ୍ୟନ୍ତ କାର୍ଯ୍ୟ ହୋଇ ମାଟିରେ ଆଣ୍ଠେଇ ପଡିଛି।

ଅପରପକ୍ଷରେ କାହିଁକି କାର୍ଯ୍ୟ ହୋଇ ପାରୁନି ତାହର ତଥ୍ୟ ଏବେ ପ୍ରକାଶ ହେବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଛି । ଏହି ପଞ୍ଚାୟତ ବାସୁଦେବପୁର ଗ୍ରାମର ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ନାୟକ ସୂଚନା ମାଗିଲା ପରେ ସବୁ ତଥ୍ୟ ଗୋଟି ଗୋଟି



କରି ଜଣା ପଡିଯାଇଛି। ଏହି କଲ୍ୟାଣ ମଣ୍ଡପ ପାଇ ପୂର୍ବତନ ସରପଞ୍ଚ ପ୍ରଜେଶ ନାୟକଙ୍କ ଉଦ୍ୟମରେ ସରକାର ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ହେଲେ ଅର୍ଥ ମଞ୍ଜୁର ହୋଇଥିଲ ବି ବାସୁଦେବପୁର ଠାରେ ଉକ୍ତ ମଣ୍ଡପ ପାଇ ଜାଗା ଚିହ୍ନଟ ଓ କାଗଜପତ୍ର କାର୍ଯ୍ୟ ସଠିକ ହୋଇ ନପାରିବା ହେତୁ ଉକ୍ତ ମଣ୍ଡପ କାର୍ଯ୍ୟ ନିର୍ମାଣରେ ବିଳମ୍ବ ହେବା ସହ ସରପଞ୍ଚଙ୍କ କାର୍ଯ୍ୟକଳାପ ଶେଷ ହୋଇ ଯାଇଥିଲା । ତେବେ ପ୍ରଜେଶଙ୍କ ପରେ ଯେଉଁ ସରପଞ୍ଚ ନିର୍ବାଚିତ ହୋଇ ଆସିଲେ ସେ ମଣ୍ଡପ କାର୍ଯ୍ୟ ନିର୍ମାଣ ପାଇ ଟାଳଟୁଳ ନୀତି ଅବଲମ୍ବନ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲା ବୋଲି ସୂଚନା ଅଧିକାର କର୍ମୀ କହିଛନ୍ତି।

ପରବର୍ତ୍ତି ସମୟରେ ମହାମାରୀ କୋଭିଡି ଆସିବା ପରେ ଉକ୍ତ ମଣ୍ଡପ ପାଇଁ ପଞ୍ଚାୟତ ତହବିଲରେ ଥିବା ଗଚ୍ଛିତ ୨୦ ଲକ୍ଷ ଟଙ୍କାକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିଦେବା ବଳରେ ମଣ୍ଡପ କାର୍ଯ୍ୟ ତ୍ୱରାନୀତ ହୋଇ ପାରିଲା ନାହିଁ। ଗତ କୋଭିଡି ସମୟରେ ସରକାରଙ୍କ ପଞ୍ଚାୟତରାଜ ବିଭାଗ ସରପଞ୍ଚ ମାନଙ୍କୁ ଜିଲ୍ଲାପାଳ ଦାଇତ୍ୱ ଦେବା ସହ ୧୪ତମ ଅର୍ଥ କମିଶନ ଓ ସେଣ୍ଟ୍ରାଲ ଅର୍ଥ କମିଶନ ଅନୁଦାନରୁ ମାତ୍ର ୫ ଲକ୍ଷ ଟଙ୍କା ପ୍ରର୍ଯ୍ୟନ୍ତ ଜରୁରୀକାଳୀନ ଓ ମହମାରୀ ସ୍ଥିତିରେ ଖର୍ଚ୍ଚ କରି ପାରିବେ ବୋଲି ଅନୁମତି ଦେଇଥିଲେ। ହେଲେ ପୂର୍ବର୍ତନ ସରପଞ୍ଚ ସବୁ ନୀୟମକୁ ଜଳାଞ୍ଜଳି ଦେଇ ପଞ୍ଚାୟତ ତହବିଲରେ ମଣ୍ଡପ ପାଇ ଗଚ୍ଛିତ ଥିବା ୨୦ ଲକ୍ଷ ଟଙ୍କା ଉଠାଇ ନେଇ କୋଭିଡିରେ ଖର୍ଚ୍ଚ କରିବା ଦ୍ୱାରା ମଣ୍ଡପ କାର୍ଯ୍ୟ ହୋଇ ପାରିଲା ନାହି ବୋଲି ସୂଚନା ଅଧିକାର କର୍ମୀ କହିଛନ୍ତି।

ପରବର୍ତି ସମୟରେ ନୂତନ କରି ନିର୍ବାଚିତ ହୋଇଥିବା ସରପଞ୍ଚ ଅମୀୟ କୁମାର ଜେନା ପଞ୍ଚାୟତ ପାଣ୍ଠିରୁ ଉକ୍ତ ମଣ୍ଡପ ପାଇ ୧୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ଗତ ମାର୍ଚ୍ଚ ୨୦୨୩ରେ ପ୍ରାକ୍ତନ ବିଧାୟିକାଙ୍କ ଦ୍ୱାରା ଶିଳାନ୍ୟାସ କରି ନିଜର ପ୍ରତିଶୃତି ପାଳନ ପାଇ ଚେଷ୍ଟା କରିଥିଲେ । ହେଲେ ଶିଳାନ୍ୟାସକୁ ଦୀର୍ଘ ଦୁଇ ବର୍ଷ ପୁରୁଥିଲେ ଏବେ ସୁଦ୍ଧା ମଣ୍ଡପ ପାଇ ଏକ ଟଙ୍କା ବ୍ୟୟ ବରାଦ ନହେବା ଦ୍ୱାରା ମଣ୍ଡପ କାର୍ଯ୍ୟ ଅଧାପାନ୍ତରିଆ ହୋଇ ପଡି ରହିଛି।

# ନୂତନ ଫୌଜଦାରୀ ଆଇନ ସମ୍ପର୍କରେ ଆଲୋଚନାଚକ୍ର




**କେନ୍ଦ୍ରାପଡ଼ା,୨୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ଦ୍ୱାରା ଆୟୋଜିତ ନୂତନ ଫୌଜଦାରୀ ସଂଶୋଧିତ ଆଇନ ଯାହାକି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଆଲୋଚନା ଚକ୍ର ଜିଲ୍ଲା ଓକିଲ ସଂଘ ସଭାପତି ଆଇନଜୀବୀ ଧ୍ରୁବଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍ ଓ ରାଜ୍ୟ ଆଇନଜୀବୀ ସଂଘର ପୂର୍ବତନ ସଭାପତି ମାନସ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଦସ୍ୟ ତଥା ଭାରତୀୟ ବାର୍ କାଉନ୍‌ସିଲ୍‌ର ପୂର୍ବତନ ଉପାଧ୍ୟକ୍ଷ ଦେବୀପ୍ରସାଦ ଧଳ, ସମ୍ମାନୀତ ଅତିଥି ଭାବେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ବଳ, ପ୍ରାଧ୍ୟାପକ ଚିରଞ୍ଜିବୀ ପଣ୍ଡା, ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ, ଭୀମସେନ ଭୂୟାଁ ଯୋଗଦେଇ ସଂଶୋଧିତ ନୂତନ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଓକିଲ ସଂଘ ସମ୍ପାଦକ ବ୍ରଜସୁନ୍ଦର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଆଇନଜୀବୀ ସୁରେଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଓକିଲ ସଂଘ ଉପ ସଭାନେତ୍ରୀ ସୁଶ୍ରୀ କୁମାରୀ ନାୟକ, ଧିରେନ କୁମାର ସାହୁ, ଅକ୍ଷୟ ନାଥ, ତାରେଣୀ ପାଟ୍ଟଯୋଶୀ, ନେହେରୁ ସାହୁ, ରାଜୀବ ପାତ୍ର, ନିତ୍ୟାନନ୍ଦ ସ୍ୱାଇଁ, ପ୍ରଭାତ ଅଧିକାରୀ, ତମସା ପାତ୍ର, ନିହାର ମହାପାତ୍ର, ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆଇନ ସମ୍ବନ୍ଧୀୟ 'ଇନ୍‌ଫର୍ମେସନ୍ ବ୍ରୋଚର' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଶେଷରେ ଆଇନଜୀବୀ ଗୋବର୍ଦ୍ଧନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜାମରେ ହେବ ୩ ଶୀତଳଭଣ୍ଡାର



**ଛତ୍ରପୁର,୨୨।୨ (ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଗଞ୍ଜାମ ଜିଲା ଗସ୍ତରେ ଆସି ଛତ୍ରପୁର ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ କରିଛନ୍ତି। ଧାନକିଣା ଓ ରାଶନକାର୍ଡ ପାଇଁ ଇ-କେୱାଇସିର ଅଗ୍ରଗତି, ଶୀତଳଭଣ୍ଡାର ନିର୍ମାଣ ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିଥିଲେ। ବିଭାଗର ଥିବା ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ବୈଠକରେ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ପରେ ଯୋଗାଣ ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ଟମାଟୋ ପରେ କଞ୍ଚାଲଙ୍କାର ଅଭାବୀ ବିକ୍ରି ଲାଗି ଚାଷୀ ହନ୍ତସନ୍ତ ହେଉଛନ୍ତି। ଏନେଇ ପ୍ରଶ୍ନ କରିବାରେ ଶୀତଳଭଣ୍ଡାର ନିର୍ମାଣ କରାଯାଇ ଚାଷୀର ଫସଲକୁ ସୁରକ୍ଷିତ କରାଯିବା ସହ ଅଭାବୀ ବିକ୍ରି ରୋକାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଗଞ୍ଜାମ ଜିଲାରେ ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ସବ୍‌ଡିଭିଜନରେ ଗୋଟିଏ ଲେଖାଏ ସମୁଦାୟ ୩ଟି ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଗଞ୍ଜାମ ଜିଲାରେ ୯୦ ପ୍ରତିଶତ ଧାନକିଣା ହୋଇଛି ଏବଂ ୭ ଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ଧାନକିଣା ପ୍ରକ୍ରିୟାରେ ଜିଲାର ଅଫିସରମାନେ ଭଲ କାମ କରୁଛନ୍ତି। ଧାନକିଣାରେ ତ୍ରୁଟି ପରିଲକ୍ଷିତ ହେବା ପରେ ୪୦ରୁ ଉର୍ଦ୍ଧ୍ୱ ମିଲର ଓ ଅନ୍ୟ କେତେକ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଗରିବ ଲୋକେ କିଭଳି ରାଶନ କାର୍ଡ ପାଇବେ, ତା' ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସକାଶେ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଆୟକରଦାତାମାନେ ରାଶନ କାର୍ଡ ହାତେଇଛନ୍ତି, ତା'ର ଫିଜିକାଲ ଯାଞ୍ଚ ପାଇଁ କୁହାଯାଇଛି। ୧ ପ୍ରତିଶତ ସରକାରୀ ଚାକିରିଆଙ୍କ ରାଶନ କାର୍ଡ କଟିଛି। ଅନ୍ୟ ସରକାରୀ ଚାକିରିଆମାନେ ମଧ୍ୟ ସେମାନଙ୍କ ରାଶନ କାର୍ଡ ସରେଣ୍ଡର କରିବାକୁ କୁହାଯାଇଛି। ପ୍ରକୃତ ହିତାଧିକାରୀ ରାଶନ କାର୍ଡ ପାଉ ବୋଲି ସରକାର ଚାହୁଁଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ମାସ ୩୧ ତାରିଖ ସୁଦ୍ଧା ସମସ୍ତେ ଇ-କେୱାଇସି କରାଇନେବା ଉଚିତ। ଯେଉଁମାନେ ଉକ୍ତ ସମୟସୀମା ମଧ୍ୟରେ ଇ-କେୱାଇସି କରିବେ ନାହିଁ, ସେମାନଙ୍କ ରାସନ୍ କାର୍ଡ କଟିବା ନିଶ୍ଚିତ। ବାହାର ରାଜ୍ୟରେ ଥିବା ଦେଢ଼ ଲକ୍ଷ ଲୋକଙ୍କ ଇ-କେୱାଇସି କରାଯାଇଥିବା ମନ୍ତ୍ରୀ କହିଛନ୍ତି। ବୈଠକରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତ ପରିଡ଼ା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ମହାକୁମ୍ଭରେ ବୁଡ଼ ପକାଇବେ ମୁଖ୍ୟମନ୍ତ୍ରୀ

### ରବିବାରଠାରୁ ତିନିଦିନିଆ ୟୁପି ଗସ୍ତ

**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ବିଗତ ଦିନରେ ମହାକୁମ୍ଭରେ ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ବୁଡ଼ ପକାଇଥିବା ବେଳେ ଏହି ସୂଚୀରେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହେବେ। କାରଣ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ ବୋଲି ସୂଚନା ମିଳିଛି। ଏଥିସହ ମୁଖ୍ୟମନ୍ତ୍ରୀ ଅଯୋଧ୍ୟାରେ ପହଞ୍ଚି ଶ୍ରୀରାମ ମନ୍ଦିରରେ ରାମ ଲାଲାଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭମେଳା ଆୟୋଜିତ ହୋଇଥିବା ବେଳେ ଏହା ଆସନ୍ତା ୨୬ ତାରିଖରେ ଶେଷ ହେବ। ଏଥିରେ ଯୋଗଦେବା ସକାଶେ ମୁଖ୍ୟମନ୍ତ୍ରୀ ଆସନ୍ତା ରବିବାର ତିନିଦିନିଆ ଉତ୍ତର ପ୍ରଦେଶ ଗସ୍ତରେ ଯିବେ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଅନେକ କ୍ୟାବିନେଟ୍ ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁକେଶ ଅମ୍ବାନୀଙ୍କ ପରିବାର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇସାରିଛନ୍ତି।



କେନ୍ଦ୍ର ଭାରୀ ଉଦ୍ୟୋଗ ତଥା ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ଭଦ୍ରକରେ ଚଢ଼ାଉ, ଦେହଜୀବୀଙ୍କ ସହ ଗ୍ରାହକ ଓ ମାଲିକ ଗିରଫ

**ଭଦ୍ରକ,୨୨।୨(ସଂଚାର ବ୍ୟୁରୋ):** ସହରର ବିଭିନ୍ନ ସ୍ଥାନରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ପରେ ଭଦ୍ରକ ପୋଲିସ ଶନିବାର ବଡ଼ ଧରଣର ଚଢ଼ାଉ କରିଛି। ସହରର ବିଭିନ୍ନ ହୋଟେଲ ସହ ଅନ୍ୟାନ୍ୟ ସ୍ଥାନରୁ ଅନେକ ଦେହଜୀବୀଙ୍କ ସହ ଗ୍ରାହକ ଓ ମାଲିକଙ୍କୁ ଧରିଛି ପୋଲିସ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏମାନେ କେବଳ ହୋଟେଲେରେ ଏହି କାର୍ଯ୍ୟରେ ଲିପ୍ତ ନଥିଲେ, ବରଂ ଅନେକ ସ୍ଥାନରେ ପାଇଖାନା ଘରକୁ ମଧ୍ୟ ଏଭଳି କାମ ପାଇଁ ବ୍ୟବହାର କରୁଥିଲେ। ତେବେ ଅଭିଯୋଗ ଅନୁସାରେ ଶନିବାର ଭଦ୍ରକ ସିଟି ଡିଏସପି ସମ୍ବିତ ମାଝୀଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ରେଡ୍ କରିଥିଲା। ଶନିବାର ସନ୍ଧ୍ୟାରୁ ଜାରି ରହିଥିବା ଏହି ରେଡ୍‌ରେ ବର୍ତ୍ତମାନ ପର୍ଯ୍ୟନ୍ତ ୩ ଦେହଜୀବୀ ୨ ଯୁବକଙ୍କୁ ଗିରଫ କରାଯାଇଥିବାବେଳେ ଆଗକୁ ଆହୁରି ଅନେକ ଗିରଫ ହେବାନେଇ ପୋଲିସ ସୂଚନା ଦେଇଛି ।

## ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁର
# ଆପରେ ଉପଲବ୍ଧ ହେବ ଅଙ୍ଗନବାଡ଼ି ତଥ୍ୟ

**ସମ୍ବଲପୁର,୨୨।୨(ସଂଚାର ବ୍ୟୁରୋ):** 'ପ୍ରତ୍ୟେକ ଜିଲ୍ଲାରେ ଖୋଲାଯିବ ୱାର୍କିଂ ୱିମନ୍ସ ହଷ୍ଟେଲ। ଏଥିସହ ଅଧିକ ସଂଖ୍ୟକ ୱାନ ଷ୍ଟପ ସେଣ୍ଟର ମଧ୍ୟ ଖୋଲାଯିବ। ଏନେଇ ଜିଲ୍ଲାପାଳ ପ୍ରସ୍ତାବ ଦେଲେ କେନ୍ଦ୍ର ସରକାର ସ୍ୱୀକୃତି ଦେବେ। ଏଥିସହ ଅଙ୍ଗନବାଡି କେନ୍ଦ୍ରକୁ ସ୍ୱତନ୍ତ୍ର ଆପ ଜରିଆରେ ମୋବାଇଲ ସହ ସଂଯୋଗ କରାଯିବ। ଏହାଦ୍ୱାରା ଜିଲ୍ଲାପାଳ ହୁଅନ୍ତୁ କି ଯେକୌଣସି ଉଚ୍ଚପଦସ୍ଥ ଅଧିକାରୀ ଅଙ୍ଗନବାଡି କେନ୍ଦ୍ରର ହାଲଚାଲ ଘରେ କିମ୍ବା ଅଫିସରେ ଥାଇ ଜାଣିପାରିବେ ବୋଲି ଦିନିକିଆ ସମ୍ବଲପୁର ଗସ୍ତରେ ଆସିଥିବା ଅବସରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଛନ୍ତି। ଗତକାଲି ଶ୍ରୀମତୀ ଠାକୁର ସକାଳେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପରେ ସମ୍ବଲପୁର ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ତ୍ରୀ ଓ ପ୍ରସୂତୀ ବିଭାଗ ପରିଦର୍ଶନ କରିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ମହିଳା ଶିଶୁ ବିକାଶ ଉପରେ କେନ୍ଦ୍ର ମନ୍ତ୍ରୀ ସମୀକ୍ଷା ବୈଠକ କରି ଯେଉଁ ସ୍ଥାନଗୁଡ଼ିକରେ ଅଙ୍ଗନବାଡି କେନ୍ଦ୍ର ନାହିଁ, ସେନେଇ ପ୍ରସ୍ତାବ ମଗାଯାଇଥିବା କହିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ କେତେ ଅଙ୍ଗନବାଡି ରହିଛି, କେତେ ଗର୍ଭବତୀ ମା' ଅଛନ୍ତି, ତା'ର ତଥ୍ୟ ରେଜିଷ୍ଟ୍ରରରେ ରହୁଥିଲା। କିନ୍ତୁ ଏବେ ଅଙ୍ଗନବାଡି କେନ୍ଦ୍ରକୁ ଆପ ଜରିଆରେ ମୋବାଇଲ ସହ ସଂଯୋଗ କରାଯିବ। ଏହାଦ୍ୱାରା ଜିଲ୍ଲାପାଳ ହୁଅନ୍ତୁ କି କୌଣସି ଅଧିକାରୀ, ସମସ୍ତେ ଅନଲାଇନରେ ଅଙ୍ଗନବାଡି କେନ୍ଦ୍ରର ହାଲଚାଲ ଜାଣିପାରିବେ। ଅଙ୍ଗନବାଡି କେନ୍ଦ୍ର କେତେଦିନ ଖୋଲିଲା, କେତେ ଛାତ୍ର ପଞ୍ଜିକୃତ ହୋଇଛନ୍ତି ଆଉ କେତେ ଆସିଛନ୍ତି, ସବୁ ତଥ୍ୟ ମୋବାଇଲରେ ରହିବ। ଏଭଳି ଏକ ପଦକ୍ଷେପ ଦ୍ୱାରା ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ସୁପୋଷିତ ଅଭିଯାନ, ୨୦୪୭ ପର୍ଯ୍ୟନ୍ତ ବିକଶିତ ଭାରତ ପାଇଁ ମାତୃବନ୍ଦନା, ନାରୀ ଶକ୍ତି ପରି ଯୋଜନା କେତେଦୂର ସଫଳ ହୋଇଛି, ତା' ମଧ୍ୟ ଜଣା ପଡିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

● ଆମ ବସ୍ ପିଛା ଛାଡୁନି ଅଘଟଣ

## ଅଚାନକ ଅଗ୍ନିକାଣ୍ଡ, ଖୋଲିଲାନି ସେନ୍ସର ଗେଟ୍




**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର 'ମୋ ବସ୍'ର ନାମ ବଦଳାଇ 'ଆମ ବସ୍' କରିଥିଲେ ହେଁ ଏହି ବସ୍‌କୁ ଅଘଟଣ ଛାଡୁନାହିଁ। ଗତ କିଛିଦିନ ହେଲା କ୍ରମାଗତ ଭାବେ ଆମ ବସ୍ ବିଭିନ୍ନ ସମୟରେ ଅଘଟଣର ଶିକାର ହୋଇଆସୁଛି। କେତେକବେଳେ ସ୍କୁଟି ଚାଳିକାଙ୍କୁ ଧକ୍କା ଦେଇ ଏହି ବସ୍ ଜୀବନ ନେଲାଣି ତ ଆଉ କେତେବେଳେ କୁନି ଝିଅ ସାଇକେଲ୍ ଉପରେ ଚଢ଼ି ନିଷ୍ପାପ ଶିଶୁର ପ୍ରାଣ ନେଲାଣି। ଏହି କ୍ରମରେ ଆଜି ଆମ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। କଟକର ଜଗତପୁର ଥାନା ଅଧୀନସ୍ଥ ବିରୂପା ବ୍ୟାରେଜ ନିକଟରେ 'ଆମ ବସ୍'ରେ ଆଜି ଅପରାହ୍ନରେ ଅଚାନକ ଅଗ୍ନିକାଣ୍ଡ ଘଟିଥିଲା। ଏପରି ସ୍ଥିତିରେ ଯାତ୍ରୀମାନେ ଜୀବନ ବିକଳରେ ବାହାରକୁ ଆସିବାକୁ ଉଦ୍ୟମ କରିଥିଲେ ହେଁ ଗେଟ୍ ଲକ୍ ଖୋଲିନଥିଲା। ସମସ୍ତ ଯାତ୍ରୀ ଅଣନିଃଶ୍ୱାସ ହୋଇ ଜୀବନ ବଞ୍ଚାଇବା ସକାଶେ ଝରକା ବାଟେ ବାହାରକୁ ଆସିଥିଲେ। ଫଳରେ କୌଣସି ଯାତ୍ରୀ ଏହି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇନାହାନ୍ତି। ମିଳିଥିବା ସୂଚନାନୁସାରେ, ଓଡିଶାଣୟୁ ୬୫୨୪ ନମ୍ବର ବିଶିଷ୍ଟ ଆମ ବସ୍‌ଟି ଚୌଦ୍ୱାର ଥାନା ଅଧୀନସ୍ଥ ଆଗ୍ରାହାଟରୁ ବାହାରି ବୁଢ଼ାଖିଆ, କଳିଙ୍ଗ ଛକ ଓ ଗନ୍ଧିଛକରୁ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଠାଇ କଟକ ଅଭିମୁଖେ ଆସୁଥିଲା। ତେବେ ବିରୂପା ନଦୀ ଅତିକ୍ରମ କରିବା ପରେ ହଠାତ ଉକ୍ତ ବସ୍‌ରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଯାତ୍ରୀମାନେ ଚିତ୍କାର କରିବାରୁ ଚାଳକ ଗାଡ଼ିକୁ ରାସ୍ତା କଡ଼ରେ ଅଟକାଇଥିଲେ। ସେତେବେଳକୁ ବସ୍‌ରେ ପ୍ରଚଣ୍ଡ ଧୂଆଁ ବାହାରୁଥିଲା। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଗେଟ ବାଟେ ବାହାରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହା ପୂର୍ବରୁ ଗେଟ୍‌ଟି ସେନ୍ସର ଲକ୍ ହୋଇଯାଇଥିଲା। ଯାତ୍ରୀମାନେ କୌଣସି ଉପାୟ ନ ପାଇ ଝରକା ବାଟେ ବାହାରିଥିଲେ। ତେବେ ମରାମତି ହେଉନଥିବାରୁ ନିୟମିତ ଭାବେ ଆମ ବସ୍ ଦୁର୍ଘଟଣାର ଶିକାର ହେଉଛି ବୋଲି ଯାତ୍ରୀମାନେ ଅଭିଯୋଗ କରୁଥିବା ବେଳେ ଏପରି ସମ୍ଭାବନାକୁ ଚାଳକ ମଧ୍ୟ ଅସ୍ୱୀକାର କରିପାରିନାହାନ୍ତି।

● ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ କାବୁ

## ୭ ଗିରଫ, ୨୪ ସୁନା ଚେନ୍ ଜବତ



**ତାଳଚେର,୨୨।୨(ସଂଚାର ବ୍ୟୁରୋ):** ତାଳଚେର ପୁଲିସ ଏକ ଆନ୍ତଃରାଜ୍ୟ ସୁନାଚେନ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ଏହି ଗ୍ୟାଙ୍ଗ୍‌ର ୭ ଜଣଙ୍କୁ ଗିରଫ କରିବା ସହ ପୁଲିସ୍ ୨୪ଟି ସୁନା ଚେନ୍ ଉଦ୍ଧାର କରିଛି। ଏହି ଜବତ ଚେନର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ଟଙ୍କା ହେବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ମହିଳାଙ୍କୁ ଟାର୍ଗେଟ କରି ବିଭିନ୍ନ ସ୍ଥାନରୁ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ କରି ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଚମ୍ପଟ ମାରୁଥିଲେ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଗତ ୧୯ ତାରିଖରେ ତାଳଚେର ବାଘୁଆବୋଲ ଅଞ୍ଚଳରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ୨ ଜଣ ଚୋର ମୋଟର ସାଇକେଲରେ ପଳାଇ ଯାଉଥିବା ବେଳେ ଡେରାଠାରେ ସମ୍ପୃକ୍ତ ପରିବାରର ସଦସ୍ୟ ସେମାନଙ୍କୁ କାବୁକରି ପୁଲିସ ଜିମାଦେଇଥିଲେ। ପରେ ତାଳଚେର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଲୁଟେରା ଗ୍ୟାଙ୍ଗଙ୍କ ସମେତ ଏଥିରେ ସମ୍ପୃକ୍ତି ଥିବା ସୁନା ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସ ଘଟଣାର ତଦନ୍ତ କରି ଚୋରିରେ ସାମିଲ ଥିବା ୭ ଜଣକୁ ଗିରଫ କରିବା ସହ ସେମାନଙ୍କଠାରୁ ୨୪ଟି ସୁନାଚେନ ଜବତ କରିଥିବା ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଏସ୍‌ପି ସୂଚନା ଦେଇଛନ୍ତି ।

## ବଡ଼ଯା'ଙ୍କ ଯକୃତଦାନ ନିଷ୍ଫଳ
## ହସ୍ପିଟାଲ୍‌ରେ ଆଖିବୁଜିଲେ ସାନଯା'



**ସମ୍ବଲପୁର,୨୨।୨(ସଂଚାର ବ୍ୟୁରୋ):** ବଞ୍ଚାଇପାରିଲାନି ବଡ଼ଯା'ଙ୍କ ତ୍ୟାଗ। ତମାମ ପ୍ରଚେଷ୍ଟା ସତ୍ତ୍ୱେ ହସ୍ପିଟାଲ ବେଡ୍‌ରେ ସବୁଦିନ ପାଇଁ ଆଖି ବୁଜିଦେଲେ ସାନଯା'। ବଡ଼ଯା', ନିଜ ସାନଯା'କୁ ଲିଭର ଦାନ କରିଥିବା ଭଳି ସମ୍ବଲପୁରର ପ୍ରେରଣାଦାୟୀ ଘଟଣା ଦିନେ ସାରା ରାଜ୍ୟର ଚର୍ଚ୍ଚା ସୃଷ୍ଟି କରିଥିଲା। ରକ୍ତ ସମ୍ପର୍କ ହୋଇନଥିଲେ ବି ବଡ଼ଯା' ସାନଯା'କୁ ଭଉଣୀଠୁ ବଳି ଭାବି ନିଜର ଯକୃତ ଦାନ କରିଦେଇଥିଲେ। କିନ୍ତୁ ତାଙ୍କର ଏହି ଦାନ ଗତକାଲି ନିଷ୍ଫଳ ସାବ୍ୟସ୍ତ ହୋଇଛି। କାରଣ ଶତଚେଷ୍ଟା ସତ୍ତ୍ୱେ ଗତକାଲି ରାତି ୧୦ଟା ସମୟରେ ସାନଯା' ଉମାକାନ୍ତିଙ୍କ ମୃତ୍ୟୁ ଘଟିଛି।

ସମ୍ବଲପୁର ଝଙ୍କାରପାଲି ଅଞ୍ଚଳର ଉମାକାନ୍ତିଙ୍କ ପେଟରେ ସେପଟିକ୍ ହୋଇ ଯକୃତ ନଷ୍ଟ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୀବନ ବଞ୍ଚାଇବାକୁ ଯକୃତ ପ୍ରତିରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହା ଶୁଣି ତାଙ୍କ ବଡ଼ଯା' ପ୍ରତିମା ପ୍ରଧାନ ସାନଯା'ଙ୍କୁ ଯକୃତ ଦାନ କରିବା ସକାଶେ ଆଗେଇଆସିଥିଲେ। ଗତ ୨୪ ତାରିଖରେ ତାଙ୍କର ଯକୃତ ପ୍ରତିରୋପଣ ହୋଇଥିଲା। ସ୍ୱାର୍ଥ ପାଇଁ ରକ୍ତ ସମ୍ପର୍କ ବଇରୀ ସାଜୁଥିଲେ ହେଁ ସେତେବେଳେ ଏହି ଦୁଇଯା'ଙ୍କ ନିଃସ୍ୱାର୍ଥପର ସମ୍ପର୍କ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

କିନ୍ତୁ ଉମାକାନ୍ତି ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ସ୍ୱାମୀ ସୂଚନା ଦେଇଛନ୍ତି। ଡାକ୍ତରଙ୍କ କହିବାନୁସାରେ, ଉମାକାନ୍ତିଙ୍କ ଯକୃତ ପ୍ରତିରୋପଣ ସଫଳ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସଂକ୍ରମଣ ଯୋଗୁଁ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହୋଇଯାଇଥିଲା। ଏଥିଯୋଗୁଁ ତାଙ୍କର ମୃତ୍ୟୁ ଘଟିଛି। ଉମାକାନ୍ତିଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବିଶେଷକରି ସାନଯା'ଙ୍କ ଜୀବନ ବଞ୍ଚାଇବା ସକାଶେ ସହୃଦୟତା ଦେଖାଇଥିବା ପ୍ରତିମା ଶୋକରେ ବୁଡ଼ିଯାଇଛନ୍ତି।

## କାର୍ ଉପରକୁ ଗୁଳିମାଡ଼, ଯୁବକ ଗୁରୁତର

**ରାଉରକେଲା,୨୨।୨(ସଂଚାର ବ୍ୟୁରୋ):** ଇସ୍ପାତ୍ ନଗରୀ ରାଉରକେଲାରେ ଆଜି ଏକ କାର୍ ଉପରକୁ ଗୁଳି ମାଡ଼ ହେବା ଫଳରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେକ୍ଟର -୪ରେ ଏହି ଗୁଳିକାଣ୍ଡ ଘଟିଛି। ସମ୍ପୃକ୍ତ ଯୁବକଙ୍କ ବେକରେ ଗୁଳି ବାଜିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଆଇଜିଏଚରେ ଭର୍ତ୍ତି କରାଯାଇଛି। ଯୁବକ ଜଣଙ୍କ କୁଆଁର ମୁଣ୍ଡାର ବିଜୟ ଲାକ୍ରା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଗୁଳିମାଡ଼ କରି ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ସେକ୍ଟର ୪ ଅଞ୍ଚଳରେ ବିଜୟ ବାଲି ବେପାର କରିଆସୁଛନ୍ତି। ତେବେ ଆଜି ସନ୍ଧ୍ୟାରେ



ସେ କାରରେ ଯାଉଥିବା ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲା। ତେବେ ଏହା ବିଜୟଙ୍କ ବେକରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗୁଳିକାଣ୍ଡ ଘଟାଇଥିବା ଦୁର୍ବୃତ୍ତ ସମ୍ପର୍କରେ କୌଣସି ସୂଚନା ପାଇପାରିନାହିଁ କି ଗୁଳିକାଣ୍ଡ ପଛର ରହସ୍ୟ ସ୍ପଷ୍ଟ ହୋଇପାରିନାହିଁ।

## ଓଡ଼ିଶୀ ନୃତ୍ୟଶିଳ୍ପୀ ମାୟାଧର ରାଉତଙ୍କ ବିୟୋଗ

### ଶୋକ ବ୍ୟକ୍ତକଲେ ଧର୍ମେନ୍ଦ୍ର ଓ ମୋହନ



**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ଆଉ ନାହାନ୍ତି ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୁରୁ ମାୟାଧର ରାଉତ। ୯୫ ବର୍ଷ ବୟସରେ ନୃତ୍ୟଗୁରୁ ଶ୍ରୀ ରାଉତଙ୍କ ଦେହାନ୍ତ ହୋଇଛି। ଓଡ଼ିଶୀ ନୃତ୍ୟ ପ୍ରତି ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଦିଗରେ ମାୟାଧରଙ୍କ ପ୍ରୟାସ ବେଶ୍ ଗୁରୁତ୍ୱ ବହନ କରିଥିଲା। ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ 'ଏକ୍ସ'ରେ ଶୋକ ବ୍ୟକ୍ତ କରି ସେ ଉଲ୍ଲେଖ କରିଛନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୁରୁ ମାୟାଧର ରାଉତ ବିୟୋଗ ଖବରରେ ମୁଁ ଦୁଃଖିତ ଓ ମର୍ମାହତ। ଓଡ଼ିଶୀକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ପୁନର୍ଜୀବିତ କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ତଥା ଓଡ଼ିଶାର ଅଭିନୟ ଶବ୍ଦକୋଷକୁ ସମୃଦ୍ଧ କରିବାରେ ତାଙ୍କର ଜୀବନବ୍ୟାପୀ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିବା ସହ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ 'ଏକ୍ସ'ରେ ଶୋକ ବ୍ୟକ୍ତ କରି ଓଡ଼ିଶା ନୃତ୍ୟଗୁରୁ ଶ୍ରୀ ରାଉତଙ୍କ ବିୟୋଗ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଦେହାନ୍ତ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

▶ ପହଞ୍ଚିଲେଣି ବିଦେଶାଗତ ଅଲିଭ ରିଡ୍‌ଲେ

# ଅଣ୍ଡାଦାନ ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ବ୍ୟବସ୍ଥା




**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ସମ୍ପ୍ରତି ଅଲିଭ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ସମୟ ଉପନୀତ ହୋଇଥିବା ବେଳେ ଏଥିସକାଶେ ରାଜ୍ୟର ବିଭିନ୍ନ ବେଳାଭୂମିରେ ବିଦେଶାଗତ ଅଲିଭ୍ ରିଡ୍‌ଲେଙ୍କ ଆଗମନ ହୋଇଛି। ହଜାର ହଜାର କିମି ମାଇଲ ଦୂରରୁ ଆସୁଥିବା ଏହି କଇଁଛଙ୍କ ସୁରକ୍ଷା ସହ ନିରାପଦ ଅଣ୍ଡାଦାନ ସକାଶେ ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବାଲେଶ୍ୱରଠାରୁ ଆରମ୍ଭ କରି ବ୍ରହ୍ମପୁର ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି।

କଇଁଛମାନଙ୍କର ସୁରକ୍ଷା ପାଇଁ ଏକାଧିକ ବିଭାଗର କର୍ମଚାରୀଙ୍କୁ ନେଇ କଡ଼ାକଡ଼ି ଭାବେ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସେହିପରି ସମୁଦ୍ର ମଧ୍ୟରେ ତଟ ସୁରକ୍ଷା ବାହିନୀ (କୋଷ୍ଟଗାର୍ଡ) ଏବଂ ସାମୁଦ୍ରିକ ପୁଲିସ ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ବିଶେଷ କରି ବ୍ରହ୍ମପୁର ବନଖଣ୍ଡକୁ ୨ଟି ସ୍ପିଡ୍ ବୋଟ୍ ଓ ଗୋଟିଏ କାଠ ଡଙ୍ଗା ଯୋଗାଇ ଦିଆଯାଇଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଭଡ଼ାରେ ଏକ ଟ୍ରଲର ଅଣାଯାଇଥିବା ବେଳେ ଏକ ଟିପା ଡଙ୍ଗା ଅରଖକୁଦାଠାରେ ନିୟୋଜିତ ହୋଇଛି। ଚଳିତ ବର୍ଷ ଉପକୂଳବର୍ତ୍ତୀ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ବନଖଣ୍ଡ, ରାଜନଗର ପକ୍ଷରୁ ସହାୟତା ନିମନ୍ତେ ୪ଟି ଡଙ୍ଗା ଭଡ଼ାରେ ଅଣାଯାଇଥିବା ବେଳେ ବନ ବିଭାଗ ଗୋଟିଏ ଟ୍ରଲର ମଧ୍ୟ ଯୋଗାଇଦେଇଛି। ଆହୁରି ବାଲେଶ୍ୱର ଜଙ୍ଗଲ ବିଭାଗ ପକ୍ଷରୁ ଡାଗରାରୁ ବାହବଳପୁର ପର୍ଯ୍ୟନ୍ତ ଉପକୂଳ ନିରୀକ୍ଷଣରେ ଦୁଇଟି ପେଟ୍ରୋଲ ଡଙ୍ଗାକୁ ନିୟୋଜିତ କରାଯାଇଛି। ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଧାମରା ଓ ଚାନ୍ଦବାଲି ଉପକୂଳରେ ବନ ବିଭାଗର ଏକ ଦ୍ରୁତ ଓ ମୋଟର ଚାଳିତ କାଠ ବୋଟ୍ ଯୋଗେ ପାଟ୍ରୋଲିଂ ଜାରି ରହିଛି। ପୁରୀ ବନଖଣ୍ଡ ପକ୍ଷରୁ ଚନ୍ଦ୍ରଭାଗାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଉପକୂଳରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଯୋଗାଇ ଦେଇଯାଇଥିବା ସିଡବୋଟ୍‌ରେ ପାଟ୍ରୋଲିଂ କରାଯାଉଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ବାଲେଶ୍ୱର ପ୍ରତିରକ୍ଷା ଗବେଷଣାଗାର (ଡିଆର୍‌ଡିଓ) ଏହାର ଅଧୀନସ୍ଥ ହ୍ୱିଲର୍ ଦ୍ୱୀପ (ଅବଦୁଲ୍ କଲାମ୍ ଦ୍ୱୀପ)ରେ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଆଲୋକର ବ୍ୟବହାର ମଧ୍ୟ ହ୍ରାସ କରିବାକୁ କୁହାଯାଇଛି। ସେହିଭଳି ଭଦ୍ରକ ଡିଭିଜନର ଧାମରା ବନ୍ଦର ଆଲୋକକୁ କ୍ଷୀଣ କରି କଇଁଛଙ୍କ ଯାତାୟାତରେ ଉପୁଜିଥିବା ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନିଆଯାଇଛି।

କଇଁଛ ସୁରକ୍ଷା ତଥା ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ୬ଟି ବନଖଣ୍ଡରେ ୨ଟି ଅନସୋର ଓ ୫ଟି ଅଫସୋର କଇଁଛ ସୁରକ୍ଷା ଶିବିର ସ୍ଥାପନ କରାଯାଇଛି। ସେଗୁଡିକ ହେଲା ବ୍ରହ୍ମପୁର ଜଙ୍ଗଲ ବିଭାଗ ୧୧ଟି ଶିବିର (ଗୋଖରକୁଦା, ପୋଡମପେଟା ଓ ଋଷିକୂଲ୍ୟା ପର୍ଯ୍ୟନ୍ତ), ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୫ଟି ଶିବିର (ନନ୍ଦଳା, ଅରଖକୁଦା, ସାତପଡା ପର୍ଯ୍ୟନ୍ତ), ରାଜନଗର ହେନ୍ତାଳ ବଣ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୧୭ଟି ଶିବିର (ଗହିରମଥା, ହାବେଳି ଖଟି ଏବଂ ଏକାକୁଲା), ବାଲେଶ୍ୱର ଜଙ୍ଗଲ ବିଭାଗ ପକ୍ଷରୁ ୧୦ଟି ଶିବିର (ଡଗରା, କୀର୍ତ୍ତନିଆ ଓ ବାହବଳପୁର), ଭଦ୍ରକ ଜଙ୍ଗଲ ବିଭାଗ ପକ୍ଷରୁଟି ଶିବିର (ଧାମରାରୁ ଚାନ୍ଦବାଲି ପର୍ଯ୍ୟନ୍ତ), ପୁରୀ ଜଙ୍ଗଲ ବିଭାଗ ପକ୍ଷରୁ ୧୫ଟି ଶିବିର (ଅସ୍ତରଙ୍ଗଠାରୁ ଆରମ୍ଭ କରି ଦେବୀ ନଦୀ ମୁହାଣ ପର୍ଯ୍ୟନ୍ତ), ଭଦ୍ରକ ଜଙ୍ଗଲ ବିଭାଗ ପକ୍ଷରୁ ଶିବିର (ଧାମରାରୁ ଚାନ୍ଦବାଲି ପର୍ଯ୍ୟନ୍ତ), ପୁରୀ ଜଙ୍ଗଲ ବିଭାଗ ପକ୍ଷରୁ ୧୫ଟି ଶିବିର (ଅସ୍ତରଙ୍ଗଠାରୁ ଆରମ୍ଭ କରି ଦେବୀ ନଦୀ ମୁହାଣ ପର୍ଯ୍ୟନ୍ତ)।

ଏହି ଶିବିରଗୁଡ଼ିକ କଇଁଛମାନଙ୍କର ଗତିବିଧି ତଥା ଅଣ୍ଡାଦାନ ପ୍ରକ୍ରିୟା ଉପରେ ନଜର ରଖିବା, ବିଶୃଙ୍ଖଳାକୁ ରୋକିବା ଓ ଶିକାରୀ ତଥା ବୁଲା କୁକୁରମାନଙ୍କ ଦ୍ୱାରା ଉପୁଜୁଥିବା ସମ୍ଭାବ୍ୟ ବିପଦର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହାଛଡ଼ା ବ୍ରହ୍ମପୁର ଡିଭିଜନରେ ୫ କିମି ବ୍ୟାପୀ ବେଳାଭୂମିରେ ଅସ୍ଥାୟୀ ତାରବାଡ଼ ଲଗାଯାଇଛି। ଏହାଦ୍ୱାରା ଅଣ୍ଡାଦାନ ନିମନ୍ତେ ଉଦ୍ଦିଷ୍ଟ ଅଞ୍ଚଳକୁ ମଣିଷ ଓ ପଶୁଙ୍କ ପ୍ରବେଶକୁ ରୋକାଯାଇପାରିଛି। ଏଥିସହ ପର୍ଯ୍ୟଟକଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବା ଓ ଅନାବଶ୍ୟକ ବିଶୃଙ୍ଖଳାକୁ ରୋକିବା ପାଇଁ ଗୋଖରକୁଦା ଓ ପୋଡାମପେଟା ନିକଟରେ ଫାଟକ ମଧ୍ୟ ନିର୍ମାଣ କରାଯାଇଥିବା ଜଣାପଡ଼ିଛି।

জীবন অমৃত অনুচিন্তা

ସତକର୍ମର ଫଳ- ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ଯେ, ପ୍ରତ୍ୟେକ ସତ କର୍ମ ହେଉଛି ଗୋଟିଏ ଗୋଟିଏ ଯଜ୍ଞ ସଦୃଶ। ଏହାର ଫଳ ଯଜ୍ଞକର୍ତ୍ତାଙ୍କୁ ମିଳିଥାଏ। ଯିଏ ଯେପରି କର୍ମ କରେ ତାକୁ ସେପରି ଫଳ ପ୍ରାପ୍ତି ହୋଇଥାଏ।

SANCHAR
ସଂଚାର

୪ ରବିବାର ୨୩ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Sunday 23 February 2025 Bhubaneswar


# ସଂଖ୍ୟାଲଘୁ ତୁଷ୍ଟିକରଣ ରାଜନୀତି

ଭାରତରେ ନିଜକୁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ବୋଲି ଦାବି କରୁଥିବା ଅନେକ ନେତା ବା ନେତ୍ରୀ ଧର୍ମନିରପେକ୍ଷତାର ଅର୍ଥ ବୁଝି ନାହାଁନ୍ତି କିମ୍ବା ଜାଣିଶୁଣି ଏହାର ଭୁଲ ସଜ୍ଞା ନିରୁପଣ କରୁଛନ୍ତି। ସେମାନଙ୍କ ଧର୍ମନିରପେକ୍ଷତା ହେଲା କେବଳ ବିଜେପିକୁ ବିରୋଧ କରିବା ବା ହିନ୍ଦୁତ୍ୱକୁ ସମାଲୋଚନା କରିବା। ରାହୁଲ, ମମତା, ଅଖିଳେଶ ଯାଦବ ଏବଂ ଲାଲୁ ଯାଦବଙ୍କ ଭଳି ନେତାମାନେ ସକାଳୁ ରାତି ପର୍ଯ୍ୟନ୍ତ କେବଳ ସଂଖ୍ୟାଲଘୁ ତୁଷ୍ଟିକରଣରେ ମାତିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ହାତେଇବା ହେଉଛି ସେମାନଙ୍କ ଲକ୍ଷ୍ୟ। ଏଥିପାଇଁ ସେମାନେ ଧାରା ୩୭୦ ଉଚ୍ଛେଦ, ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା, ତିନିତଲାକ ବ୍ୟବସ୍ଥାର ଉଚ୍ଛେଦ ଏବଂ ୱାକଫ ବୋର୍ଡର କ୍ଷମତା ସଙ୍କୋଚନ ବା କମନ ସିଭିଲ କୋଡ ପରିବର୍ତ୍ତେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବାକୁ ବିରୋଧ କରୁଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷ କରି ମୁସଲମାନ ସମ୍ପ୍ରଦାୟକୁ ଖୁସି କରିବା ହେଉଛି ସେମାନଙ୍କ ରାଜନୀତିର ଲକ୍ଷ୍ୟ। ଏଥିପାଇଁ ମମତା ବାନାର୍ଜୀ ସରକାର ରାଜ୍ୟ ବଜେଟର ଏକ ବଡ଼ ଅଂଶ ସଂଖ୍ୟାଲଗୁ ସମ୍ପ୍ରଦାୟ ପାଇଁ ଖର୍ଚ୍ଚ କରୁଛନ୍ତି। କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ ଲାଗି ଏହି ତଥାକଥି ଧର୍ମନିରପେକ୍ଷ ଦଳମାନେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ବେଆଇନ ଭାବେ ଭାରତରେ ଥଇଥାନ କରିବାକୁ ସାହାଯ୍ୟ କରୁଛନ୍ତି। ସେମାନେ ଭାରତର ମତଦାତା ସୂଚୀରେ ସାମିଲ ହେଲେ ଏହି ଧର୍ମନିରପେକ୍ଷ ଦଳକୁ ଭୋଟ ଦେବେ। ଏବେ ଚାଲିଥିବା ପ୍ରୟାଗରାଜ ମହାକୁମ୍ଭ ମେଳାକୁ ବିଶ୍ୱର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ମାନେ ଆସୁଛନ୍ତି। ଏବେ ସୁଦ୍ଧା ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୬୦ କୋଟି ଟପିଗଲାଣି। ଏହାକୁ ଏହି ତଥାକଥିତ ଧର୍ମନିରପେକ୍ଷ ସପକ୍ଷବାଦୀମାନେ ସହ୍ୟ କରିପାରୁନାହାଁନ୍ତି। ଲାଲୁ ପ୍ରସାଦ ଯାଦବ ଏହାଖୁ ଫାଲତୁ ବୋଲି କହୁଥିବା ବେଳେ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁ କୁମ୍ଭ କହୁଛନ୍ତି। ଯଦି ଅନ୍ୟ କୌଣସି ଧର୍ମର ଏଭଳି ଏକ ସମାବେଶ ହୋଇଥାଆନ୍ତା, ଲାଲୁ, ମମତା ସେମାନଙ୍କ ପ୍ରତି ଏପରି ମନ୍ତବ୍ୟ ଦେବାକୁ ସାହସ କରିନଥାନ୍ତେ। ହିନ୍ଦୁମାନେ ସହନଶୀଳ। ତେଣୁ ସେମାନେ ଏହାର ଫାଇଦା ଉଠାଉଛନ୍। ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଏବେ ସୁଦ୍ଧା ୬୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି। ଆସନ୍ତା ୨୬ରେ ମେଳା ଉଦଯାପିତ ହେବ। ସେହି ସମୟ ସୁଦ୍ଧା ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦ କୋଟି ଟପିବା ଆକଳନ କରାଯାଉଛି। ୨୬ ତାରିଖ ପବିତ୍ର ମହାଶିବରାତ୍ରି ଅବସରରେ କୋଟିଏରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ ବୋଲି ଆଶା କରାଯାଉଛି। ପ୍ରତି ୧୨ ବର୍ଷରେ ଥରେ ଏହି ମହାକୁମ୍ଭ ଆୟୋଜିତ ହୋଇଥାଏ। ତେବେ ଚଳିତ ବର୍ଷ ମହାକୁମ୍ଭର କିଛିଟା ବିଶେଷତ୍ୱ ରହିଥିଲା। ଏଥର ଏକ ବିରଳ ଯୋଗରେ ଏହି ମହାକୁମ୍ଭ ପଡ଼ିଛି। ଦୀର୍ଘ ୧୪୪ ବର୍ଷ ପରେ ଏହି ସୁଯୋଗ ଆସିଥିଲା। ପୁନର୍ବାର ଏପରି ବିରଳ ସଂଯୋଗ ଲାଗି ଆଉ ୧୪୪ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ସ୍ୱାଭାବିକ ଭାବେ ଏଥର ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅତୀତର ସବୁ ରେକର୍ଡକୁ ଭାଙ୍ଗିଲା। ଏହା ବିଶ୍ୱର ସର୍ବବୃହତ୍ ଧାର୍ମିକ ମେଳା ଭାବେ ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ପାଇବାକୁ ଯାଉଛି। ମହାକୁମ୍ଭ ଅବସରରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ ବୁଡ଼ ପକାଇଛନ୍ତି। ବିଦେଶରୁ ମଧ ଅନେକ ଶ୍ରଦ୍ଧାଳୁ ଏଥର ମହାକୁମ୍ଭ ବୁଲିବାକୁ ଆସିଛନ୍ତି। ସେମାନଙ୍କ ମଧରେ କେବଳ ଏନଆରଆଇ ନୁହଁନ୍ତି, ଅନେକ ଭିନ୍ନ ଧର୍ମର ବ୍ୟକ୍ତି ମଧ ଏହି ବିଶାଳ ମେଳା ଦେକିବାକୁ ଆସିଛନ୍ତି। ଏଥିଲାଗି ଦୀର୍ଘ ଦିନରୁ ପ୍ରସ୍ତୁତି ଚାଲିଥିଲା। ମହାକୁମ୍ଭ କିପରି ଶାନ୍ତି ଶୃଙ୍ଖଳାର ସହ ଆୟୋଜିତ ହେବ ଏବଂ ଶ୍ରଦ୍ଧାଳୁମାନେ କିପରି ସୁରକ୍ଷିତ ଭାବେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ଫେରିବେ ସେଥିଲାଗି ଉଭୟ କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ସଡ଼କ ଏବଂ ରେଳପଥରେ ଶ୍ରଦ୍ଧାଳୁଙ୍କ ପ୍ରୟାଗରାଜ ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରେଳବାଇ ପକ୍ଷରୁ ଏଥିଲାଗି ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯାଇଛି। ସେହିପରି ବିମାନ ଯୋଗେ ପ୍ରୟାଗରାଜ ଯିବାକୁ ସ୍ଥାନୀୟ ବିମାନ ବନ୍ଦରର ବିକାଶ ସହ ଅନେକ ସ୍ୱତନ୍ତ୍ର ବିମାନ ଉଡ଼ାଣ ବ୍ୟବସ୍ଥା ମଧ ହୋଇଛି। ସବୁ କିଛି ଠିକଠାକ ଚାଲିଥିଲେ ମଧ କିଛି ଘଟଣା ହୃଦୟବିଦାରକ ହୋଇଛି। ମୌନୀ ଅମାବାସ୍ୟାରେ ବୁଡ଼ ପକାଇବାକୁ ପ୍ରୟାଗ ରାଜରେ କୋଟିଏୁ ଅଧିକ ଶ୍ରଦ୍ଧାଳୁ ଏକାଠି ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣରେ କର୍ତ୍ତୃପକ୍ଷ ବିଫଳ ହେବାରୁ ଦଳାଚକଟାରେ ୩୦ଜଣ ପ୍ରାଣ ହରାଇଲେ। ଏବେ ଏହି ସଂଖ୍ୟା ୩୭ ବୋଲି କୁହାଯାଉଛି। କିନ୍ତୁ ବାସ୍ତବ ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି। ସମାଜବାଦୀ ପାର୍ଟି ସାଂସଦ ଜୟାବଚ୍ଚନ ଦାବି କରିଛନ୍ତି ଯେ, ପ୍ରୟାଗରାଜରେ ଦଳାଚକଟାରେ ଅନେକ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଅନେକ ମୃତକଙ୍କ ଶବକୁ ଗଙ୍ଗାରେ ଭସାଇ ଦିଆଯାଇଛି। ଏହା କେତେଦୂର ସତ୍ୟ ତାହା ଭିନ୍ନ କଥା। କିନ୍ତୁ ଦଳାଚକଟାରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା ବାସ୍ତବିକ ହୃଦୟବିଦାରକ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଭିଭିଆଇପି ପାସ ବାତିଲ କରାଯାଇଛି। ମେଳା ନିକଟକୁ କୌଣସି ଯାନବାହନ ଛଡ଼ାଯାଉନି। ଏହା ବହୁ ପୂର୍ବରୁ କରାଯିବା ଉଚିତ ଥିଲା। ସେହିପରି ନୂଆଦିଲ୍ଲୀ ରେଳ ଷ୍ଟେସନରେ ପ୍ରୟାଗରାଜ ମହାକୁମ୍ଭ ଯିବା ପାଇଁ ଉଦ୍ୟମରତ ଟ୍ରେନ ଯାତ୍ରୀଙ୍କ ମଧରେ ଦଳାଚକଟାରୁ ୧୮ଜଣ ପ୍ରାଣ ହରାଇଛନ୍ତି ଏବଂ ୧୧ ଜଣ ଆହତ ହୋଇଛନ୍ତି। ରେଳବାଇ କର୍ତ୍ତୃପକ୍ଷ ବିଶେଷ କରି ସ୍ଥାନୀୟ ଷ୍ଟେସନ ପରିଚାଳକଙ୍କ ତ୍ରୁଟି ଯୋଗୁଁ ଏଭଳି ଅଘଟଣ ଘଟିଲା। ଏହା ବ୍ୟତିତ ପ୍ରତିଦିନ ପ୍ରୟାଗରାଜ ଯାଉଥିବା ବା ଫେରୁଥିବା ବେଳେ ଅନେକ ଶ୍ରଦ୍ଧାଳୁ ସଡ଼କ ଦୁର୍ଘଯଣାରେ ପ୍ରାଣ ହରାଉଛନ୍ତି। ମେଳା ସ୍ଥାନରେ ୪ ଥର ଅଗ୍ନିକାଣ୍ଡ ମଧ ହୋଇଛି। ଏତେ ବଡ଼ ଆୟୋଜନ, କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମରେ ଏଭଳି କିଛି ବ୍ୟତିକ୍ରମ ଏବଂ ଅଘଟଣର ଆଶଙ୍କା ଥିଲା। ଏହା ସତ୍ୟ ପ୍ରମାଣିତ ହୋଇଛି। ଏହାକୁ ହାଲୁକା ଭାବେ ବିଚେନା କରାଯିବା ଉଚିତ ନୁହେଁ। କିନ୍ତୁ ଏହାକୁ ନେଇ ରାଜନୀତି ହେବା ମଧ ନିନ୍ଦନୀୟ। ମେଳା ଆୟୋଜନରେ ତ୍ରୁଟିକୁ ବିରୋଧୀ ସମାଲୋଚନା କରିବା ସ୍ୱାଭାବିକ ଏବଂ ଏହାକୁ ସରକାର ଭିନ୍ନ ଦୃଷ୍ଟିରେ ଦେଖିବା ଅନୁଚିତ। କିନ୍ତୁ କିଛି ବିରୋଧୀ ନେତା ଏହାକୁ ନେଇ ଅତି କଟୁ ମନ୍ତବ୍ୟ ଦେଇଛନ୍ତି। ଉଦାହରଣ ସ୍ୱରୂପ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁକୁମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏଭଳି ଶବ୍ଦ ବ୍ୟବହାର କରିବା ଅନୁଚିତ। ଏହାକୁ ମିଛ ଧର୍ମନିରପେକ୍ଷତା ବୋଲି କୁହାଯାଇପାରେ। ପ୍ରୟାଗରାଜ ମହାକୁମ୍ଭ ହେଉଛି ହିନ୍ଦୁ ଧର୍ମାବଲମ୍ବୀଙ୍କ ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ। ଏହାକୁ ସମାଲୋଚନା କରିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ପ୍ରତି ଅପମାନ ଏବଂ ଅବମାନନା। ଲାଲୁ ପ୍ରସାଦ ଯାଦବ ଏହାକୁ ଫାଲତୁ ବୋଲି କହିଛନ୍ତି। ଅଖିଳେଶ ଯାଦବ ମଧ ଏଭଳି କିଛି କଟୁ ମନ୍ତବ୍ୟ ଦେଇଛନ୍ତି ଯାହା ଭୋଟ ରାଜନୀତି ଭଳି ଲାଗୁଛି। ମହାକୁମ୍ଭ କିପରି ସୁରୁଖୁରୁରେ ଶେଷ ହେବ ଏବଂ ଶ୍ରଦ୍ଧାଳୁମାନେ ନିରାପଦରେ ଫେରିବେ ସେଥିଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ। ଆୟୋଜନରେ କିଛି ତ୍ରୁଟି ବିଚ୍ୟୁତି ରହିଛି। ଏଥିଲାଗି ୟୁପି ସରକାର, ରେଳବାଇ କର୍ତ୍ତୃପକ୍ଷ ଉତ୍ତରଦାୟୀ। କିନ୍ତୁ ମହାକୁମ୍ଭ ମେଳାକୁ ଅନ୍ଧ ଭଳି ସମାଲୋଚନା କରାଯିବା ଅନୁଚିତ। ଏହାକୁ କିପରି ଶୃଙ୍ଖଳାର ସହ ପରିଚାଳିତ କରାଯାଇପାରିବ ସେଥିଲାଗି ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଏବଂ ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟମାନେ ସହଯୋଗ କରିବା ଉଚିତ ଥିଲା। ଦଳାଚକଟା ବା ସଡ଼କ ଦୁର୍ଘଟଣାରେ ଜୀବନ ଯିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। କିନ୍ତୁ ଅନ୍ୟ ସମୟରେ ମଧ ଏଭଳି ଅଘଟଣ ହେଉଛି। ଏହାକୁ ରୋକିବା ନିମନ୍ତେ ଭିନ୍ନ ପନ୍ଥା ଅବଲମ୍ବନ କରାଯିବା ଉଚିତ। ଯେତେବେଳେ କୌଣସି ମେଳା, ମହୋତ୍ସବ ବା ଧାର୍ମିକ ସମାରୋହ ଅନୁଷ୍ଠିତ ହେଉଛି ସେତେବେଳେ ସମ୍ଭାବ୍ୟ ଅଘଟଣକୁ ରୋକିବା ନିମନ୍ତେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ। ଦଳାଚକଟା ଭଳି ଘଟଣାକୁ ରୋକିବା ନିମନ୍ତେ ପୋଲିସ ଓ ଜିଲ୍ଲା ପ୍ରଶାସନ ସାମାନ୍ୟ ସଚେତନତାର ସହ ସତର୍କ ହେଲେ, ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିଲେ ଏହାକୁ ରୋକାଯାଇପାରିବ।

# ଗାନ୍ଧୀ ଓ କବିତା


## ଦୁର୍ଗାପ୍ରସାଦ ଆଚାର୍ଯ୍ୟ


ସେପ୍ଟେମ୍ବର ୫ ତାରିଖ, ୧୯୨୫। ଗାନ୍ଧିଜୀ ‘ୟଙ୍ଗ ଇଣ୍ଡିଆ’ ପତ୍ରିକାରେ ‘ଦି ପୋଏଟ୍ ଏଣ୍ଡ ଚରଖା’ ଶୀର୍ଷକରେ ଲେଖାଟିଏ ପ୍ରକାଶ କରିଥିଲେ। ଶୀର୍ଷକର ଏ ‘ପୋଏଟ୍’ ହେଉଛନ୍ତି କବିଗୁରୁ ରବୀନ୍ଦ୍ରନାଥ। କିଛିଦିନ ତଳେ କବିଗୁରୁ ଗାନ୍ଧିଜୀଙ୍କର ‘ଚରଖା’ ପ୍ରେମକୁ କଟାକ୍ଷ କରି ଲେଖାଟିଏ ଲେଖିଥିଲେ ଯାର ଉତ୍ତର ଥିଲା ଗାନ୍ଧିଜୀଙ୍କର ଏଇ ବହୁଚର୍ଚ୍ଚିତ ଲେଖାଟି। ଏ ଦୁଇ ଯୁଗପୁରୁଷଙ୍କର ପରସ୍ପର ପ୍ରତି ଥିଲା ପ୍ରଚୁର ସର୍ତ୍ତହୀନ ଶ୍ରଦ୍ଧା ସମ୍ମାନ। ଦୁହିଁଙ୍କର ମନ, ଦୁହିଁଙ୍କର ଚିନ୍ତା ଚେତନା ଥିଲା ସମଭାବରେ ଆଲୋକିତ ଓ ସତ୍ୟାନ୍ୱେଷୀ। ତେଣୁ, ବିଚାରଧାରାକୁ ନେଇ ଉଭୟଙ୍କର ମତାନ୍ତର ଥିଲେ ବି ଲେଶମାତ୍ର ତିକ୍ତତା ବା ଅସହନଶୀଳତା ନଥିଲା କାହାରି ମନରେ କି କାହାରି ଲେଖାରେ। ଗାନ୍ଧିଜୀ ତାଙ୍କ ଲେଖାଟି ଆରମ୍ଭ କରିଥିଲେ କବିଙ୍କ ପ୍ରଜ୍ଞା, ପ୍ରତିଭା, କାବ୍ୟିକ ସିଦ୍ଧିର ମୁକ୍ତ ପ୍ରଶଂସାରୁ। ସ୍ୱୀକାର କରିଥିଲେ ଯେ କବି ରବୀନ୍ଦ୍ର ଯେପରି ସୁନ୍ଦର, ସୁନ୍ଦର ଶବ୍ଦଫୁଲରେ ଶୋଭନୀୟ କବିତାର ମାଳା ଗୁନ୍ଥି ଦେଇଥାନ୍ତି, ତାହା ସେ କରିପାରିବେ ନାହିଁ କସ୍ମିନ୍‌କାଳେ। କିନ୍ତୁ ସ୍ପଷ୍ଟ କରିଦେଇଥିଲେ ଯେ କବି ତାଙ୍କ ନିଜଗଢ଼ା କୁହୁକ ରାଜ୍ୟରେ ବିଚରଣ କରି ଯେପରି ଅନିର୍ବଚନୀୟ ଆନନ୍ଦ ଅନୁଭବ କରନ୍ତି, ଯେପରି ମୁଗ୍ଧ ବିଭୋର ହୋଇ କଳ୍ପନା-ପୁଷ୍ପକରେ ଭୂମିରୁ ଭୂମା ପର୍ଯ୍ୟନ୍ତ ପ୍ରଦକ୍ଷିଣ କରିଥାନ୍ତି, ସେ ବି ସେମିତି ‘ଚରଖା’ ଚାଳନାର ମୃଦୁ ଗୁଞ୍ଜରଣରେ ମୋହିତ, ବିଭୋରିତ ହୋଇଥାନ୍ତି। ‘ଚରଖା’ର ସେଇ ଗୁଞ୍ଜରଣ ତାଙ୍କ ପାଇଁ ମୋହନବଂଶୀର ସ୍ୱର।

ପାଠକେ ! ଗାନ୍ଧିଜୀ ତାଙ୍କର ଏଇ ଲେଖାଟିରେ ସେ ଜମା ଜଣେ କବି ନୁହଁନ୍ତି ବୋଲି ବାରମ୍ବାର କହିଥିଲେ ମଧ ଦୁନିଆ ଜାଣେ - ଏ ସାବରମତୀର ସନ୍ଥ ଜଣକ ତା’ର ଅନ୍ତର୍ଚେତନାରେ ନିଛକ କବିଟିଏ କେବଳ। ତାଙ୍କ କବିତାର ସ୍ୱର ଓ ଭାଷା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଭାବରସପୂର୍ଣ୍ଣ। ପ୍ରସିଦ୍ଧ ସାହିତ୍ୟ ସମାଲୋଚକ ‘କ୍ଲିନ୍‌ଥ ବ୍ରୁକ୍‌ସ’ କହିଥିଲେ - କବିତାର ଭାଷା ହେଉଛି ବିରୋଧାଭାସ ବା ‘ପାରାଡକ୍ସ’ର ଭାଷା। ଯଦି ତାହା ସତ୍ୟ, ତେବେ ଗାନ୍ଧୀ ହିଁ ଥିଲେ ଜଣେ ଖୁବ୍ କୃତବିଦ୍ୟ କବି -କାରଣ ଅହିଂସା, ସତ୍ୟାଗ୍ରହ, ସନ୍ୟାସୀସୁଲଭ କୃଚ୍ଛ୍ର, କଠୋର ସାଧନା ଓ ସଂଯମ ସହିତ ପ୍ରେମ, କରୁଣା, ଦରଦୀ ମାନବିକତା ପରି ଆପାତତଃ ବିରୋଧି ଭାବବିଚାର ସବୁକୁ ଆପଣାଇ ନେଇ ସେ ନିଜ ଜୀବନକୁ ଗୋଟିଏ ସୁଫି କବିତା କି ବାଉଲ୍ ସଙ୍ଗୀତ ପରି ଅର୍ଥମୟ କରି ଦେଇଥିଲେ। ‘ଚରଖା’ ପରି ନିହାତି ନିରସ, ଗଦ୍ୟମୟ ସାଧନଟି ତାଙ୍କ ପାଇଁ ହୋଇଯାଇଥିଲା ‘ସର୍ବଜନହିତାୟ’ ବା ‘ଉତ୍ତିଷ୍ଠିତଃ ଜାଗ୍ରତ’ର ମହିମ୍ନ ବାର୍ତ୍ତା ପ୍ରସାର କରୁଥିବା ଯୋଗୀକେନ୍ଦରା। ତେଣୁ କିଏ ବା କାହିଁକି ବିସ୍ମିତ ହେବ ଯେତେବେଳେ ଗାନ୍ଧୀ ତାଙ୍କର ଅନ୍ୟ ଏକ ଲେଖାରେ କବିଗୁରୁଙ୍କୁ କହିଥିଲେ - “ଯମୁନାକୂଳର କୁଞ୍ଜବନରେ ଗୋପାଙ୍ଗନାମାନଙ୍କୁ ନୃତ୍ୟରତା କରି ଦେଇଥାନ୍ତି ଆପଣ ମନ୍ଦ୍ରମଧୁର ବଂଶୀସ୍ୱନରେ, ଆପଣଙ୍କ ଲଳିତ କବିତାର ଛନ୍ଦରେ। ମୋ ପାଇଁ କିନ୍ତୁ ମୋ ଚରଖା ହେଉଛି ‘ସୀତା’, ଯିଏ ଅପହୃତା ହୋଇଛି ଜାପାନ୍ ବା ମାଞ୍ଚେଷ୍ଟରର ଦଶମୁଣ୍ଡବିଶିଷ୍ଟ ରାକ୍ଷସ ହାତରେ - ସେଇ ‘ସୀତା’ର ଉଦ୍ଧାର ପାଇଁ ମୁଁ କରିଛି ‘ରାମପଣ’।”

‘ଗାନ୍ଧୀ ଓ କବିତା’ (ଗାନ୍ଧୀ ଏଣ୍ଡ ପୋଏଟ୍ରି) ନାମକ କବିତାଟିଏ ଲେଖିଛନ୍ତି କବି କେ.ସଚ୍ଚିଦାନନ୍ଦନ। ବେଶ୍ ପ୍ରତୀକାତ୍ମକ ଭାବରେ ଆମକୁ ଠିକେ ଠିକେ ଚିହ୍ନାଇ ଦେଇଛନ୍ତି ଗାନ୍ଧିଜୀଙ୍କର ସେ ନିଆରା କବିତ୍ୱର ଦିଗ ଓ ସ୍ୱରୂପ। ସଚ୍ଚିଦାନନ୍ଦଙ୍କ ସେ ସୁନ୍ଦର କବିତାର




ମର୍ମାନୁବାଦଟି ଏହିପରି : “କ୍ଷୀଣକାୟ ‘କବିତା’ ଆସିଛି ଗାନ୍ଧୀଙ୍କ ଆଶ୍ରମକୁ ଗାନ୍ଧୀ ଦର୍ଶନ ପାଇଁ। ଦେଖିଛି- ଏକ ଲୟରେ ଗାନ୍ଧୀ ଚଳାଇ ଚାଲିଛନ୍ତି ଚରଖା। ଚରଖାରେ କାଟୁଥିବା ସୂତା ଲମ୍ବି ଯାଇଛି କାହିଁ କେତେ ଦୂର, ସତେ ଅବା ସ୍ପର୍ଶ କରିବାକୁ ‘ରାମ’ଙ୍କ ପଦଯୁଗଳ। କର୍ମନିଷ୍ଠ ଗାନ୍ଧୀ ମହାତ୍ମା ଦେଖିପାରୁନାହାନ୍ତି ପାଖରେ ଠିଆ ହୋଇଥିବା ‘କବିତା’କୁ। ଆହତ ଅଭିମାନରେ ଅସ୍ପଷ୍ଟ ସ୍ୱରଟିଏ ତୋଳିଛି ସେ- ଉଦ୍ଦେଶ୍ୟ, ବାପୁ ଶୁଣନ୍ତୁ ତା ସ୍ୱର, କ୍ଷଣଟିଏ ଭଲା ଦେଖନ୍ତୁ ତାକୁ। ଧାନଭଗ୍ନ ହୋଇଛି ମହାତପାଙ୍କର। ଆଖି କଣରେ ଚାହିଁଦେଇ ବଡ ଅସହଜ ପ୍ରଶ୍ନମାନ ପଚାରିଛନ୍ତି ‘କବିତା’କୁ - “ତମେ କେବେ ଚରଖାରେ ସୂତା କାଟିଛ? ତମେ କେବେ ସକାଳ ପ୍ରହରରୁ ଚୁଲ୍ଲୀ ମୁଣ୍ଡରେ ବସି ଖାଦ୍ୟ ପ୍ରସ୍ତୁତ କରିଛ? କେବେ ଚୁଲ୍ଲୀରୁ ନିର୍ଗତ ହେଉଥିବା କଳାଧୁଆଁରେ ଅଣନିଃଶ୍ୱାସୀ ହୋଇଛ?” ଅପ୍ରସ୍ତୁତ ହେଲେବି ସାମାନ୍ୟ ଅହଂସ୍ଫୀତ ସ୍ୱରରେ ଆତ୍ମପକ୍ଷ ନେଇ ‘କବିତା’ କହିଛି: “ମୁଁ ଜନ୍ମ ହୋଇଥିଲି ଗହନ ଅରଣ୍ୟରେ; ସ୍ଫୁରିତ ହୋଇଥିଲି ଜଣେ ବ୍ୟାଧର ତୁଣ୍ଡରେ; ବଢ଼ିଥିଲି ଜଣେ ଧୀବରର କୁଟୀରରେ। ମାତ୍ର ବ୍ୟାଧ ଓ ଧୀବର ପରି ଦୁଇ ଶ୍ରମଜୀବୀଙ୍କ ସଂସ୍ପର୍ଶରେ ଆସି ବି କେବେ କରି ନଥିଲି କେଉଁ କର୍ମ ବା ଶ୍ରମ। ହଁ, ମନେ ଅଛି- ପ୍ରଥମରେ ମୁଁ ଥିଲି ରାଜ ଦରବାରରେ। ସେତେବେଳେ ଚେହେରା ମୋର ଥିଲା ସୁନ୍ଦର, ହୃଷ୍ଟପୁଷ୍ଟ। କିନ୍ତୁ ହାୟ ! ଏବେ ମୁଁ ବଞ୍ଚôଚଛି ଭିକାରୀ ସମ- ଅର୍ଦ୍ଧାହାରରେ।” ନିରବରେ ଶୁଣିଲେ ଗାନ୍ଧୀ ‘କବିତା’ର କଥା ଓ ବେଦନା। ହେଲେ ନିର୍ଲିପ୍ତ ଯୋଗୀବର ସେ। ମୃଦୁ ଉର୍ତ୍ସନା ସହ ବାଢ଼ିଦେଲେ ଅମୂଲ୍ୟ ଉପଦେଶଟିଏ: “ବେଶ୍ ହୋଇଛି। ମାତ୍ର ଏତେ ସରି ହେଲା ପରେ ବି ତମେ ଛାଡିନ ପଣ୍ଡିତିଆ ସଂସ୍କୃତ ଭାଷାଟିକୁ। ଏବେ ମୋ କଥା ମାନ, ତମେ ଫେରିପାଇବ ତମର ସ୍ୱାସ୍ଥ୍ୟ, ତମର ରୂପଶ୍ରୀ। ଯାଅ, ଚାଲିଯାଅ ଗୋଟିଏ କେଉଁ ଶସ୍ୟକ୍ଷେତକୁ। ସେଇଠି ଯାଇ ଶୁଣ କୃଷକର ଶ୍ରମଗୀତି। ନେଇ ଆସ ତା’ହାତରୁ ଦାଆ ଓ କୋଦାଳ।” ସହସା ଆତ୍ମୋପଲବ୍ଧି ହେଲା ‘କବିତା’ର। ଛୁଟିଗଲା ସେ ପାଖ ଶସ୍ୟକ୍ଷେତ ଅଭିମୁଖେ। ନିଜେ ହୋଇଗଲା ଶସ୍ୟଦାନାଟିଏ। ପଡ଼ିରହିଲା ମାଟିରେ ଅପେକ୍ଷା କରି କୃଷକର ଆଗମନକୁ। କେତେବେଳେ ଆସିବେ ତା’ର ମୁକ୍ତିଦାତା ! ପହିଲି ମୌସୁମୀ ବର୍ଷାରେ ସ୍ନାତ କୁଆଁରୀ ଭୂଇଁରେ ରୋପିତ କରିଦେବେ ତାକୁ - ଯେଉଁଠି ସେ ଶୋଇ ରହି ସ୍ୱପ୍ନ ଦେଖିଚାଲିବ ଶିବସୁନ୍ଦର ଭବିଷ୍ୟତର।

ଏମିତି ଥିଲେ ଗାନ୍ଧୀ, ଏମିତି ଥିଲା ତାଙ୍କ ଜୀବନଦର୍ଶନ ଓ ଜୀବନକବିତା-ଛନ୍ଦହୀନ ଆଭୂଷଣବିହୀନ। ଗାନ୍ଧୀଙ୍କ ଜୀବନର ମହାକାବ୍ୟ ପାଇଁ ଲୋଡା ନଥିଲା ଲଳିତ ଶବ୍ଦ। ଲୋଡା ଥିଲା ନିରୋଳା କର୍ମ- ଯେଉଁ କର୍ମ ସର୍ବନିମ୍ନ ସ୍ତରରେ ଥିବା ବଞ୍ଚିତ, ଦରିଦ୍ରତମ ମଣିଷର ଲୁହ ପୋଛି ଦେଇପାରିବ। ଗାନ୍ଧୀଙ୍କର କବିତା ଥିଲା କର୍ଷିତ ଭୂମିର ସିଆରରେ। ଶ୍ରମଜୀବୀଙ୍କ ସୂର୍ଯ୍ୟଦଗ୍ଧ ପିଠି ଓ ବକ୍ଷରେ ସେ ପଢ଼ି ପାରୁଥିଲେ ଜୀବନ ସଂଘର୍ଷର ତିକ୍ତ କରୁଣ କବିତା। ପ୍ରକୃତିର ଶ୍ୟାମଳ କୋଳରେ ଦୋଳି ଖେଳୁଥିବା କବିତାର ଝଙ୍କାର ଶୁଣି ପାରୁଥିଲେ ସେ। ଲୋଡା ନଥିଲା କେଉଁ ମନୋରମ ରୂପକ ବା ଚିତ୍ରକଳ୍ପ ତାଙ୍କର। ଗୋଟିଏ ‘ଚରଖା’ କି ‘ମୁଠାଏ ଲୁଣ’କୁ ନେଇ ଲେଖି ଦେଇଥିଲେ ସେ ଅସୁମାରୀ କବିତା। ଏଇ ବିଚିତ୍ର, ଅଦ୍‌ଭୁତକର୍ମା, ଅଦ୍‌ଭୁତଧର୍ମା ମଣିଷ ଜୀବନର ଅନ୍ତିମ ବେଳାରେ ବି ଆମକୁ ଶୁଣାଇ ଦେଇଥିଲେ ତାଙ୍କର ଅନ୍ତିମ କବିତା। ଆତତାୟୀର ଗୁଳି ତାଙ୍କର ବକ୍ଷ ଭେଦ କରୁଥିବାବେଳେ ମୁହଁରେ ତାଙ୍କର ସ୍ୱତଃସ୍ଫୁର୍ତ୍ତ ଭାବରେ ଉଚ୍ଚାରିତ ହୋଇଥିଲା ‘ହେ ରାମ’। ଶାଶ୍ୱତ ଜୀବନର ପ୍ରଣବ ସଙ୍ଗୀତ ଥିଲା ସେ ଦୁଇଟି ଶବ୍ଦ- ଗାନ୍ଧୀ ଜୀବନର ସର୍ବଶ୍ରେଷ୍ଠ କବିତାର ସର୍ବକାଳୀନ ନମୁନା।


**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଡିଆଁ ବାରଙ୍ଗ, କାଦୁଅପଡ଼ା, ଜଗତସିଂହପୁର-୬**
**ମୋବାଇଲ୍: ୯୮୫୩୩୫୫୧୦୭**


# ବିବାଦରେ ନିର୍ବାଚନ କମିଶନ




## ସୌଭାଗ୍ୟ ରଞ୍ଜନ ମହାନ୍ତି


୨୦୨୩ ଡିସେମ୍ବରରେ ପ୍ରଣୟନ କରିଥିବା ଆଇନ ଅନୁସାରେ କେନ୍ଦ୍ର ସରକାର ପୁଣିଥରେ ଯେଉଁଭଳି ଢାଞ୍ଚାରେ ଭାରତର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଏବଂ ନିର୍ବାଚନ କମିଶନର (ଇସି)ଙ୍କୁ ନିଯୁକ୍ତି କରିଛନ୍ତି, ତାହା ବିବାଦୀୟ ହୋଇପଡ଼ିଛି। ଯାହାକି ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ବିରୋଧିଦଳ ନେତା ରାହୁଳ ଗାନ୍ଧୀଙ୍କ ଅନୁରୋଧକୁ ଉପେକ୍ଷା କରି ୨.୧ ମତରେ କେନ୍ଦ୍ର ସରକାର ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ଭାବେ ବିବେକ ଯୋଶୀଙ୍କୁ ନିଯୁକ୍ତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟ ନିର୍ବାଚନ କମିଶନର ପଦବୀରୁ ରାଜୀବ କୁମାରଙ୍କ ଅବସର ପରେ ସିଇସି ପଦ ଖାଲି ପଡ଼ିଥିଲା। ୨୦୨୨ରେ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଧାନମନ୍ତ୍ରୀ, ବିରୋଧି ଦଳ ନେତା ଏବଂ ପ୍ରଧାନ ବିଚାରପତିଙ୍କୁ ନେଇ ଏକ ତିନିଜଣିଆ କମିଟି ମନୋନୟନ କମିଟି ଗଠନ କରିବାକୁ ସର୍ବସମ୍ମତ ରାୟ ଦେଇ ପାର୍ଲିଆମେଣ୍ଟ ନୂତନ ଆଇନ ପ୍ରଣୟନ କରିବା ପର୍ଯ୍ୟନ୍ତ ଏହା ବଳବତର ରହିବା ବୋଲି ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଓ କାର୍ଯ୍ୟାଳୟ ଅବଧି) ଆଇନ ପ୍ରଧାନମନ୍ତ୍ରୀ, ବିରୋଧିଦଳ ନେତା ଓ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ତିନିଜଣିଆ ମନୋନୟନ କମିଟି ଗଠନ ନେଇ ପାର୍ଲିଆମେଣ୍ଟରେ ୨୦୨୩ ଡିସେମ୍ବରରେ ନୂତନ ଆଇନ ପ୍ରଣୟନ କରିଥିଲେ। ଏହି ନୂତନ ଆଇନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ବିରୁଦ୍ଧାଚରଣ କରୁଛି କି ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ, ସାମ୍ବିଧାନିକ ଆବଶ୍ୟକତା ଅନୁଯାୟୀ ପାର୍ଲିଆମେଣ୍ଟ ଆଇନ ପ୍ରଣୟନ କରିବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ କମିଟି ଗଠନ ଅସ୍ଥାୟୀ ଥିଲା। ଆବେଦନକାରୀ ଦର୍ଶାଇଛନ୍ତି ଯେ, ମନୋନୟନ କମିଟି ଗଠନ କ୍ଷେତ୍ରରେ କାର୍ଯ୍ୟପାଳିକାର ହସ୍ତକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲଂଘନ କରିଛି। କେବଳ ଏତିକି ନୁହେଁ, ମନୋନୟନ କମିଟିରେ ପ୍ରଧାନମନ୍ତ୍ରୀ ଓ ଜଣେ କେନ୍ଦ୍ରମନ୍ତ୍ରୀ ରହିବା ନିଯୁକ୍ତି ଓ ସ୍ୱଚ୍ଛତା ଓ ନିରପେକ୍ଷତା ଓ ସ୍ୱାଧୀନତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କହିବା ବାହୁଲ୍ୟ ଯେ, ମନୋନୟନ କମିଟିରେ ପ୍ରଧାନ ବିଚାରପତି ରହିବା ଉଚିତ କି ନୁହେଁ, ତାହା ବିତର୍କ ସାକ୍ଷେପ। କାର୍ଯ୍ୟପାଳିକା ତଥା ପ୍ରଧାନମନ୍ତ୍ରୀଙ୍କ ଦୁଇଜଣ ମନ୍ତ୍ରୀ ମନୋନୟନକାରୀ କମିଟିରେ



ରହିବା ନେଇ ଏବେ ସମାଲୋଚନାର ପାତ୍ର ହୋଇଛି। ଏହି ଆଇନକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ସେତେବେଳେ ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରୀୟା ଆରମ୍ଭ ହୋଇଯାଇଥିବାରୁ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ନିଯୁକ୍ତି ପ୍ରକ୍ରୀୟାରେ ହସ୍ତକ୍ଷେପ କରିବାକୁ ମନା କରିଦେବା ସହ ଫେବୃୟାରୀ ୧୯ରେ ଶୁଣାଣୀ କରିବାକୁ ଦିବସ ଧାର୍ଯ୍ୟ କରିଥିଲେ। ଏବେ ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟ ଶୁଣାଣୀକୁ ସ୍ଥଗିତ ରଖିଛନ୍ତି। ଏବେ ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ଭାବେ ବିବେକ ଯୋଗୀଙ୍କୁ ନିଯୁକ୍ତି ଦେଇଥିବା ଘଟଣାକୁ କମିଟିର ଅନ୍ୟତମ ସଦସ୍ୟ ତଥା ବିରୋଧି ଦଳ ନେତା ରାହୁଳ ଗାନ୍ଧୀ ‘ରାତି ଅଧିଆ’ ନିଷ୍ପତି ବୋଲି ଦର୍ଶାଇବା ସହ ନିଯୁକ୍ତି ପ୍ରକ୍ରୀୟାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ନୂତନ ନିଯୁକ୍ତି ପ୍ରଦାନକୁ ଅସଙ୍ଗତ ଓ ଅପମାନଜନକ ବୋଲି କହିଛନ୍ତି। ଏହା ନିସନ୍ଦେହ ଯେ, ନିର୍ବାଚନ ସଂସ୍ଥା ପରି ବୈଧାନିକ ସଂସ୍ଥାର ନିଯୁକ୍ତି ସ୍ୱଚ୍ଛ ଓ ସନ୍ଦେହମୁକ୍ତ ହେବା ଜରୁରୀ। କିନ୍ତୁ ଗତ କିଛି ବର୍ଷ ଧରି ନିଯୁକ୍ତି ପ୍ରକ୍ରୀୟା ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାମ୍ବିଧାନିକ ସଂସ୍ଥାର ମନୋନୟନକାରୀ କମିଟିରେ ସରକାରୀ କଳର ୨ଜଣ ସଦସ୍ୟ ରହିବା ଏହାର ନିରପେକ୍ଷତା ଓ ସ୍ୱଚ୍ଛତା ପ୍ରତି କେବଳ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶରେ ଗଣତନ୍ତ୍ର ନିର୍ବାଚନର ସୁପରିଚାଳନା ଉପରେ ସର୍ବଦା ପର୍ଯ୍ୟବେସିତ ଥିବାରୁ ନିର୍ବାଚନ କମିଶନ ଅବାଧ, ମୁକ୍ତ, ନିରପେକ୍ଷ ଓ ସ୍ୱଚ୍ଛ ହେବା ସର୍ବାଦୌ ଆବଶ୍ୟକ। କିନ୍ତୁ ଗତ କିଛି ବର୍ଷ ଧରି ନିର୍ବାଚନ କମିଶନଙ୍କ ନିରପେକ୍ଷତା ଓ ସ୍ୱଚ୍ଛତା ପ୍ରତି ଦେଶର ବିରୋଧି ଦଳଗୁଡିକୁ ଓ ବୁଦ୍ଧିଜୀବିମାନେ, ଏପରିକି ନିର୍ବାଚନ କମିଶନର ବହୁ ଅବସରପ୍ରାପ୍ତ ସଦସ୍ୟ ସନ୍ଦେହ ପ୍ରକଟ କରି ଆସିଛନ୍ତି। ଯାହାକି ନିର୍ବାଚନ କମିଶନ ସଂସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନବେ ଦଶକ ଟି.ଏନ.ଶେଷାନଙ୍କ ଭଳି ନିର୍ବାଚନ କମିଶନକୁ ଏକ ସ୍ୱାଧୀନ ନିର୍ଭିକ ନିରପେକ୍ଷ ଆୟୋଗ ଦେଶବାସୀଙ୍କ ନିକଟରେ ଉପସ୍ଥାପିତ କରି ଯେଉଁ ବିଶ୍ୱାସନୀତା ପ୍ରତିଷ୍ଠା କରିଥିଲେ, ଏବେ ସେଥିରେ ହ୍ରାସ ପାଇଛି। ଏଥି ସହ କେନ୍ଦ୍ର ସରକାରଙ୍କ ନିଷ୍ପତି ଏହାର ନିରପେକ୍ଷତାକୁ ଆହୁରି କ୍ଷୁର୍ଣ୍ଣ କରିଛି। ଦେଶର ସର୍ବୋଚ୍ଚ ଅଦାଲତ ଏହା ଉପରେ କି ନିର୍ଦ୍ଦେଶ ଦେବେ, ତାହାକୁ ଏବେ ଅପେକ୍ଷା।


**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**


# ବିଶ୍ୱାସରେ ବିଷ




## ତ୍ରିନାଥ ଓଝା


ସୃଷ୍ଟି ତିଆରି ହୋଇଛି ହଳାହଳ ବିଷରୁ। ଆମ୍ଭ ମାନଙ୍କ ମଧ୍ୟରୁ ଯେଉଁମାନେ ନିଶା ସେବନ କରୁଛୁ ଏହା ମଧ ବିଷ। ଆମ ସୃଷ୍ଟି, ସ୍ଥିତି ମଧ ବିଷ ତେବେ ଆମ୍ଭେମାନେ ଏ ବିଷ ଚକ୍ରରୁ କ’ଣ ମୁକ୍ତ ହୋଇପାରିବା ନାହିଁ? ବର୍ତ୍ତମାନ ସମୟକୁ ଦେଖନ୍ତୁ କେଉଁଠି ପତ୍ନୀ ପତୀକୁ ବିଷ ଦେଲାଣି ତ କେଉଁଠି ଭାଇ ଭାଇକୁ। ଚାକର ମାଳିକକୁ, ତଳ କର୍ମଚାରୀ, ଉପର ବାବୁକୁ ବିଷ ଦେବାକୁ ପଛାଉ ନାହାଁନ୍ତି। ସହୃଦୟ ପାଠକ ବର୍ଗଙ୍କୁ ଏଇଥିପାଇଁ ଏ କଥା ଲେଖୁଛି ଏକ ବ୍ୟକ୍ତିଗତ ଓ ଅଙ୍ଗେନିଭା ଘଟଣାରୁ। ସିଡିଏ ସେକ୍ଟର-୯ସ୍ଥିତ ଶିଶୁ ମନ୍ଦିର ସାମ୍ନାରେ ମୋର ଛୋଟ କାଟିଆ ଗୁଜୁରାଣର ଦୋକାନଟି। ଆମ ପଡ଼ୋଶୀ ଭାବେ ଜଣେ ଭଦ୍ର ମହିଳା ରାସ୍ତାରେ ଜନ୍ମ ନେଇଥିବା ଚାରଟି ଅସହାୟ କୁକୁର ଛୁଆଙ୍କୁ ଜନ୍ମ ସମୟରୁ ହିଁ ବେଶ ଆଦର ଯତ୍ନ କରି ବଢ଼ାଉଥିଲେ। ଏପରିକି ତାଙ୍କ ଶ୍ୱଶୁରଙ୍କ ପରଲୋକ ହୋଇଥିଲେ ମଧ ସେ କୁକୁର ଛୁଆଙ୍କ ପାଇଁ ମୋତେ ଦାୟିତ୍ୱ ନ୍ୟସ୍ତ କରି ତାଙ୍କ ଗାଁକୁ ଯାଇଥିଲେ। ସେ ଚାରଟି ଛୁଆଙ୍କ ଭିତରୁ ଗୋଟିଏ ଛୁଆଟି ଗାଡ଼ି ଧକ୍କାରେ ଜୀବନ ହାରିଲା। ଆଉ ଯେଉଁ ତିନୋଟି ରହିଲେ ତାଙ୍କ ମାଆ ସମେତ ସେ ତିନୋଟି ପିଲାକୁ ଶୀତ ଥଣ୍ଡା ଭିତରେ ନିୟମିତ ଖାଇବା ସହିତ ବେଶ ସଯତ୍ନ ସ୍ନେହ ଆଦର କରୁଥିଲେ। ଏହି ଦୁଇଦିନ ତଳେ ସେମାନଙ୍କ ଭିତରୁ ଗୋଟିଏ ଛୁଆ ଅଚାନକ ରୁଗଣ ହୋଇଗଲା। ସେ ଭଦ୍ର ମହିଳାଙ୍କୁ ମୁଁ ଲକ୍ଷ୍ୟ କରୁଥାଏ ସେ ବେଶ ବିଚଳିତ ହୋଇ ନିଜ ପିଲାଙ୍କ ପରି ଯତ୍ନ ଆଦରରୁ ସାମାନ୍ୟ ବିଚ୍ୟୁତି ନହୋଇ ମଣିଷ ପିଲାଙ୍କ ପରି ସ୍ନେହ ଆଦର କିନ୍ତୁ ବଢ଼ାଇ ଚାଲିଥିଲେ। ମୁଁ ଲକ୍ଷ୍ୟ ରଖିଛି ତାଙ୍କ ଭାବ ପ୍ରବଣତା ଏତେ ଗମ୍ଭିର ଯେ କୌଣସି କୁକୁର ଛୁଆକୁ କୌଣସି ବାହାର ଲୋକ ବା ଗାଡ଼ିର ସାମାନ୍ୟ ଆଘାତ ସିଏ ସହ୍ୟ କରିପାରନ୍ତି ନାହିଁ। ସେମାନଙ୍କ ସହ ବେଶ ଯୁକ୍ତିତର୍କ ମଧ କରିବାକୁ ପଛେଇ ନଥାନ୍ତି। ଗୋଟିଏ ଛୋଟ ଛୁଆଟି ଅସୁସ୍ଥ ହୋଇଗଲା ପରେ ସେ ସ୍ଥାନୀୟ ପଶୁ ଡାକ୍ତରଙ୍କ ସାହାଯ୍ୟ ମଧ ନେଲେ। ହେଲେ ଅଚାନକ ସେ ଛୋଟ କୁକୁର ଛୁଆଟି ସହ ତାର ଅନ୍ୟ ଦୁଇ ଛୁଆ ସମସ୍ତେ ଏକା ଦିନକେ ହିଁ ମରିଗଲେ। ଏବେ ପ୍ରବଳ ଥଣ୍ଡା ପଡ଼ିଛି ଅନେକ ସମୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ କୁକୁର ଛୁଆ ମାନଙ୍କୁ ଖାଦ୍ୟ ନ ଦେଇ ନିଜେ ବିଶ୍ରାମ ନେବାକୁ ଯାଆନ୍ତି ନାହିଁ କିମ୍ବା ତାଙ୍କ ଘର ତାଲା ପଡ଼େ ନାହିଁ। ରାସ୍ତାକଡ଼ର ଚାରଟି କୁକୁର ଛୁଆ ପ୍ରତି ତାଙ୍କର ଭଲ ପାଇବା ଓ ମୁକ ପଶୁ ମାନଙ୍କ ପ୍ରତି ତାଙ୍କ ଆବିଳତା ମୋତେ ଆଶ୍ଚର୍ଯ୍ୟ କରିଦେଇଥିଲା। ସାମାନ୍ୟ ମାତ୍ର ଘୃଣା ନକରି କୁକୁର ଛୁଆଁଙ୍କୁ ସେ ହାତରେ ଧରି ତାଙ୍କୁ ମଣିଷ ପିଲାଙ୍କ ପରି ସ୍ନେହ ଆଦରର ଦୃଶ୍ୟ ମୋତେ ବିଚଳିତ କରିଦେଇଥାଏ।

ତେବେ ଅସଲ ଆଲୋଚନାଟି ଏଇଠୁ ମୁଁ ଆରମ୍ଭ କରୁଛି। କେହି ଖାଦ୍ୟରେ ବିଷ ଦେଇ ସେ ମାଆ କୁକୁରଟିର ତିନୋଟି ଛୁଆକୁ ମାରି ଦେଇଥିବାର ଆଶଙ୍କା କରି ସେ ଭଦ୍ର ମହିଳା ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଲେ। ଏକ ପ୍ରକାର ଶୋକ ଜର୍ଜରିତ ଭାବନାରେ ତାଙ୍କ ଅସହାୟତା ଭିତରେ କିନ୍ତୁ ମୁଁ ଲକ୍ଷ୍ୟ କରୁଥାଏ ତାଙ୍କର ଏ କଥା କହିପାରୁନଥିବା ପଶୁ ମାନଙ୍କ ପ୍ରତି ଏପରି ଅମାପ ସ୍ନେହ। ସେ ଭଦ୍ର ମହିଳାଙ୍କ ପରିବାର ଜଣେ ଧର୍ମାଶ୍ରୀତ ପରିବାର। ପଶୁପକ୍ଷୀ କ’ଣ ସ୍ଥାନୀୟ ପଡ଼ୋଶୀ, ଅତିଥି ଓ ଅଭ୍ୟାଗତ, ଅସହାୟ, ଦୁଆର ମୁହଁକୁ ଆସିଥିବା ଭିକାରୀ ଯିଏ ବି ହୁଅନ୍ତୁ କାହାଙ୍କୁ ସେ ଖାଲି ହାତରେ ଫେରାନ୍ତି ନାହିଁ। ତେବେ ତାଙ୍କ ଆଶଙ୍କା ଯଦି ସତ ହୋଇଥାଏ! ସତରେ ସେ ମୁକ ତିନୋଟି କୁକୁର ଛୁଆଙ୍କୁ କ’ଣ କିଏ ବିଷ ଦେଇଦେଲା? କ’ଣ କ୍ଷତି କରୁଥିଲେ ଏହି ତିନୋଟି କୁକୁର ଛୁଆ? ଆମେ ଭଲ ଭାବେ ଜାଣିଛେ ମଣିଷ ଜୀବନରେ ମଣିଷ ଠାରୁ କୁକୁର ବେଶୀ ବିଶ୍ୱସ୍ତ। ମାଲିକର ସୁରକ୍ଷା ପାଇଁ କୁକୁରଟି ଜୀବନ ଦେଇ ଦଉଥିବାର ଅନେକ ଘଟଣା ଆମେ ଦେଖିଛୁ ଓ ଶୁଣିଛୁ ମଧ। କୁକୁର ଠାରୁ ବିଶ୍ୱସ୍ତ, ଅନୁଗତ ଓ ସେବାକାରୀ ଏ ସୃଷ୍ଟିରେ କେହି ନାହାନ୍ତି। ସତରେ ଏ ଦୁନିଆରେ ବିଷର ଭାବନା କାହିଁକି ରହିଛି? କେଉଁଠି କ୍ଷମତା ପାଇଁ ବିଷ, କେଉଁଠି ଜାଗା ଖଣ୍ଡେ ପାଇଁ ବିଷ। ମୁଁ ମୁଣ୍ଡ ଗୁଞ୍ଜିଥିବା ଆମ ଧବଳେଶ୍ୱର ଗଡ଼ା କଥାଟି ବି ଲେଖୁଛି। ସେଠି ନିରୀହ ଅସହାୟ ଲୋକ କିଛି ଠକଙ୍କ ବିଷ ଜାଲରେ ପଡ଼ି ସରକାରୀ ଜାଗାରେ ମୁଣ୍ଡ ଗୁଞ୍ଜିଲେ ଏବେ ସେ ବିଷଚକ୍ର ଭାଙ୍ଗି ଏକ ପ୍ରକାର ତଦନ୍ତର ତାଣ୍ଡବ ଆରମ୍ଭ ହୋଇଗଲାଣି। ମଣିଷ ବଞ୍ଚିଛି ଯେତିକି ପର୍ଯ୍ୟନ୍ତ ସର୍ବନିମ୍ନ ଜୀବନ ନେଇ ଅତିବାହିତ କରିବାରେ ବିଷଚକ୍ରକୁ ବାଦ ଦେଇ ଜୀବନ ବଞ୍ଚିବା ବା ହିଁ ଅସଲ ଜୀବନ। ବିଷଚକ୍ରର ମୃତ୍ୟୁ ଜାଲ ଭିତରେ ସେ ତିନୋଟି କୁକୁର ଛୁଆଙ୍କ ପରି ଆମ୍ଭେ ମାନେ ମଧ ଅନ୍ୟ ମାନଙ୍କ ବିଷ ଜାଲରେ ପଡୁଛେ। ଦିନ ଦି’ପ୍ରହରରେ ସାମ୍ନାରେ ମିଠା କଥା କହି ପେଟ ଭିତରେ ଆଉ ମନ ଭିତରେ ବିଷ ରଖି କୋଳେଇ ନେଉଥିବା ବନ୍ଧୁ ମାନଙ୍କୁ ଆମେ ବି ଚିହ୍ନିପାରୁନେ। ସେମାନଙ୍କର ସମାଜରେ ପ୍ରତିଷ୍ଠା ଅଛି, ବ୍ୟାଙ୍କରେ ଭଲ ବାଲାନ୍ସ ବି ଅଛି, ସୁନାରୂପାରେ କମ ନାହିଁ, ଘରବାଡ଼ି, ଥାଟବାଟ, ପ୍ରତିପତ୍ତି, ବାହୁବଳ କେଉଁଥିରେ କମ ନାହିଁ କିନ୍ତୁ ମନ ଭିତରେ ବିଷ। ସମ୍ପତ୍ତିରେ, କ୍ଷମତାରେ, ବାହୁବଳରେ ମିଛର ମିଥ୍ୟା ଚନ୍ଦନ କ’ଣ ପାଇଁ? ବାସ୍ତବରେ ବିଷଚକ୍ରରୁ ମୁକ୍ତି ପାଇବା ପାଇଁ ଆମ୍ଭ ମାନଙ୍କ ସାମ୍ନାରେ ସହଜତମ ରାସ୍ତା ମଧ ରହିଛି। ସର୍ବନିମ୍ନ ଜୀବନ ବଞ୍ଚିବା, ବାପା-ମାଆଙ୍କ ଜୀବନ୍ତ ଭଗବାନଙ୍କ ଆଶୀର୍ବାଦ ନେଇ ସତକର୍ମ ଓ ସତପଥରେ ଚାଲିଲେ ଆମ ସାମ୍ନାରେ ବିଷ କଣ୍ଟା କେହି ବି ପକାଇବାକୁ ସମର୍ଥ ହୋଇପାରିବେ ନାହିଁ। ସେ ବିଷ କଣ୍ଟାରୁ ଆମ୍ଭେମାନେ ନିଶ୍ଚୟ ମୁକ୍ତି ପାଇପାରିବା। ଆଜିର ବିଷଚକ୍ରର ଆଲୋଚନା ସେହି ମୁକ ତିନୋଟି କୁକୁର ଛୁଆଙ୍କ ପାଇଁ ସମର୍ପିତ କରୁଛି। ଭଗବାନ ସେମାନଙ୍କ ସମ୍ଭବତଃ ଜୀବନ ଚକ୍ରରୁ ମୁକ୍ତି ଦେଇ ଅନ୍ୟ କେଉଁ ଏକ ଜୀବନ ପାଇଁ ସମ୍ଭବତଃ ପ୍ରସ୍ତୁତ କଲେ। ସେ ଅମର ଆତ୍ମାଙ୍କ ପ୍ରତି ମୋର କୋଟି କୋଟି ପ୍ରଣାମ ଏବଂ ମୁକ ପଶୁ ମାନଙ୍କୁ ଅନାବିଳ ନିଃସ୍ୱାର୍ଥପର ମମତାର ଡୋରିରେ ବାନ୍ଧି ପାରିଥିବା ସେହି ଭଦ୍ର ମହିଳାଙ୍କୁ ମଧ ନମସ୍କାର ଓ ଧନ୍ୟବାଦ ଜଣାଉଛି।


**ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ**
**ମୋବାଇଲ୍: ୯୨୩୮୬୦୨୮୨୫**

## ଲୁଇସଭିଲେ ମୋଟର ଭେଇକିଲ୍ ଅଫିସରେ ଗୁଳିମାଡ଼, ୩ ମୃତ



**ନୂଆଦିଲ୍ଲୀ,୨୨।୨:** ଆମେରିକାର ଲୁଇସଭିଲେରେ ଥିବା ମୋଟର ଭେଇକିଲ୍ ଅଫିସରେ ଗୁଳିମାଡ଼। ଫଳରେ ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏନେଇ ଲୁଇସଭିଲେ ମେଟ୍ରୋ ପୋଲିସଙ୍କ ସୂଚନା ଅନୁଯାୟୀ, ଅଧିକାରୀମାନେ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କୁ ମୃତ ଏବଂ ଅନ୍ୟ ଦୁଇଜଣଙ୍କୁ ଆହତ ହୋଇଥିବା ପାଇଥିଲେ। ଆହତ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା ହେଲେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଆକ୍ରମଣକାରୀ ଘଟଣାସ୍ଥଳରୁ ଖସି ପଳାଉଥିବା ବେଳେ ଘଟଣାର ତଦନ୍ତ କରୁଛି ପୋଲିସ। ସେହିପରି ଗତ ମାସରେ ନ୍ୟୁଅର୍ଲିନ୍ସରେ ଏକ ଦୁଃଖଦ ଦୁର୍ଘଟଣା ଘଟିଥିଲା। ସେଠାରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ଭିଡ଼ରେ ପଶିଥିଲା। ରିପୋର୍ଟ ଅନୁସାରେ, ଡ୍ରାଇଭର ଟ୍ରକରୁ ଓହ୍ଲାଇବା ମାତ୍ରେ ସେ ଭିଡ଼ ଉପରେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଏହି ଦୁର୍ଘଟଣାରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାଟି ବର୍ବନ ଷ୍ଟ୍ରିଟ୍ ଏବଂ ଆଇବରଭିଲ୍ ଛକରେ ଘଟିଥିଲା । ଏନେଇ ଏଫବିଆଇ ଏହି ମାମଲାର ତଦନ୍ତ କରିଥିବା ବେଳେ ସ୍ଥାନୀୟ ପୋଲିସ କହିଛି ଯେ, ଏହା ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ। ଗୁଳି ଚଳାଉଥିବା ଡ୍ରାଇଭରଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ଯେଉଁ ଭିଡିଓଟି ସାମ୍ନାକୁ ଆସିଥିଲା।

● ଡିଜିଟାଲ ପ୍ଲାଟଫର୍ମ ପାଇଁ ଆଣାଯିବ କଡ଼ା ନିୟମ

## ଆହ୍ଲାବାଦିଆ ମାମଲା ପରେ ଚେତିଲେ ସରକାର

**ନୂଆଦିଲ୍ଲୀ,୨୨।୨:** ୟୁଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କ ଗାଳିରେ ବୋଧହୁଏ ଶନି ଚଳୁଛି। ବିବାଦ ତାଙ୍କ ପିଛା ଛାଡ଼ିବାର ନାଁ ବି ନେଉନି। ତାଙ୍କୁ ନେଇ ସଂସଦୀୟ କମିଟି ନିଜ ରାୟ ଦେବାପରେ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଚେତା ଫେରିଛି। ଖବର ମୁତାବକ ଡିଜିଟାଲ ପ୍ଲାଟଫର୍ମ ଗୁଡ଼ିକରେ ପ୍ରସାରିତ ହେଉଥିବା ଅଶ୍ଳୀଳତା ଓ ହିଂସାତ୍ମକ ଭିଡିଓକୁ ନିୟନ୍ତ୍ରଣରେ ଆଣିବାକୁ ମନ୍ତ୍ରଣାଳୟ ପୁରୁଣା ନିୟମ ବଦଳେଇ ନୂଆ ନିୟମ ଆଣିବାକୁ ଯାଉଛି। ଏନେଇ ମନ୍ତ୍ରାଳୟ ପକ୍ଷରୁ ପୂର୍ବରୁ ଥିବା ନିୟମକାନୁନ ଗୁଡ଼ିକର ପୁନଃପର୍ଯ୍ୟବେକ୍ଷଣ କରାଯାଉଛି ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ବିଭିନ୍ନ ଅନଲାଇନ ପ୍ଲାଟଫର୍ମ ଗୁଡ଼ିକରେ ପ୍ରସାରିତ ହେଉଥିବା ଅଶ୍ଳୀଳ ଓ ହିଂସାତ୍ମକ ଭିଡିଓ ପାଇଁ ନିକଟରେ ସଂସଦୀୟ କମିଟି ଏନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ପ୍ରଶ୍ନ ପଚାରିଥିଲା। ଏ ସମ୍ପର୍କରେ ଉତ୍ତର ରଖି ମନ୍ତ୍ରାଳୟ "ବର୍ତ୍ତମାନ ସମାଜରେ ଅଭିବ୍ୟକ୍ତି ସ୍ୱାଧିନତାର ଅଧିକାରକୁ ନେଇ ଏହାର ବହୁତ ଅପବ୍ୟବହାର କରାଯାଉଛି। ଯାହାକୁ ନେଇ ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମରେ ଅଶ୍ଳୀଳତା ଓ ହିଂସାତ୍ମକ ଭିଡିଓ ଜାରି କରାଯାଉଥିବା କିନ୍ତୁ ମନ୍ତ୍ରଣାଳୟ ଏନେଇ ଦୃଢ଼ ପଦକ୍ଷେପ ନେବା ଆଗରୁ ସମସ୍ତ ନିୟମର ଯାଞ୍ଚ କରାଯାଉ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ" ବୋଲି କହିଛି।

## ବସ୍-ଟ୍ରକ୍ ମୁହାଁମୁହିଁ, ୧୨ ଛାତ୍ର ମୃତ



**ନୂଆଦିଲ୍ଲୀ,୨୨।୨:** ବ୍ରାଜିଲର ଦକ୍ଷିଣ-ପୂର୍ବ ଅଞ୍ଚଳରେ ଭୟଙ୍କର ଦୁର୍ଘଟଣା। ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା । ଫଳରେ ୧୨ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୧୯ ରୁ ଅଧିକ ଆହତ ହୋଇଛନ୍ତି । ଯାହାକୁ ନେଇ ଘଟଣାସ୍ଥଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ନେଇ ଏକ ବସ୍ ବ୍ରାଜିଲର ସାଓ ପାଉଲୋ ଠାରୁ ପ୍ରାୟ ୩୭୦ କିଲୋମିଟର ଦୂର ନୁପୋରାଙ୍ଗା ଦେଇ ଯାଉଥିଲେ । ଆଉ ସେହି ସମୟରେ ଆସୁଥିବା ଏକ ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ୧୨ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି । ତେବେ ଏହି ଘଟଣାର ଫଟୋ ସାମ୍ନାକୁ ଆସିଛି । ଅନ୍ୟପଟେ ଏହି ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସର ସତର୍କତା ଯୋଗୁଁ ସେ ଖସିପାରି ନଥିଲେ। ତେବେ ସମସ୍ତ ଆହତଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି ଏବଂ କିଛି ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ତେବେ ମୃତ ଛାତ୍ର ସମସ୍ତ ଫ୍ରାନ୍କ ବିଶ୍ୱବିଦ୍ୟାଳୟର ଥିଲେ। ଏହି ଦୁଃଖଦ ଘଟଣା ପରେ ବ୍ରାଜିଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ ସରକାର ମଧ୍ୟ ଛାତ୍ରମାନଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ।

## ୨ ସଦସ୍ୟଙ୍କ ସହ ଆତ୍ମହତ୍ୟା କଲେ ଜେପିଏସ୍‌ସି ଟପ୍ପର ତଥା ସିବିଆଇ ଅଭିଯୁକ୍ତ

**କୋଚି,୨୨।୨:** ଝାଡ଼ଖଣ୍ଡ ପବ୍ଲିକ ସର୍ଭିସ କମିଶନ (ଜେପିଏସ୍‌ସି) ପରୀକ୍ଷାର ପୂର୍ବତନ ଟପ୍ପର ଶାଳିନୀ ବିଜୟ, ତାଙ୍କ ଭାଇ ମନୀଷ ବିଜୟ ଯେ କି ଜଣେ ଆଇଆରଏସ୍ ଅଧିକାରୀ ଏବଂ ମାଆ ଶକୁନ୍ତଳାଙ୍କ ସହ କେରଳରେ ମୃତ ଅବସ୍ଥାରେ ମିଳିଛନ୍ତି। ପ୍ରଥମ ଜେପିଏସସି ସିଭିଲ ସର୍ଭିସ ପରୀକ୍ଷା ଅନିୟମିତତା ସହିତ ଜଡିତ ସିବିଆଇ ଅଭିଯୋଗର ସମ୍ମୁଖୀନ ହେଉଥିବା ଶାଳିନୀଙ୍କୁ ଫେବୃଆରୀ ୧୫ ତାରିଖରେ କୋର୍ଟ ଶୁଣାଣି ପାଇଁ ରାଞ୍ଚିରେ ହାଜର ହେବାର ଥିଲା। କୋଚିରେ କେନ୍ଦ୍ରୀୟ ଉତ୍ପାଦ ଏବଂ କଷ୍ଟମ୍ସର ଅତିରିକ୍ତ କମିଶନର ଶାଳିନୀ ଏବଂ ମନୀଷଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଯେତେବେଳେ କି ତାଙ୍କ ମା'ଶକୁନ୍ତଳା ତାଙ୍କ ବିଛଣାରେ ମୃତ ଅବସ୍ଥାରେ ପଡିଥିଲେ। ପରିବାର କୋଚିର କକ୍କନାଡର ଇଚାମୁକ୍କରେ ସେଣ୍ଟ୍ରାଲ ଏକ୍ସାଇଜ ଓ କଷ୍ଟମ୍ସ କ୍ୱାର୍ଟର୍ସରେ ରହୁଥିଲେ। ମା'ଙ୍କ ମୃତଦେହ ଧଳା କପଡାରେ ଘୋଡ଼ାଇ ହୋଇଥିଲା ଓ ମୃତଦେହ ନିକଟରେ ଫୁଲ ଛିଞ୍ଚାଯାଇଥିବା ଦେଖିବାକୁ ମିଳିଥିଲା। ମନିଷଙ୍କୁ ବାସଗୃହର ଛାତରେ ଏକ ହୁକ ରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା, ଯେତେବେଳେ ତାଙ୍କ ଭଉଣୀଙ୍କୁ ଘର ପଛ ପାର୍ଶ୍ୱରେ ଥିବା ଅନ୍ୟ ଏକ କୋଠରୀରେ ମୃତ ଅବସ୍ଥାରେ ମିଳିଥିଲେ। ପରେ ପୋଲିସ ଘର ଭିତରକୁ ପ୍ରବେଶ କରି ମାଆଙ୍କୁ ବିଛଣାରେ ମୃତ ଅବସ୍ଥାରେ ଦେଖିଥିଲା। ଗୁରୁବାର ଦିନ ମନୀଷ ଅଫିସରେ ଯୋଗଦେବାର ଥିଲା ଏବଂ କଷ୍ଟମ୍ସ ଅଧିକାରୀମାନେ ତାଙ୍କ ଘର ଯାଞ୍ଚ କରିବାକୁ ଆସିଥିଲେ ଯେତେବେଳେ ସେ ଆସି ନଥିଲେ। କୋଚି ପୋଲିସ କହିଛି ଯେ ପ୍ରଥମ ଦୃଷ୍ଟି ବା ପ୍ରାଇମା ଫେସିରୁ ଭାଇ-ଭଉଣୀ ଦୁହେଁ ଫାଶୀ ଦେଇ ମୃତ୍ୟୁବରଣ କରିଛନ୍ତି। ତଥାପି, ମା'ଙ୍କ ମୃତ୍ୟୁର କାରଣ ଶବ ବ୍ୟବଚ୍ଛେଦ ପରେ ହିଁ ଜଣାପଡିବ। ଏହା ପ୍ରାକୃତିକ କିମ୍ବା ଅନ୍ୟ କାରଣ ହୋଇପାରେ। ଶବ ବ୍ୟବଚ୍ଛେଦ ପରେ ହିଁ ଆମେ ନିଶ୍ଚିତ ଭାବରେ ଜାଣିପାରିବୁ, ଆସିଷ୍ଟାଣ୍ଟ ପୋଲିସ କମିଶନର (ଥ୍ରିକ୍କାକାରା) ପି ଭି ବେବି ଏହା କହିଛନ୍ତି।

### ସମଗ୍ର ବିଶ୍ୱ ବିପଦ ମୁହଁକୁ ଠେଲିହେବା ଆଶଙ୍କା

# ଚୀନ୍‌ରେ ପୁଣି ନୂଆ ଭାଇରସ ଚିହ୍ନଟ

ନୂଆଦିଲ୍ଲୀ, ୨୨।୨: ବିଶ୍ୱ ପୁଣି ଥରେ ଧ୍ୱଂସର ସ୍ଥିତିରେ ଉପୁଜିପାରେ । ଚୀନରେ କରୋନା ଭଳି ଆଉ ଏକ ନୂଆ ଭାଇରସ ମିଳିଛି । ଏହା ପଶୁଙ୍କଠାରୁ ମଣିଷକୁ ବ୍ୟାପିବାର ଆଶଙ୍କା ରହିଛି । ଚୀନର ଉହାନ ଲ୍ୟାବରେ ଏହି ନୂଆ ଭାଇରସ ମିଳିଛି । ବିଶେଶ କରି ବାଦୁଡ଼ିରୁ ଏହି ଭାଇରସ୍ ବ୍ୟାପୁଥିବାର କୁହାଯାଉଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଚୀନର ଉହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଗବେଷକମାନେ ଏହି ନୂଆ ଭାଇରସ ଆବିଷ୍କାର କରିଛନ୍ତି । ଗବେଷକଙ୍କ କହିବାଅନୁସାରେ, ଏହି ଭାଇରସ କରୋନାଭାଇରସ୍ ପରି ସମାନ ରିସେପ୍ଟର ମାଧମରେ କୋଷଗୁଡ଼ିକରେ ପ୍ରବେଶ କରେ । ଏହି ଭାଇରସ ମଣିଷ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଶରୀରରେ ମିଳୁଥିବା ପ୍ରୋଟିନ ସହିତ ବାନ୍ଧି ହୋଇ କୋଷଗୁଡ଼ିକୁ ସଂକ୍ରମିତ କରେ । ଏହି ନୂତନ ଭାଇରସକୁ ମଧ ପୂର୍ବ ଶ୍ୱାସକ୍ରିୟା ସିଣ୍ଡ୍ରୋମ ଅର୍ଥାତ୍ ଏମ୍ଇଆରଏସ୍ ନାମରେ ମଧ ଜଣାଶୁଣା । ରିପୋର୍ଟ ଅନୁଯାୟୀ, ୨୦୧୨ରୁ ମେ ୨୦୨୪ ପର୍ଯ୍ୟନ୍ତ ପ୍ରାୟ ୨୬୦୦ ଲୋକଙ୍କଠାରେ ଏମ୍ଇଆରଏସ୍ ଭାଇରସ ନିଶ୍ଚିତ ହୋଇଛି। ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ଲୋକଙ୍କ ମଧରୁ ୩୬ ପ୍ରତିଶତ ମୃତ୍ୟୁବରଣ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୱେବସାଇଟ୍ ଅନୁଯାୟୀ, ଏହାର ଅଧିକାଂଶ ମାମଲା ସାଉଦି ଆରବରେ ମିଳିଛି । କହିରଖୁ କି, ସାରା ବିଶ୍ୱରେ କରୋନା ଭାଇରସ ଯୋଗୁଁ ୧୫ ନିଯୁତରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଅଧିକାଂଶ ମୃତ୍ୟୁ ଦକ୍ଷିଣପୂର୍ବ ଏସିଆ, ୟୁରୋପ ଏବଂ ଆମେରିକାରେ ଘଟିଛି । ଡବ୍ଲୁଏଚଓ ରିପୋର୍ଟ ଅନୁଯାୟୀ, ଭାରତରେ କୋଭିଡ ଯୋଗୁଁ ୪୭ ଲକ୍ଷ ମୃତ୍ୟୁ ଘଟିଛି । କିନ୍ତୁ ଭାରତ ଡବ୍ଲୁଏଚଓ ଏହି ତଥ୍ୟ ଉପରେ ଆପତ୍ତି କରିଥିଲା । ଭାରତ ସରକାରଙ୍କ କହିବା ଅନୁଯାୟୀ ଜାନୁଆରୀ ୨୦୨୦ ରୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଦେଶରେ କେବଳ ୪ ଲକ୍ଷ ୮୦ ହଜାର ମୃତ୍ୟୁ ଘଟିଛି । ଏବେ ଏହି ନୂଆ ଭାଇରସ୍ ଲୋକଙ୍କ ମନରେ ଆତଙ୍କ ଖେଳାଇଛି ।



### କର୍ଣ୍ଣାଟକ ଦେବାଳିଆ ହୋଇ ନାହିଁ

## ଭାଜପାର ଦାବିକୁ ଖଣ୍ଡନ କଲେ ସିଦ୍ଧାରାମାୟା



**ବେଙ୍ଗାଲୁରୁ,୨୨।୨:** ବିରୋଧୀଙ୍କ ଦ୍ୱାରା ଲଗାଯାଇଥିବା ଆର୍ଥିକ ସଙ୍କଟର ଅଭିଯୋଗକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାଜପା ପକ୍ଷରୁ ଦାବି କରାଯାଇଥିଲା ଯେ ରାଜ୍ୟର ଆର୍ଥିକ ଅବସ୍ଥା ଭୁଶୁଡ଼ି ପଡ଼ିବା ଦ୍ୱାରରେ ପହଞ୍ଚିଛି ଏବଂ ସରକାରଙ୍କ ଅର୍ଥନୈତିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ଏହା ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାଜପା ସରକାରଙ୍କ କାର୍ଯ୍ୟକାଳରେ ରାଜ୍ୟର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏବେ ବିରୋଧୀ ଦଳରେ ବସି ସେମାନେ ନିଜକୁ ମହାନ ଅର୍ଥନୀତିଜ୍ଞ ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବତନ ଭାଜପା ସରକାର ଉପରେ ଅର୍ଥନୈତିକ କୁପରିଚାଳନାର ଅଭିଯୋଗ ଆଣି କହିଛନ୍ତି ଯେ ୩୧ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ୨,୭୦,୬୯୫ କୋଟି ଟଙ୍କାର ଦେୟ ବାକି ରହିଛି। ଏଥିରେ ପବ୍ଲିକ ପୂର୍ତ୍ତ, ଜଳସମ୍ପଦ ଏବଂ ଗୃହ ବିଭାଗ ଅନ୍ତର୍ଭୁକ୍ତ। ସେ ଏହା ମଧ କହିଛନ୍ତି ଯେ କୌଣସି ଆର୍ଥିକ ଯୋଜନା ବିନା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ପାଣ୍ଠିରୁ ୧,୬୬,୪୨୬ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଉପରେ କର୍ଣ୍ଣାଟକ ପ୍ରତି ଆର୍ଥିକ ପକ୍ଷପାତିତାର ଅଭିଯୋଗ ମଧ ଆଣିଥିଲେ। ସେ କହିଛନ୍ତି ଯେ ନୂତନ ଟିକସ ବଣ୍ଟନ ବ୍ୟବସ୍ଥା ଯୋଗୁଁ, କର୍ଣ୍ଣାଟକକୁ କେବଳ ୫୧,୦୦୦ କୋଟି ଟଙ୍କା ମିଳିଛି ଯେତେବେଳେ ରାଜ୍ୟକୁ ୭୩,୦୦୦ କୋଟି ଟଙ୍କା ମିଳିବା ଉଚିତ ଥିଲା। ଏହା ବ୍ୟତୀତ, ସେ ଏହା ମଧ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିର ଭରଣା ବନ୍ଦ କରିଦେଇଛନ୍ତି ଯାହା ଯୋଗୁଁ କର୍ଣ୍ଣାଟକ ବାର୍ଷିକ ୧୮,୦୦୦-୨୦,୦୦୦ କୋଟି ଟଙ୍କାର କ୍ଷତି ସହୁଛି।

## ମନ୍ଦିରରେ ନିଆଁ ଲାଗି ଜୀବନ୍ତ ଜଳି ଗଲେ ପୂଜାରୀ

**ନୂଆଦିଲ୍ଲୀ,୨୨।୨:** ଦିଲ୍ଲୀରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ମନ୍ଦିରରେ ନିଆଁ ଲାଗିବା ଯୋଗୁଁ ଜଣେ ପୂଜାରୀ ଜୀବନ୍ତ ଜଳି ଯାଇଛନ୍ତି। ପୁଲିସ ମନ୍ଦିରରେ ଜଳୁଥିବା ହିଟରରୁ ନିଆଁ ଲାଗିବାର ଆଶଙ୍କା କରିଛନ୍ତି। ସୂଚନା ଆଧାରରେ, ଦିଲ୍ଲୀର ରୋହିଣୀରେ ଶନିବାର ଏକ ମନ୍ଦିରରେ ନିଆଁ ଲାଗିବା ଦ୍ୱାରା ୬୫ ବର୍ଷର ପୂଜାରୀ ଜଳି ଯାଇଛନ୍ତି। ତାଙ୍କୁ ହସ୍ପିଟାଲ ନିଆ ଯାଇ ଥିଲା , ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପୁଲିସ ଅନୁସାରେ, ମୃତକ ଜଣଙ୍କ ହେଉଛନ୍ତି ପଣ୍ଡିତ ବନୱାରୀ ଲାଲ୍ ଶର୍ମା। ପୁଲିସ କହିଛି ଯେ, ଶନିବାର ପ୍ରେମ୍ ନଗର ଥାନାକୁ ସୂର୍ଯ୍ୟ ମନ୍ଦିରରେ ନିଆଁ ଲାଗିବାର ସୂଚନା ଦେବାର ଏକ ପିସିଆର କଲ୍ ଆସି ଥିଲା। ପୁଲିସ୍ ଟିମ୍ ଦମକଳ ବିଭାଗ ସହ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଅଗ୍ନିଶମ ବାହିନୀ ନିଆଁକୁ କାବୁ କରିଛି , କିନ୍ତୁ ପୂଜାରୀ ଶର୍ମା ଭିତରେ ବେହୋସ୍ ଭାବେ ଉଦ୍ଧାର ହୋଇ ଥିଲେ। ତାଙ୍କୁ ତୁରନ୍ତ ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲ ନିଆ ଯାଇଥିଲା, ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରି ଥିଲେ। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଘର ଭିତରେ ଚାଲୁ ଥିବା ହିଟର କାରଣରୁ ନିଆଁ ଲାଗି ଥାଇ ପାରେ। ଅଧିକାରୀମାନେ ୪ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରିଛନ୍ତି, ଯେଉଁଥିରେ ଶର୍ମାଙ୍କ ପରିବାର ଦୁଇ ସଦସ୍ୟ, ଜଣେ ପଡୋଶୀ ଓ ଅଗ୍ନିକାଣ୍ଡର ସୂଚନା ଦେଇଥିବା ଲୋକ ସାମିଲ ଅଛନ୍ତି। ଏଥିରୁ କେହି ବି ଘଟଣା ବିଷୟରେ କୌଣସି ସନ୍ଦେହ କରି ନାହାନ୍ତି। ପୁଲିସ୍ କହିଛି କି, ନିଆଁ ଲାଗିବାର ସଠିକ୍ କାରଣ ଏବେସୁଦ୍ଧା ଜଣାପଡ଼ି ନାହିଁ। ପୁଲିସ ଓ ଫରେନ୍ସିକ ଟିମ୍ ଘଟଣା ସ୍ଥଳର ଯାଞ୍ଚ କରୁଛି।

## ମୋଦି କୁହନ୍ତୁ ଆମେରିକାଠାରୁ ୨୧ ମିଲିୟନ ଡଲାର ନେଇଛନ୍ତି ନା ନାହିଁ?



**ନୂଆଦିଲ୍ଲୀ,୨୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ୟୁଏସ୍‌ଏଆଇଡି ସମ୍ପର୍କରେ କରାଯାଇଥିବା ଦାବି ପରେ ଭାରତୀୟ ରାଜନୀତିରେ ଏକ ହଇଚଇ ସୃଷ୍ଟି ହୋଇଛି। ସଦ୍ୟତମ ଘଟଣାକ୍ରମରେ, କଂଗ୍ରେସ ନେତା ପବନ ଖେରା ଶନିବାର (୨୨ ଫେବୃଆରୀ, ୨୦୨୫) ଶାସକ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ପ୍ରଶ୍ନ ପଚାରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି କହିବା ଉଚିତ ଯେ ସେ ଆମେରିକାରୁ ୨୧ ନିଯୁତ ଡଲାର ନେଇଛନ୍ତି କି ନାହିଁ। ସାମ୍ବାଦିକ ସମ୍ମିଳନୀ ସମୟରେ କଂଗ୍ରେସ ନେତା କହିଥିଲେ, 'ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେ ଆମର ବନ୍ଧୁ ନରେନ୍ଦ୍ର ମୋଦିଙ୍କୁ ୨୧ ମିଲିୟନ ଡଲାର ଦେଇଛୁ।' ଭୋଟରଙ୍କ ମତଦାନ ବୃଦ୍ଧି କରିବା ପାଇଁ ଭାରତକୁ ୨୧ ନିଯୁତ ଡଲାର ଦିଆଯାଇଥିଲା। ଏହି ୨୧ ନିଯୁତ ଡଲାର କୁଆଡେ ଗଲା? ଏହି ଟଙ୍କା ଭୋଟଦାନ ହାର ବୃଦ୍ଧି କରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, 'ଇଣ୍ଡିଆନ ଏକ୍ସପ୍ରେସ ପ୍ରକାଶ କରିଛି ଯେ ୨୧ ନିଯୁତ ଡଲାର ଭାରତକୁ ନଥିଲା ବରଂ ବାଂଲାଦେଶକୁ ଯାଇଥିଲା।' ୱାଶିଂଟନ ପୋଷ୍ଟ ରିପୋର୍ଟ କରିଛି ଯେ ସେମାନଙ୍କର ତଦନ୍ତରେ ସେପରି କିଛି ମିଳିଲା ନାହିଁ। ୨୦୦୧-୨୦୨୪ ମଧରେ, ୟୁଏସ୍‌ଏଆଇଡି ବାର୍ଷିକ ପ୍ରାୟ ୧୧୩ କୋଟି ଟଙ୍କା ହାରରେ ଭାରତକୁ ଟଙ୍କା ପଠାଇଥିଲା। ଏଥିମଧରୁ ୪୪% ମୋଦି ସରକାରଙ୍କ ସମୟରେ ଆସିଥିଲା। କଂଗ୍ରେସ ସରକାର ସମୟରେ ପ୍ରାୟ ୪୦% ଆସିଥିଲା।

## ଛୁଟିଦିନରେ ବି ଆକ୍ସନ ମୋଡ୍‌ରେ ନୂଆ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ,୨୨।୨:** କ୍ଷମତାକୁ ଆସିବା ପରେ, ଦିଲ୍ଲୀର ଭାଜପା ସରକାର ସାଧାରଣ କାର୍ଯ୍ୟରେ ସକ୍ରିୟ ହୋଇ ଉଠିଛି। ସରକାରଙ୍କ ପାଖରେ କିଛି କରିବାର ଆଗ୍ରହ ଅଛି। ଏହି ସଂକଳ୍ପ ସହିତ, ମୁଖ୍ୟମନ୍ତ୍ରୀଙ୍କ ସମେତ ସରକାର ଛୁଟି ଦିନରେ ମଧ୍ୟ କାମ କଲେ। ମୁଖ୍ୟମନ୍ତ୍ରୀ ବଜେଟ ସମ୍ପର୍କରେ ଦିଲ୍ଲୀ ସଚିବାଳୟରେ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ମନ୍ତ୍ରୀ ପ୍ରବେଶ ସାହିବ ସିଂହ ଏବଂ ଡକ୍ଟର ପଙ୍କଜ ସିଂହ ଯୋଜନାଗୁଡ଼ିକର ଯାଞ୍ଚ କରିଥିଲେ। ପ୍ରବେଶ କିଛି ଚାଲୁଥିବା ପ୍ରକଳ୍ପର ସ୍ଥାନ ଯାଞ୍ଚ କରିବେ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ପଙ୍କଜ ସିଂହ ମଧ୍ୟ ରାଓ ତୁଲାରାମ ହସ୍ପିଟାଲ ସ୍ଥାନ ଯାଞ୍ଚ କରିବେ ଏବଂ ସେଠାକାର ପରିସ୍ଥିତିର ସମୀକ୍ଷା କରିବେ। ଅନ୍ୟପକ୍ଷରେ, ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଶନିବାର ନିଜ ନିଜ ବିଭାଗ ସହିତ ଜଡିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ଏକ ବୈଠକ ଡାକିଛନ୍ତି। ଉଦ୍ଦେଶ୍ୟ ହେଉଛି ଭାଜପା ସରକାର ଘୋଷଣାପତ୍ରରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଉଚିତ ଏବଂ ଏହି ସଂକଳ୍ପ ପୂରଣ କରିବାରେ ଗୋଟିଏ ଦିନ ମଧ୍ୟ ନଷ୍ଟ କରାଯିବା ଉଚିତ ନୁହେଁ। ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜେ ଏହି କଥା ଦୋହରାଇଛନ୍ତି ଏବଂ ଏହି ସରକାରଙ୍କ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସମାନ କଥା ଦୋହରାଉଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ସରକାରଙ୍କ ପବ୍ଲିକ ୱାର୍କସ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଏପରି ବିଭାଗ ଯାହାର କାମ ଜନସାଧାରଣଙ୍କୁ ଦୃଶ୍ୟମାନ ହୋଇଥାଏ ଏବଂ ଜନସାଧାରଣଙ୍କୁ ଏହି ବିଭାଗଗୁଡ଼ିକ ସହିତ ଜଡିତ ମାମଲାଗୁଡ଼ିକର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥାଏ। ଉଦାହରଣ ସ୍ୱରୂପ, ଯଦି ରାସ୍ତା ଖରାପ ଥାଏ, ତେବେ ଲୋକମାନେ ଅସୁବିଧାରେ ପଡ଼ିଥାନ୍ତି ଏବଂ ଯଦି ଡାକ୍ତରଖାନାରେ ସମସ୍ୟା ଥାଏ, ତେବେ ଲୋକମାନେ ମଧ୍ୟ ଅସୁବିଧାରେ ପଡ଼ିଥାନ୍ତି। ଏବେ ଏହି ସରକାର ଏହି ସମସ୍ୟାଗୁଡ଼ିକ ଦୂର କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। ଏବେ ଦେଖିବାକୁ ବାକି ରହିଲା ଯେ ଆଗାମୀ ଦିନରେ ଅଧିକାରୀଙ୍କ କାର୍ଯ୍ୟଶୈଳୀ କିପରି ପରିବର୍ତ୍ତନ ହେବ।

## କେନ୍ଦ୍ରମନ୍ତ୍ରୀଙ୍କୁ କ୍ଷମା ମାଗିଲା ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୨୨।୨:** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଭିଯୋଗ ପରେ, ବିମାନ କମ୍ପାନୀ ଏୟାର ଇଣ୍ଡିଆ କ୍ଷମା ପ୍ରାର୍ଥନା କରିଛି। କେନ୍ଦ୍ରମନ୍ତ୍ରୀ ସୋସିଆଲ ମିଡିଆରେ ବିମାନ କମ୍ପାନୀ ବିରୋଧରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଶିବରାଜ ଏୟାର ଇଣ୍ଡିଆ ଉପରେ ଉଡ଼ାଣ ସମୟରେ ଏକ ଭଙ୍ଗା ସିଟ ଆଲର୍ଟ କରିଥିବା ଅଭିଯୋଗ କରିଥିଲେ। ଏହା ପରେ ବିମାନ କମ୍ପାନୀକୁ କେନ୍ଦ୍ରମନ୍ତ୍ରୀଙ୍କୁ କ୍ଷମା ମାଗିବାକୁ ପଡିଲା। କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗର ଜବାବରେ ଏୟାର ଇଣ୍ଡିଆ କହିଛି,ଆପଣଙ୍କ ଅସୁବିଧା ପାଇଁ ଆମେ ଦୁଃଖିତ। ଦୟାକରି ନିଶ୍ଚିତ ହୁଅନ୍ତୁ ଯେ, ଭବିଷ୍ୟତରେ ଏପରି କୌଣସି ଘଟଣା ନ ଘଟାଇବା ପାଇଁ ଆମେ ଏହି ମାମଲାକୁ ସତର୍କତାର ସହ ଯାଞ୍ଚ କରୁଛୁ।

## ଲେଡି ଡନ୍ ଜୋୟା ଖାନ୍ ଗିରଫ



**ନୂଆଦିଲ୍ଲୀ,୨୨।୨:** ଅନେକ ବର୍ଷ ଧରି ପୋଲିସର ପହଞ୍ଚ ବାହାରେ ରହିଆସିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଶିମ୍ ବାବାଙ୍କ ବେଗମ୍ ଜୋୟା ଖାନ୍ ଶେଷରେ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍ ଜାଲରେ ପଡ଼ିଛନ୍ତି। 'ଲେଡି ଡନ୍' ଭାବେ ପରିଚିତ ଏହି ୩୩ ବର୍ଷୀୟା ଗ୍ଲାମରସ୍ ମହିଳାଙ୍କୁ ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କଠାରୁ ୨୨୫ ଗ୍ରାମ୍ ହେରୋଇନ୍ ଜବତ ହୋଇଛି, ଯାହାର ମୂଲ୍ୟ ପାଖାପାଖି ୧ କୋଟି ଟଙ୍କା ହେବ। ଜୋୟା ଜେଲରେ ଥିବା ତାଙ୍କ ସ୍ୱାମୀ ହାଶିମ ବାବାଙ୍କ ଗ୍ୟାଙ୍ଗ୍‌କୁ ଚଳାଇ ଆସୁଥିଲେ। ସେ ଡ୍ରଗ୍ସ ଚାଲାଣରେ ସମ୍ପୃକ୍ତ ଥିବା ପୋଲିସ ଖବର ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ତାଙ୍କ ସମ୍ପର୍କରେ ପ୍ରମାଣ ଏକାଠି କରିଥିଲା। ବୁଧବାର ସେ କୌଣସି ବ୍ୟକ୍ତିଙ୍କୁ ଡ୍ରଗ୍ସ ହସ୍ତାନ୍ତର କରିବାକୁ ଥିବା ପୋଲିସ ଜାଣିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ହାଶିମ୍ ବାବା ହେଉଛନ୍ତି ଜୋୟାଙ୍କ ତୃତୀୟ ସ୍ୱାମୀ। ତାଙ୍କ ନାଁରେ ହତ୍ୟା, ବଟି ଆଦାୟ, ଅସ୍ତ୍ର ଚୋରାଚାଲାଣ ଆଦି ମାମଲା ରହିଛି। ବାବା ଜେଲ୍ ଯିବା ପରେ ଜୋୟା ତାଙ୍କ କ୍ରାଇମ୍ ସିଣ୍ଡିକେଟ୍‌କୁ ନିୟନ୍ତ୍ରଣ କରୁଥିଲେ। ସେ ବଟି ଆଦାୟ ଏବଂ ଡ୍ରଗ୍ସ କାରବାର ସହ ଜଡ଼ିତ ଥିବା ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍ କହିଛି। ଅପରାଧରେ ସମ୍ପୃକ୍ତ ସତ୍ତ୍ୱେ ସର୍ବସାଧାରଣରେ ଜୋୟା ସ୍ୱଚ୍ଛ ଭାବମୂର୍ତ୍ତି ଜାହିର କରିଆସୁଥିଲେ। ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ସୋସିଆଲ ମିଡିଆରେ ମଧ ତାଙ୍କର ବହୁ ଫଲୋଅର୍ସ ରହିଛନ୍ତି।

## ଆନ୍ନା ହଜାରେଙ୍କ ସାଂଘାତିକ ଖୁଲାସା



**ନୂଆଦିଲ୍ଲୀ,୨୨।୨:** ସାମାଜିକ କର୍ମୀ ଆନ୍ନା ହଜାରେ ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କ ପରାଜୟର କାରଣ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବରେ କେଜରିୱାଲ 'ଭଲ କାମ' କରୁଥିଲେ। ମୁଖ୍ୟମନ୍ତ୍ରୀ ଭାବରେ, ତାଙ୍କୁ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ଉଚିତ ଥିଲା। କିନ୍ତୁ ଧୀରେ ଧୀରେ ସେ ଭୁଲ ବାଟରେ ଯିବାକୁ ଲାଗିଲେ। ଏହି କାରଣରୁ ଜନସାଧାରଣ ଶେଷରେ ତାଙ୍କୁ ଏକ ବଡ଼ ଶିକ୍ଷା ଦେଲେ। ଆନ୍ନା ହଜାରେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଆମ ଆଦମୀ ପାର୍ଟିକୁ ଜନ୍ମ ଦେଇଥିଲା। ଦୁର୍ନୀତି ବିରୋଧୀ ଆନ୍ଦୋଳନରେ କେଜରିୱାଲ ଥରେ ହଜାରେଙ୍କ ସହଯୋଗୀ ଥିଲେ। କିନ୍ତୁ ୨୦୧୨ ମସିହାରେ ସେ ଆମ ଆଦମୀ ପାର୍ଟି ଗଠନ କରିଥିଲେ ଯାହା ପରେ ଉଭୟ ଅଲଗା ହୋଇଗଲେ। ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ଆନ୍ନା ହଜାରେ କହିଛନ୍ତି ଯେ ଜଣେ ମହିଳା ଜାତୀୟ ରାଜଧାନୀର ମୁଖ୍ୟମନ୍ତ୍ରୀ ହେବା ଗର୍ବର ବିଷୟ। ସାମାଜିକ କର୍ମୀ ଆନ୍ନା ହଜାରେ ଗଣମାଧ୍ୟମରେ କହିଛନ୍ତି, 'ପୂର୍ବ ମୁଖ୍ୟମନ୍ତ୍ରୀ (କେଜରିୱାଲ) ଭଲ କାମ କରୁଥିଲେ ଏବଂ ତିନିଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ଭଲ କାମ କରୁଥିବାରୁ ମୁଁ ତାଙ୍କ ବିରୋଧରେ କିଛି କହୁ ନ ଥିଲି। କିନ୍ତୁ ପରେ ଧୀରେ ଧୀରେ ସେମାନେ ମଦ ଦୋକାନ ଖୋଲିବା ଏବଂ ଲାଇସେନ୍ସ ଦେବା ଆରମ୍ଭ କଲେ।

## ଜମ୍ମୁ: ଖାଇକୁ ଖସିଲା ତୀର୍ଥ ଯାତ୍ରୀବସ୍

### କଟରାରୁ ଆସୁଥିଲା ଦିଲ୍ଲୀ, ୧ମୃତ, ୧୬ ଆହତ



**ଶ୍ରୀନଗର,୨୨।୨:** ଜମ୍ମୁ-କାଶ୍ମୀର କଟରାରୁ ତୀର୍ଥଯାତ୍ରୀଙ୍କୁ ନେଇ ଦିଲ୍ଲୀ ଆସୁଥିବା ଏକ ବସ୍ ମାଣ୍ଡା ନିକଟରେ ଖାଇକୁ ଖସିପଡିଛି। ଫଳରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ଅଧିକାରୀଙ୍କ ଅନୁସାରେ ତୀର୍ଥଯାତ୍ରୀଙ୍କ ବସ୍ ଜମ୍ମୁ ବସ୍ ଷ୍ଟାଣ୍ଡରୁ ୮ କିଲୋମିଟର ଦୂର ମାଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ଟି ଏକ ମୋଡ ବୁଲୁଥିବା ବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍ ଟି ଖାଇକୁ ଖସିପଡିଛି। ବସ୍ ଖାଇକୁ ଖସିବାମାତ୍ରେ ଯାତ୍ରୀଙ୍କ ଆର୍ତ୍ତ ଚିତ୍କାରରେ ଅଞ୍ଚଳ ଫାଟି ପଡିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବସ୍ ରୁ ୧୭ ଜଣଙ୍କୁ ଉଦ୍ଧାର କରାଯାଇଛି, ସେମାନଙ୍କୁ ତୁରନ୍ତ ସରକାରୀ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ବାକି ଆହତଙ୍କ ଚିକିତ୍ସା ଜାରି ରହିଛି। ଦୁର୍ଘଟଣାର ପୋଲିସ ଯାଞ୍ଚ କରୁଛି।

## ଭୁଶୁଡ଼ିଲା ସୁଡ଼ଙ୍ଗ: ଫସି ରହିଛନ୍ତି ୮ ଶ୍ରମିକ




**ହାଇଦ୍ରାବାଦ,୨୨।୨:** ତେଲଙ୍ଗାନାରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗର କିଛି ଅଂଶ ଶନିବାର ଭୁଶୁଡ଼ି ପଡ଼ିଛି। ଫଳରେ ଏହା ତଳେ ୮ଜଣ ଶ୍ରମିକ ଫସିରହିଥିବା ଆଶଙ୍କା କରାଯାଉଛି। ନଗରକୁର୍ନୁଲ ଜିଲାର ଶ୍ରୀଶୈଳମ ଡ୍ୟାମ୍ ପଛ ପାର୍ଶ୍ୱରେ ଥିବା ଉକ୍ତ ଟନେଲ୍‌ର ଲିକ୍ ମରାମତି କରିବା ପାଇଁ ଶ୍ରମିକମାନେ ଯାଇଥିବାବେଳେ ଏହି ଅଘଟଣ ଘଟିଛି। ପ୍ରାୟ ୧୨ ଜଣ ଶ୍ରମିକ କୌଣସି ପ୍ରକାରେ ବାହାରି ଆସିବାକୁ ସକ୍ଷମ ହୋଇଥିବା ବେଳେ ୮ଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ୧୦ ମିଟର ପର୍ଯ୍ୟନ୍ତ ଟନେଲ ଭୁଶୁଡ଼ିଥିବା ବେଳେ ୨୦୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ କାଦୁଅ ମାଡ଼ିଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଜାତୀୟ କ୍ରୀଡ଼ା ପଦକ ବିଜେତା ସମ୍ବର୍ଦ୍ଧିତ

# ଓଡ଼ିଶାର ପ୍ରଦର୍ଶନ ଯୁବ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣାଦାୟୀ: ମନ୍ତ୍ରୀ

- ସ୍ୱର୍ଣ୍ଣ ପାଇଁ ୬ ଲକ୍ଷ, ରୌପ୍ୟ ପାଇଁ ୪ ଲକ୍ଷ ଓ କାଂସ୍ୟ ପାଇଁ ୩ ଲକ୍ଷ




**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ଗତ ୧୪ ତାରିଖରେ ଉତ୍ତରାଖଣ୍ଡରେ ଉଦ୍‌ଯାପିତ ହୋଇଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଛି। ଏହି କ୍ରୀଡ଼ାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ୧୪ଟି ସ୍ୱର୍ଣ୍ଣ ସମେତ ମୋଟ ୪୬ଟି ପଦକ ହାସଲ କରିଛନ୍ତି। ଏହି ପଦକ ବିଜେତାମାନଙ୍କୁ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସ୍ୱର୍ଣ୍ଣ ବିଜେତା ୬ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଏବଂ କାଂସ୍ୟ ବିଜେତାଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସୂରଜ କହିଛନ୍ତି ଯେ ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଓଡ଼ିଆ ପ୍ରତିଯୋଗୀଙ୍କ ପ୍ରଚେଷ୍ଟାରେ ରାଜ୍ୟ ସର୍ବଭାରତୀୟ ସ୍ତରରେ ଦ୍ୱାଦଶ ସ୍ଥାନ ହାସଲ କରି ଶ୍ରେଷ୍ଠ ୧୫ ରାଜ୍ୟ ମଧ୍ୟରେ ରହିଛି। ଆମ କ୍ରୀଡ଼ାବିତମାନେ ଆମର ଗର୍ବ ଓ ଗୌରବ ହୋଇଥିବା ବେଳେ ବିଜୟର ଉତ୍ସାହ ରହିବା, ପରାଜୟ ଦ୍ୱାରା ନିରାଶ ନ ହୋଇ ପୁନର୍ବାର ଜିତିବା ପାଇଁ ଅନୁପ୍ରାଣିତ ହେବା କ୍ରୀଡ଼ାର ମୌଳିକତା। ଜାତୀୟ କ୍ରୀଡ଼ାରେ ପ୍ରତିଯୋଗୀଙ୍କ ସଫଳତା ରାଜ୍ୟର ଯୁବ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିବା ପଦକ ବିଜେତାମାନେ ଖୁସି ବ୍ୟକ୍ତ କରିବା ସହ ଏହି ସମ୍ବର୍ଦ୍ଧନା ଆଗାମୀ ଦିନରେ ସେମାନଙ୍କୁ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି।। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ବରିଷ୍ଠ ଅଧିକାରୀ ଓ ବିଭିନ୍ନ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତା

# ଭାରତକୁ ମିଶ୍ରିତଫଳ: ପୁରୁଷ ଜିତିଲେ, ମହିଳା ହାରିଲେ





**ଭୁବନେଶ୍ୱର, ୨୨।୨:** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଭାରତକୁ ଶୁକ୍ରବାର ମିଶ୍ରଫଳ ମିଳିଛି। ପୁରୁଷ ଦଳ ଆୟର୍ଲାଣ୍ଡକୁ ହରାଇଥିଲା ବେଳେ ମହିଳା ଦଳ ଜର୍ମାନୀଠୁ ପରାଜିତ ହୋଇଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ହର୍ମନପ୍ରୀତ ସିଂହ ନେତୃତ୍ୱାଧୀନ ଭାରତୀୟ ଦଳ ୩-୧ ଗୋଲ୍‌ରେ ଆୟର୍ଲାଣ୍ଡକୁ ହରାଇଛି। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଜେରେମି ଡନ୍‌କାନ୍‌ଙ୍କ ଫିଲ୍ଡ ଗୋଲ୍‌ରେ ଆୟର୍ଲାଣ୍ଡ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହି ମ୍ୟାଚ୍ ପୂର୍ବରୁ ଖେଳାଯାଇଥିବା ମହିଳା ମ୍ୟାଚ୍‌ରେ ଭାରତ ହାରିଥିବା ବେଳେ ଆରମ୍ଭରୁ ପୁରୁଷ ଦଳର ଗୋଲ୍ ବରଣ ଘରୋଇ ଦର୍ଶକଙ୍କୁ ନିରୁତ୍ସାହିତ କରିଥିଲା। ପ୍ରଥମ କ୍ୱାର୍ଟରରେ ପଛରେ ପଡ଼ିଥିବା ଭାରତ ଦ୍ୱିତୀୟ କ୍ୱାର୍ଟରରେ କିନ୍ତୁ ମନଦୀପ ସିଂହ (୨୨ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ସମାନ କରି ଦେଇଥିଲା। ଏହାପରେ ଜର୍ମାନପ୍ରୀତ ସିଂହ (୪୫ ମିନିଟ୍) ଓ ସୁଖଜିତ ସିଂହ (୫୮ ମିନିଟ୍) ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ୍ ଦେଇ ଦଳକୁ ବିଜୟ ଭେଟି ଦେବା ସହ ଘରୋଇ ଦର୍ଶକଙ୍କ ମୁହଁରେ ହସ ଫୁଟାଇଥିଲେ। ପୂର୍ବରୁ ଖେଳାଯାଇଥିବା ମହିଳା ମ୍ୟାଚ୍‌ରେ ଭାରତ ୦-୪ ଗୋଲ୍‌ରେ ଜର୍ମାନୀଠୁ ହାରିଯାଇଛି। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଜର୍ମାନୀର ଆମେଲି ୱର୍ଟମାନଙ୍କ ଗୋଲ୍‌ରେ ଘରୋଇ ଦଳ ପଛରେ ପଡ଼ିଥିଲା। ଏହାପରେ ସୋଫିଆ ଟ୍ୱାବେ (୧୮, ୪୬ ମିନିଟ୍) ଦୁଇଟି ଏବଂ ଜୋହାନା ହେଚେନବର୍ଗ (୬୦ ମିନିଟ୍) ଗୋଟିଏ ଗୋଲ୍ ଦେଇ ଜର୍ମାନୀକୁ ବିଜୟ ଭେଟି ଦେଇଥିଲେ। ଅନ୍ୟ ଏକ ମହିଳା ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସ ୫-୧ ଗୋଲ୍‌ରେ ଇଂଲଣ୍ଡକୁ ହରାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଦୁଇ ଅଲିମ୍ପିଆନ୍ ଦିଲୀପ ତିର୍କି ଓ ରାଜକୁସ ବାର୍ଲା ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ୭୩ତମ ରାଜ୍ୟ ପୁଲିସ ଆଥଲେଟିକ ଚାମ୍ପିୟନସିପ୍-୨୦୨୫ ଉଦ୍‌ଘାଟିତ

# ‘ଖେଳ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବନା ସୃଷ୍ଟି କରିଥାଏ’



**କଟକ, ୨୨।୨ (ସଂଚାର ବ୍ୟୁରୋ):** ଆଜି କଟକ ବକ୍ସି ବଜାର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୩ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନସିପ୍-୨୦୨୫ ଶୁଭାରମ୍ଭ ହୋଇ ଯାଇଛି। ଶ୍ରୀ ଆର. ପି. କୋଚେ, ଆଇପିଏସ, ନିର୍ଦ୍ଦେଶକ, ଗୁଇନ୍ଦା, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଖେଳ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବନା ସୃଷ୍ଟି କରିଥାଏ। ଏଭଳି ଚାମ୍ପିୟନସିପ ପୋଲିସ ଅଧିକାରୀ/ କର୍ମଚାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇଥାଏ ବୋଲି ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ କୋଚେ ମତବ୍ୟକ୍ତ କରିଥିଲେ। ରାଜ୍ୟ, ଜିଲ୍ଲା, ରେଞ୍ଜ ସ୍ତରର ଖେଳାଳିମାନେ ଏହି ଟୁର୍ନାମେଣ୍ଟରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମ୍ମନ୍ୱୟ ସୃଷ୍ଟିହେବ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚାମ୍ପିୟନସିପ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ।

ଏହି ଚମ୍ପିୟାନସିପରେ ସାରା ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୪୧ଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୭୯୭ ଜଣ ଖେଳାଳି ସାମିଲ ହୋଇଛନ୍ତି। ୬୬୫ ଜଣ ପୁରୁଷ ଓ ୧୩୨ ଜଣ ମହିଳା ଏହି ଚାମ୍ପିୟନସିପରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିଆଇଜି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମୀନା ଏବଂ କଟକ ଡିସିପି ଶ୍ରୀ ଜଗମୋହନ ମୀନା, ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଇଜି (କାର୍ମିକ) ଏସ. ପ୍ରବୀଣ କୁମାର, ଏଆଇଜି (ମୁଖ୍ୟାଳୟ) ସୁରେଶ କୁମାର ନାଏକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଚାମ୍ପିଅନ୍ସ ଟ୍ରଫି

# ଇଙ୍ଗଲିସ୍‌ଙ୍କ ଶତକରେ ଅଷ୍ଟ୍ରେଲିଆ ବିଜୟୀ




**ଲାହୋର୍,୨୨।୨:** ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଆଜି ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ବିଜୟୀ ହୋଇଛି। ଦଳ ଇଂଲଣ୍ଡ ବିପକ୍ଷ ଏହି ମ୍ୟାଚ୍‌ରେ ପ୍ରଥମେ ବୋଲିଂ କରି ପ୍ରତିପକ୍ଷ ଦଳକୁ ୮ ୱିକେଟ୍ ୩୫୧ ରନ୍‌ରେ ସୀମିତ ରଖିଥିଲା। ଇଂଲଣ୍ଡ ପକ୍ଷରୁ ଓପନର ବେନ୍ ଡକେଟ୍ ୧୭ ଚୌକା ଓ ୩ଟି ଛକା ସହ ୧୬୫ ରନ୍ କରିଥିବା ବେଳେ ଜୋ ରୁଟ୍ ୬୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡ୍ୱାରସୁଇସ୍ ୩ଟି ଏବଂ ଆଡାମ୍ ଜାମ୍ପା ଓ ମାର୍ନସ୍ ଲାବୁଶେନ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଜୋଶ୍ ଇଙ୍ଗଲିଶ୍‌ଙ୍କ ଅପରାଜିତ ୧୨୦ ରନ୍‌ର ବଳିଷ୍ଠ ଇନିଂସ ସହାୟତାରେ ୪୭.୩ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୩୫୬ ରନ୍ କରି ପ୍ରତିଯୋଗିତାରେ ତା’ର ପଏଣ୍ଟ୍ ଖାତା ଖୋଲିଛି। ଇଙ୍ଗଲିଶ୍‌ଙ୍କ ଇନିଂସରେ ୮ଟି ଚୌକା ଓ ୬ଟି ଛକା ସାମିଲ୍ ଥିବା ବେଳେ ଆଲେକ୍ସ କ୍ୟାରୀ ୬୯ ଓ ଓପନର ମାଥ୍ୟୁ ଶର୍ଟ ୬୩ ରନ୍ କରିଥିଲେ।



# ଧାୱନ୍‌ଙ୍କ ଜୀବନରେ ନୂଆ ଜୀବନସାଥୀ !

**ନୂଆଦିଲ୍ଲୀ,୨୨।୨:** ଭାରତ ଏବଂ ବାଂଲାଦେଶ ମ୍ୟାଚ ପାଇଁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ବ୍ରାଣ୍ଡ ଆମ୍ବାସାଡର ଶିଖର ଧାୱନ ଦୁବାଇରେ ପହଞ୍ଚିଥିଲେ। ଏହି ମ୍ୟାଚ ସମୟରେ ଧାୱନଙ୍କୁ ଜଣେ ମିଷ୍ଟ୍ରି ଗାର୍ଲଙ୍କ ସହିତ ଦେଖିବାକୁ ମିଳିଥିଲା। କୁହାଯାଉଛି ଧାୱନ ଏହି ମହିଳାଙ୍କୁ ଡେଟ କରୁଛନ୍ତି । ଏହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଛି। କିନ୍ତୁ ଧାୱନ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି। ରିପୋର୍ଟ ଅନୁସାରେ, ଧାୱନଙ୍କ ସହିତ ଦେଖାଯାଇଥିବା ମହିଳା ଆୟରଲାଣ୍ଡର। ଧାୱନ ଅନେକ ଥର ଟିମ ଇଣ୍ଡିଆ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। କିନ୍ତୁ ଏବେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। ଏବେ ଧାୱନ ୨୦୨୫ ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇରେ ଅଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର। ମ୍ୟାଚ ସମୟରେ ଧାୱନଙ୍କୁ ଜଣେ ମହିଳାଙ୍କ ପାଖରେ ବସିଥିବାର ଦେଖାଯାଇଥିଲା। ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଧାୱନଙ୍କ ପାଖରେ ବସିଥିବା ମହିଳା ହେଲେ ସୋଫି ସେନ। ସୋଫି ଆୟରଲାଣ୍ଡର ଏବଂ ପେଶାରେ ଜଣେ ପ୍ରଡକ୍ଟ କନସଲଟାଣ୍ଟ୍। କିନ୍ତୁ ଏ ସମ୍ପର୍କରେ କୌଣସି ସରକାରୀ ସୂଚନା ନାହିଁ। ଟିମ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିଲା। ଏଥିରେ ଭାରତ ୬ ୱିକେଟରେ ବିଜୟୀ ହୋଇଥିଲା। ଶୁଭମନ ଗିଲ ଚମତ୍କାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ। ଭାରତର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ସହିତ। ରବିବାର ଦିନ ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ।ଶିଖର ଧାୱନଙ୍କ ବିବାହ ବିଚ୍ଛେଦ ହୋଇଯାଇଛି। ସେ ତାଙ୍କଠାରୁ ୧୦ ବର୍ଷ ବଡ଼ ମହିଳାଙ୍କୁ ବିବାହ କରିଥିଲେ। ଧାୱନ ଏବଂ ଆୟେଶା ମୁଖାର୍ଜୀ ୨୦୧୨ ମସିହାରେ ବିବାହ କରିଥିଲେ। କିନ୍ତୁ ଏବେ ସେମାନେ ଅଲଗା ହୋଇଯାଇଛନ୍ତି। ଧାୱନ ଏବଂ ଆୟେଶାଙ୍କର ଏକ ପୁଅ ମଧ ଅଛି। ତାଙ୍କ ନାମ ଜୋରାଭର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଭାରତ-ପାକ୍ ...

ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିର ମୁକାବିଲା ସମ୍ପର୍କରେ ବିଚାର କଲେ, ଏଥିରେ ପାକିସ୍ତାନର ପଲା ଭାରୀ ରହିଛି। କାରଣ ଅଦ୍ୟାବଧି ଚାମ୍ପିଅନ୍ସ ଟ୍ରଫିରେ ଦୁଇ ଦଳ ମଧ୍ୟରେ ୫ଟି ମୁକାବିଲା ହୋଇଥିବା ବେଳେ ଏଥିରୁ ୩ଟିରେ ପାକିସ୍ତାନ ବିଜୟୀ ହୋଇଛି। କିନ୍ତୁ ଭାରତ ଆସନ୍ତାକାଲି ହିସାବ ବରାବର କରିବା ମୁଡ୍‌ରେ ରହିଛି। ଦଳ ଏଠାରେ ଆଗାମୀକାଲିର ମୁକାବିଲାରେ ବିଜୟୀ ହୋଇ ୭ ବର୍ଷ ତଳେ ଲଣ୍ଡନର ଓଭାଲ୍‌ଠାରେ ବରଣ କରିଥିବା ଶୋଚନୀୟ ପରାଜୟର ପ୍ରତିଶୋଧ ନେଇପାରିବ। ଉକ୍ତ ମ୍ୟାଚ୍‌ରେ ୧୮୦ ରନ୍‌ରେ ବିଜୟୀ ହୋଇ ପାକିସ୍ତାନ ପ୍ରଥମ ଥର ପାଇଁ ଚାମ୍ପିଅନ୍ସ ଟ୍ରଫିରେ ଚମ୍ପିଆନ୍ ହେବାର ସ୍ୱାଦ ଚାଖିଥିଲା।ତେବେ ଚଳିତ ସଂସ୍କରଣରେ ଭାରତର ବୋଲିଂ ଓ ବ୍ୟାଟିଂ ମଧ୍ୟରେ ବେଶ୍ ଉତ୍ତମ ସନ୍ତୁଳନ ଥିବା ବେଳେ ଉଭୟ ବିଭାଗ ବି ଶକ୍ତିଶାଳୀ ରହିଛି। ପ୍ରଥମ ମ୍ୟାଚ୍‌ରେ ଅଧିନାୟକ ରୋହିତ ଶର୍ମା ତାଙ୍କର ପାରମ୍ପରିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିବେ ବୋଲି ସ୍ପଷ୍ଟ କରିସାରିଛନ୍ତି। ସେହିପରି ଉପଅଧିନାୟକ ତଥା ରୋହିତଙ୍କ ଓପନିଂ ଯୋଡ଼ିଦାର ଶୁବମାନ ଗିଲ୍ ଅପରାଜିତ ଶତକ ହାସଲ କରିଛନ୍ତି। ତେଣୁ ତାଙ୍କ ଫର୍ମ ନିଶ୍ଚିତ ଭାବେ ପାକିସ୍ତାନ ବୋଲର୍‌ଙ୍କ ପାଇଁ ଚିନ୍ତାର କାରଣ ହେବ। ଏହାଛଡ଼ା ବିଗତ ଦିନରେ ପାକିସ୍ତାନ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରିଥିବା ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କର ନଜର ରହିବ। କାରଣ ସେ ଗତ କେତୋଟି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିନାହାନ୍ତି। କିନ୍ତୁ ପାକିସ୍ତାନ ବିପକ୍ଷରେ ସର୍ବଶ୍ରେଷ୍ଠ ୧୮୩ ସ୍କୋର୍ ସହ ଅଦ୍ୟାବଧି ୧୬ଟି ମ୍ୟାଚ୍‌ରେ ୬୭୮ ରନ୍ କରିଥିବା କୋହଲି ରବିବାର ମ୍ୟାଚ୍‌ରେ ଫର୍ମକୁ ଫେରିବେ ବୋଲି ପ୍ରଶଂସକ ଆଶା ବାନ୍ଧିଛନ୍ତି। ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟା ସମୟରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌କୁ ଉଭୟ ଦେଶର ପ୍ରଶଂସକ ଅପଲକ ନୟନରେ ଅପେକ୍ଷା କରିଛନ୍ତି।

### ଶକ୍ତିକାନ୍ତଙ୍କୁ...

ଭାବେ କାର୍ଯ୍ୟ କରିଛନ୍ତି। ତାମିଲନାଡୁ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ଭାବେ କାର୍ଯ୍ୟ କରି ସେ ୨୦୧୭ ମେ ୨୮ ତାରିଖରେ ସେବାନିବୃତ୍ତ ହୋଇଥିଲେ। ଅବସର ପରେ ଭାରତ ସରକାର ତାଙ୍କୁ ପଞ୍ଚଦଶ ଅର୍ଥ ଆୟୋଗର ସଚିବ ଭାବେ ନିଯୁକ୍ତି ଦେଇଥିଲେ । ସେ ସେଣ୍ଟ୍ ଷ୍ଟିଫେନ୍ କଲେଜ୍, ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

### ଶ୍ରୀମନ୍ଦିର...

ଏହାର ପରିଦର୍ଶନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ସେପଟେ ଏହି ପ୍ଲାଣ୍ଟ୍ କାର୍ଯ୍ୟକାରୀ ହେଲେ ପରୋକ୍ଷରେ ହେଉ ପଛେ ମହାପ୍ରଭୁଙ୍କ ସେବାର ସୌଭାଗ୍ୟ ମିଳିବ ବୋଲି କହିଛନ୍ତି ବାୟୋଫିକ୍ସ ଯନ୍ତ୍ରୀ ଓ ଅଧିକାରୀ।

ପ୍ରଥମେ ଗୋବରରୁ ବାୟୋଗ୍ୟାସ୍ ଓ ବିଦ୍ୟୁତ ଉତ୍ପାଦନ କରି ଏହାକୁ ସେହି ପ୍ଲାଣ୍ଟରେ ଉପଯୋଗ କରିବାକୁ ଯୋଜନା ରହିଛି। ଏହାପରେ ଶ୍ରୀମନ୍ଦିର ବର୍ଜ୍ୟରୁ ତିଆରି ହେବ ଜୈବିକ ସାର। ଏହାଦ୍ୱାରା ଶ୍ରୀମନ୍ଦିର ପରିସର ମଧ୍ୟ ଅଧିକ ପରିଷ୍କାର ପରିଚ୍ଛନ୍ନ ରହିବ ବୋଲି ଆଶା କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିରରୁ କୌଣସି ବର୍ଜ୍ୟବସ୍ତୁ ସେଠାକୁ ଯାଇନାହିଁ। ସୁଆର ମହାସୁଆର ନିଯୋଗକୁ ବି କୌଣସି ସୂଚନା ଦିଆଯାଇନଥିବା ସେମାନେ କହିଛନ୍ତି। ତେବେ ଆଗକୁ ଜୈବିକ ଚାଉଳରେ ଶ୍ରୀଅନ୍ନ ପ୍ରସ୍ତୁତ ହେବାକୁ ଯାଉଥିବା ବେଳେ ଜୈବିକ ସାର ପ୍ରସ୍ତୁତ ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ।

### ଅନ୍ତର୍ନିହିତ...

ହୋଇଥିବାରୁ ଏହି ଯୋଜନା ପରେ ବି ଅନ୍ୟାନ୍ୟ ଯୋଜନା ଆରମ୍ଭ ହେବ। ଏଥିରେ କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ, ସୁଭଦ୍ରା ସଖୀ, ସୁଭଦ୍ରା ଯାତ୍ରୀ, ସୁଭଦ୍ରା ସଂଘ ବା କ୍ଲବ୍, କୁହ ସୁଭଦ୍ରା ବା ସୁଭଦ୍ରା କଲ୍ ସେଣ୍ଟର, ସୁଭଦ୍ରା ସହଯୋଗୀ, ସୁଭଦ୍ରା ପଣ୍ଡିତ୍, ସୁଯୋଗ୍ୟ ସୁଭଦ୍ରା ଆଦି ସାମିଲ୍। ସୁଭଦ୍ରା ଯୋଜନାରେ ଆଗାମୀ ଆର୍ଥିକ ବର୍ଷ ପାଇଁ ୧୦,୧୪୫ କୋଟି ଟଙ୍କା ବରାଦ ରଖାଯାଇଛି। ୨୦୩୬ରେ ସମୃଦ୍ଧ ଓଡ଼ିଶା ପାଳନ ସମୟରେ ରାଜ୍ୟ ପ୍ରଗତିରେ ସୁଭଦ୍ରା ମା’ମାନଙ୍କ ଅବଦାନ ସବୁଠାରୁ ଆଗରେ ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଚଳିତ ସୁଭଦ୍ରା ଶକ୍ତି ମେଳାରେ ୭୦୦ରୁ ଅଧିକ ଏସଏଚଜି ୩୦୦ରୁ ଅଧିକ ଷ୍ଟଲ୍ ଲଗାଇଛନ୍ତି, ଯେଉଁଥିରେ ୨୦୦ରୁ ଅଧିକ ସାମଗ୍ରୀ ପ୍ରଦର୍ଶିତ ହେଉଛି। ଏଥିରେ ହସ୍ତଶିଳ୍ପ ଓ କଳାକୃତି, ମିଲେଟ ଓ ଅର୍ଗାନିକ ଉତ୍ପାଦ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା ଓ ବାଉଁଶ ଶିଳ୍ପ ଆଦି ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମେଳା ବୁଲିବା ସହ ବିଭିନ୍ନ ସାମଗ୍ରୀର ପ୍ରଶଂସା କରିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଏହି ସୁଭଦ୍ରା ମେଳା ଏକ ସାଂସ୍କୃତିକ ଓ ଐତିହ୍ୟସମ୍ପନ୍ନ ମେଳା ନୁହେଁ, ବରଂ ନାରୀ ଶକ୍ତିର ବିକାଶ ଓ ସମୃଦ୍ଧିର ପ୍ରତୀକ। ମା’ମାନଙ୍କ ପ୍ରଚ୍ଛନ୍ନ ଉଦ୍ୟମ ବଳରେ ଆମେ ୨୦୩୬ ପୂର୍ବରୁ ବିକଶିତ ଓଡ଼ିଶା ଗଠନ କରିପାରିବା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିବା ବେଳେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଛନ୍ତି।

### ନେଭା ଆଢୁଆଳରେ...

ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମୟରେ ନେଭା ଆରମ୍ଭ ହୋଇଥିଲା। ସେତେବେଳେ ଏଥିରେ ପ୍ରଶ୍ନ ସହ ଉତ୍ତର ଓ ଅନ୍ୟାନ୍ୟ ବିବରଣୀ ଚଟାପଟ୍ ଅପଲୋଡ୍ ହେଉଥିବାବେଳେ ଏବେ କାହିଁକି ହେଉନାହିଁ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ଚକଚକିଆ ଶୀତତାପ ନିୟନ୍ତ୍ରିତ ଦପ୍ତର, ମାଳ ମାଳ କର୍ମଚାରୀ, ଏକାଧିକ କମ୍ପ୍ୟୁଟର ଓ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦିଆଯାଇଥିବା ବେଳେ ନେଭା କାହିଁକି ଫେଲ୍ ମାରୁଛି, ତାହାର ଉତ୍ତର ବି କାହା ପାଖରେ ନାହିଁ। ଏଭଳି ଅବସ୍ଥା ଦେଖିଲା ପରେ ବାଚସ୍ପତିଙ୍କୁ ବଦନାମ ପାଇଁ କିଛି ବିଜେଡି ମାର୍କା ଅଫିସର ଉଦ୍ୟମ କରୁଥିବା କୁହାଯାଉଛି।

ବିଧାନସଭାକୁ ପେପରଲେସ୍ କରାଯିବ ବୋଲି ନେଭା ଆରମ୍ଭ ସମୟରେ ବହୁ ଜୋରରେ ପ୍ରଚାର ହୋଇଥିବା ବେଳେ ଏବେ ଖୋଦ୍ ନେଭା ସୂଚନାଲେସ୍ ହୋଇଯାଇଛି। ଅନ୍ୟ ରାଜ୍ୟରେ ନେଭା କେବଳ ସମସ୍ତ ସୂଚନା ଦେଉନାହିଁ, ବିଧାନସଭା ଅଧିବେଶନ ସମୟରେ ଲାଇଭ ଷ୍ଟ୍ରିମ୍ ଜରିଆରେ ସିଧା ପ୍ରସାରଣ ବି କରୁଛି। ହେଲେ ଓଡିଶାରେ ନେଭା ଏକ ପ୍ରକାର ଅଧବାଟରେ ଅଟକିଯାଇଛି।

ଚଳିତ ଅଧିବେଶନର କାଳରୁ ବିଧାୟକମାନଙ୍କ ଆସନରେ ଅତ୍ୟାଧୁନିକ ଟାବ୍ ଲଗାଯିବା ସହ ସେଥିରୁ ସମସ୍ତ ସୂଚନା ମିଳିବ ବୋଲି କୁହାଯାଉଛି। ହେଲେ ନେଭାର ଏଭଳି ଅବସ୍ଥା ଦେଖିବା ପରେ ଅଧିକାଂଶ ବିଧାୟକ ପୁରୁଣା ଢାଞ୍ଚାରେ କାଗଜ ଖୋଜିବାରେ ଲାଗିଛନ୍ତି। ଚଳିତ ଅଧିବେଶନ କାଳରେ ଗଣମାଧ୍ୟମ ପାଇଁ ବଜେଟ୍ ପୁସ୍ତିକା, ଆର୍ଥିକ ସର୍ଭେ ପୁସ୍ତିକା ନଥିବାବେଳେ ନେଭାରୁ ଏହା ମିଳିଯିବ ବୋଲି ସମସ୍ତେ ଚାହିଁ ବସିଥିଲେ। ହେଲେ ନେଭାର ବହ୍ୱାଡ଼ମ୍ବରେ ଲଘୁକ୍ରିୟା ଦେଖିବା ପରେ ‘ନେଭା ଆଉ କାମକୁ ନୁହେଁ’ ବୋଲି କହିବାକୁ ଅନେକ ପଛାଉନାହାନ୍ତି।

### ନେପାଳ ବୈଦେଶିକ...

ରାଜ୍ ଅଧିକାରୀ ଓ ସଞ୍ଜୀବ ଶର୍ମା ଦାସ ମଧ୍ୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ କହିଛନ୍ତି ଯେ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣା ସହ ସମ୍ପୃକ୍ତ ସମସ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଟ୍ ପରିସରରେ ଶିକ୍ଷାର ବାତାବରଣ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଉକ୍ତ ଦୁଇ ଅଧିକାରୀ ମଧ୍ୟ ଅଦ୍ୟାବଧି ରାଜ୍ୟ ସରକାର ନେଇଥିବା ପଦକ୍ଷେପରେ ସନ୍ତୋଷ ପ୍ରକଟ କରିଛନ୍ତି। ସରକାରଙ୍କ ପଦକ୍ଷେପ ଯୋଗୁଁ ନେପାଳରୁ ଆସି ପଢୁଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଆଶ୍ୱସ୍ତ ଅନୁଭବ କରିଛନ୍ତି ବୋଲି ସେମାନେ କହିବା ସହ ଏଥିପାଇଁ ନେପାଳ ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିଶେଷକରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେମାନେ କହିଛନ୍ତି ଯେ ନେପାଳ ଓ ଓଡ଼ିଶା ମଧ୍ୟରେ ଅତି ପୁରାତନ ସମ୍ପର୍କ ରହିଆସିଥିବା ବେଳେ କିଟ୍ ଘଟଣା ସତ୍ତ୍ୱେ ଏହି ସୁସମ୍ପର୍କ କଦାପି ବ୍ୟାହତ ହେବ ନାହିଁ ବୋଲି ସେମାନେ ଆଶା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।

### କିଟ୍ ପରିଚାଳନା...

ଅଭିଯୋଗର ଖୋଳତାଡ କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଥିବା ଆଇନ ମନ୍ତ୍ରୀ ସଙ୍କେତ ଦେଇଛନ୍ତି। ଯେଉଁଠି ଯେଉଁଠି ଜବରଦଖଲ ଅଛି ତାକୁ ଜବରଦଖଲମୁକ୍ତ କରିବାକୁ ରାଜସ୍ୱ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପେଶଲ ଡ୍ରାଇଭ୍ ପାଇଁ ଯୋଜନା ହେଉଛି। ବହୁତ୍ ଶୀଘ୍ର ଏନେଇ ସଂପୃକ୍ତ ବିଭାଗ ପଦକ୍ଷେପ ନେବେ। ଯେଉଁ ଜଙ୍ଗଲ ଜମି ଅବରୋଧ ହୋଇଛି, ତାହା ବ୍ୟବସାୟିକ ଉଦ୍ଦେଶ୍ୟରେ ହେଉ ବା ବେଆଇନ୍ ଭାବେ ଜବରଦଖଲ ହେଉ, ସେ ବାବଦରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କିଛିଦିନ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ବିଧାନସଭାରେ କହିଥିଲେ ଓ ଏବେ ସେନେଇ ସରକାର ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି ବୋଲି ସେ କହିଛନ୍ତି।

### ନିର୍ଦ୍ଧାରିତ ସମୟରେ...

ବିଲଗୁଡ଼ିକୁ ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ ୧୫ ତାରିଖ ପରିବର୍ତ୍ତେ ମାର୍ଚ୍ଚ ୧୭ ସୁଦ୍ଧା ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

ବିଜ୍ଞପ୍ତିରେ କୁହାଯାଇଛି ଯେ ଆର୍ଥିକ ବର୍ଷର ଶେଷ ଆଡକୁ କେନ୍ଦ୍ରୀୟ ସହାୟତା ପାଇବାର ସମ୍ଭାବନା ଓ ତା’ର ଖର୍ଚ୍ଚ କରିବାର ସୁଯୋଗ ଥିଲେ, କେନ୍ଦ୍ରୀୟ କ୍ଷେତ୍ର ଯୋଜନା, କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସମ୍ବନ୍ଧୀୟ ବଜେଟ ଆବଣ୍ଟନ ନିୟମିତ ଉପାୟରେ ସମର୍ପଣ କରାଯାଇପାରିବ ନାହିଁ। ଯଦି ନିର୍ଦ୍ଦିଷ୍ଟ ସମୟସୀମା ପରେ କେନ୍ଦ୍ରୀୟ ସହାୟତା ବିଳମ୍ବରେ ପ୍ରାପ୍ତି ହୁଏ, ତା’ହେଲେ ପ୍ରଶାନିକ ବିଭାଗଗୁଡ଼ିକ ତୁରନ୍ତ ସମୟ ସୀମା ବୃଦ୍ଧି ପାଇଁ ଅର୍ଥ ବିଭାଗକୁ ପ୍ରସ୍ତାବ ଦେଇପାରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

### କେବେ...

ପରିସରକୁ ଅଣାଯାଉନାହିଁ, ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। କିଟ୍ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ବ୍ୟାପର ଉପସଭାପତି ଭାବେ ଦ୍ୱିତୀ ବିକ୍ରମାଦିତ୍ୟ ହେଉଛନ୍ତି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅତ୍ୟନ୍ତ ଖାସ୍‌ଆ ଉ ବିଜେଡି ସରକାରରେ ତୃତୀୟ ମହଲାରେ ବିକ୍ରମାଦିତ୍ୟଙ୍କ ଅଖଣ୍ଡ ପ୍ରଭାବ ରହିଥିଲା। ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି ସେ କିଛି ଆଇପିଏସ ଓ ଆଇଏଏସ ଅଫିସରଙ୍କ ଅତ୍ୟନ୍ତ ଘନିଷ୍ଠ। ଯେଉଁଥିପାଇଁ ବିକ୍ରମାଦିତ୍ୟଙ୍କର ପୁଲିସ ପ୍ରଶାସନରେ ପ୍ରଭାବ ରହିଛି। ସେଥିପାଇଁ ନେପାଳୀ ଛାତ୍ରଛାତ୍ରୀଙ୍କ ସମସ୍ୟାରେ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସନାଲ ରିଲେସନ୍ ଅଫିସ ସହ ଜଡ଼ିତ ପଦାଧିକାରୀଙ୍କୁ ପୁଲିସ ଏପର୍ଯ୍ୟନ୍ତ ଗିରଫ ଅବା ଜେରା କରୁନଥିବା ପାୱାର କରିଡରରେ ଚର୍ଚ୍ଚା ହେଉଛି।

### ଭାରତ-ପାକ୍ ମ୍ୟାଚକୁ ନେଇ ପୂର୍ବତନ ଇଣ୍ଡିଆନ କ୍ରିକେଟରଙ୍କ ବୟାନ

# ମୁଁ ଚାହେଁ ଏହି ମ୍ୟାଚ ପାକିସ୍ତାନ ଜତୁ



**ନୂଆଦିଲ୍ଲୀ,୨୨।୨:** ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ଭାରତ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ବିଜୟ ଅଭିଯାନ ଆରମ୍ଭ କରିଛି। ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଆସନ୍ତାକାଲି (ରବିବାର) ଏହି ହାଇଭୋଲ୍ଟେଜ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚକୁ ଚାତକ ପରି ଚାହିଁଛନ୍ତି ଦର୍ଶକ। ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ବିସ୍ଫୋରକ ବୟାନ ଦେଇଛନ୍ତି ପୂର୍ବତନ କ୍ରିକେଟର ଅତୁଲ ୱାସାନ। ଯାହା କ୍ରିକେଟପ୍ରେମୀଙ୍କୁ ଚକିତ କରିଛି। ଦୁବାଇ ଷ୍ଟାଡିୟମରେ ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟର ଆସନ୍ତାକାଲି ପଞ୍ଚମ ମ୍ୟାଚ ଖେଳାଯିବ। ଏଥିରେ ଭାରତ ବନାମ ପାକିସ୍ତାନ ମୁହାଁମୁହିଁ ହେବେ। ଏହି ମ୍ୟାଚକୁ ନେଇ ଭାରତର ପୂର୍ବତନ କ୍ରିକେଟର ଅତୁଲ ୱାସାନ କହିଛନ୍ତି, ମୁଁ ଚାହୁଁଛି ଏହି ମ୍ୟାଚ ପାକିସ୍ତାନ ଜିତୁ। କାରଣ ଏହି ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକର ହେବ। ଯଦି ପାକିସ୍ତାନକୁ ଜିତିବାକୁ ଦେବା ନାହିଁ ତେବେ କଣ କରିବା ? ଯଦି ପାକିସ୍ତା ଜିତେ ତେବେ ଏହି ମୁକାବିଲା ହୋଇଯାଏ। ବରାବରି ଲଢେଇ ହେବା ଦରକାର। ପାକ୍ ବିପକ୍ଷରେ ଭାରତୀୟ ଦଳର ବିଶ୍ଲେଷଣ କରି ଅତୁଲ ୱାସନ କହିଛନ୍ତି, ଭାରତ ପାଖରେ ବହୁତ ଭଲ ବ୍ୟାଟ୍ସମ୍ୟାନ ଅଛନ୍ତି। ଶୁବମନ ଗିଲ, ରୋହିତ ଶର୍ମା, ବିରାଟ କୋହଲିଙ୍କ ଭଳି ଖେଳାଳି ରହିଛନ୍ତି। ୮ ନମ୍ବରରେ ବ୍ୟାଟ କରୁଥିବା ଅକ୍ଷର ପଟେଲ ମଧ୍ୟ ଭଲ ଫର୍ମରେ ରହିଛନ୍ତି। ରୋହିତ ୫ ଜଣ ସ୍ପିନର ରହିଛନ୍ତି। ଏହି ଦଳ ଦୁବାଇ ପାଇଁ ସର୍ବଶ୍ରେଷ୍ଠ। ଚାମ୍ପିଅନ୍ସ ଟ୍ରଫିରେ ଭାରତ ତାର ପ୍ରଥମ ମ୍ୟା ବାଂଲାଦେଶ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚକୁ ୬ ୱିକେଟରେ ଜିତି ବିଜୟରୁ ଅଭିଯାନ ଆରମ୍ଭ କରିଛି ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ସେହିପରି ଉଦଘାଟନୀ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ୬୦ରନରେ ପରାସ୍ତ ହୋଇଥିଲା ଆୟୋଜକ ପାକିସ୍ତାନ। ଭାରତ ବିପକ୍ଷ ମ୍ୟାଚ ପାକିସ୍ତାନ ପାଇଁ ‘କର ବା ମର’ ସମାନ ହେବ। ଯଦି ମହମ୍ମଦ ରିଜୱାନଙ୍କ ଟିମ୍ ପରାସ୍ତ ହୁଏ ତେବେ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇପାରେ।

# ରଣ ପାଇଁ ବ୍ୟାଙ୍କରେ ମିଛ ଦସ୍ତାବିଜ



**କାର୍ଡ କଟିଯିବା ଭୟରେ ଯୋଗାଣ ନିରୀକ୍ଷକ କାର୍ଯ୍ୟାଳୟରେ ଲମ୍ବା ଦରଖାସ୍ତ**

**ଅସ୍ତରଙ୍ଗରେ ୧୨ ଓ କାକଟପୁରରେ ଜଣେ ଫେରାଇଛନ୍ତି ରାସନ କାର୍ଡ**

**କାକଟପୁର/ଅସ୍ତରଙ୍ଗ, ୨୨।୨ (ସଂଚାର ବ୍ୟୁରୋ):** ରାସନ କାର୍ଡ ଛାଟ ପାଇଁ ବହୁ ଅଭାବୀ ପରିବାରଙ୍କୁ ଏବେ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ବେକାର ଯୁବକ ଚାକିରି ନ ପାଇ ବ୍ୟବସାୟ କରିବା ପାଇଁ ବ୍ୟାଙ୍କରୁ ଋଣ କରିଛନ୍ତି। ତେବେ ଋଣ ପାଇଁ ସେମାନେ ନିଜ ଆୟଠାରୁ ବହୁ ଅଧିକ ଆୟ ଦର୍ଶାଇ ସେ ସମ୍ପର୍କିତ ମିଛ ଦସ୍ତାବିଜ ଦାଖଲ କରିଛନ୍ତି। ଅପରପକ୍ଷେ ଆୟକରଦାତା ହୋଇଥିବାରୁ ଏବେ ସେମାନଙ୍କ ପରିବାରର ରାସନ କାର୍ଡ କଟିଯାଉଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୭ଶହ ଠ୫ଜଣ ଓ କାକଟପୁର ବ୍ଲକରେ ୮ଶହ ୬୧ଜଣ ଆୟକରଦାତା ଅଛନ୍ତି ବୋଲି ସୂଚନା ମିଳିବା ପରେ ସରକାରୀ ଛାଟ ପୂର୍ବରୁ ଅସ୍ତରଙ୍ଗ ବ୍ଲକଅଞ୍ଚଳର ୧୨ଜଣ ଓ କାକଟପୁର ବ୍ଲକ ଅଞ୍ଚଳର ଜଣେ ଆପେ ଆପେ କାର୍ଡ ଫେରାଇ ଦେଇଛନ୍ତି। ଫଳରେ ଅନେକ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀ ହେବାକୁ ଯୋଗ୍ୟ ହୋଇଥିଲେ ବି ଆୟକର ନିୟମ ପାଇଁ ଅଯୋଗ୍ୟ ଘୋଷିତ ହୋଇ ଚିନ୍ତାରେ ଅଛନ୍ତି ।

ବ୍ୟାଙ୍କରୁ ଋଣ ଆବେଦନବେଳେ ତିନି ବର୍ଷର ଆୟକର ପେଁଠ ଏବଂ ଅଧିକ ଋଣ ପାଇଁ ଅଧିକ ଆୟ ରହିଥିବା ଆବଶ୍ୟକ। ତେଣୁ ବହୁ ଯୁବକଯୁବତୀ ନିଜ ଆୟକୁ ଅଧିକ ଦର୍ଶାଇ ଆୟକର ଦସ୍ତାବିଜ ବ୍ୟାଙ୍କରେ ଦାଖଲ କରିଛନ୍ତି। ଏବେ ଖାଦ୍ୟ ସୁରକ୍ଷା ଆଇନରେ ଅନେକ ଅଯୋଗ୍ୟ ହିତାକାରୀଙ୍କୁ ବାଦ ଦେବାକୁ ସରକାର କେୱାଇସି ବ୍ୟବସ୍ଥା ବାଧ୍ୟତାମୂଳକ କରିଛନ୍ତି। ସରକାରୀ ଚାକିରିଆ, ଆୟକରଦାତା, ଚାରିଚକିଆ ଯାନ ମାଲିକ, ବୃହତଚାଷୀ ହିତାଧିକାରୀ ତାଲିକାରୁ ବାଦ ପଡିଛନ୍ତି। ଆୟକରଦାତାଙ୍କ ପରିବାରର ରାସନ କାର୍ଡ ଫେରାଇବାକୁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଛି। ଫଳରେ ଚାପଗ୍ରସ୍ତ ହୋଇ ମିଛ ଆୟକର ଦାଖଲ କରିଥିବା ଯୁବକଙ୍କ ଭୁଲ ଯୋଗୁଁ ତାଙ୍କ ପରିବାର ଅନ୍ୟ ସଦସ୍ୟମାନେ ରାସନ ସୁବିଧାରୁ ବଂଚିତ ହେବାକୁ ଯାଉଛନ୍ତି। ଏ ବିଷୟରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଏହା ସରକାରଙ୍କ ନିର୍ଦ୍ଦେଶ। ତେଣୁ ତାଙ୍କ ହାତରେ କିଛି ନାହିଁ । ପରିବାର କାର୍ଡ ନ ଫେରାଇଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।



## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ, ଜଳିଗଲା ଦୋକାନ

**ବ୍ରହ୍ମପୁର, ୨୨।୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପକଣ୍ଠ ଲାଠି ଗାଁ ବଜାରରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ବ୍ରହ୍ମପୁର ଉପକଣ୍ଠ ଲାଠି ଛକରେ ଥିବା ବିହାରୀ ଦୋକାନରେ ଏକ ଗ୍ୟାସ୍ ଟାଙ୍କିରୁ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା। ଦେଖୁ ଦେଖୁ ଗ୍ୟାସ୍ ଚାରିଆଡେ ବ୍ୟାପି ଯାଇଥିଲା। ଏମିତି ବି ଏକ ବ୍ଲାଷ୍ଟ ବି ହୋଇଥିଲା । ତେବେ ଏହି ନିଆଁ ଲାଗିବା ଦ୍ୱାରା ୪ଟି ଦୋକାନ ଜଳିପୋଡି ପାଉଁଶ ହୋଇଯାଇଛି। ଯେଉଁଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲା।

**ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ**

## ଦିନ ଦ୍ୱିପହରରେ ୩ ଘରୁ ଚୋରି



**ବୋରିଗୁମ୍ମା, ୨୨।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରେ ବଡ ଧରଣର ଲୁଟ ଅଭିଯୋଗ। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଲେ ଲୁଟେରା ଗ୍ୟାଙ୍ଗ। ଗୋଟିଏ ଦିନରେ ୩ଟି ଘରୁ ଚୋରି ସହିତ ପ୍ରାୟ ୨କୋଟି ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ ହୋଇଥିବା ସୂଚନା ମିଳିଛି। ପୋଲିସର ଛାନଭିନ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବୋରିଗୁମ୍ମା ଥାନା ଅନ୍ତର୍ଗତ ପର୍ଲି ଗ୍ରାମରେ ଦିନ ଦ୍ୱିପହରରେ ଏକା ସଙ୍ଗରେ ଦୁଇଟି ଘରେ କଳା କନା ବୁଲାଇଛନ୍ତି ଦୁର୍ବୃତ୍ତ। ପର୍ଲି ଗ୍ରାମର ସୁନିଲ କୁମାର ରଥଙ୍କ ପରିବାର ଲୋକେ କୁମ୍ଭମେଳା ଯାଇଥିଲେ ଏବଂ ସୁନିଲ କୌଣସି କାମରେ ବୋରିଗୁମ୍ମା ଆସିଥିଲେ ଏବଂ ପଡୋଶୀ ଘର ଭାସ୍କର ରାଓଙ୍କ ପରିବାର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଶ୍ରୀକାକୁଲମ ଯାଇଥିଲେ। ଭାସ୍କର ରାଓ ସକାଳୁ ଘରୁ ବାହାରି ସନ୍ଧ୍ୟାରେ ଆସନ୍ତି ଏହାର ସୁଯୋଗ ନେଇ ଦିନ ଦ୍ୱିପହରରେ ଘରର ତାଲା ଭାଙ୍ଗି ପ୍ରାୟ ଦୁଇ କୋଟି ଟଙ୍କାର ସୁନା ଗହଣା ଏବଂ ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ସେହିପରି ପର୍ଲି ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଥିବା କୁନ୍ଦ୍ରା ଗୁଡା ଗ୍ରାମରେ ଠିକ ସେହି ସମୟ ମଧ୍ୟରେ ସନ୍ତୋଷ କୁମାର ତ୍ରିପାଠୀଙ୍କ ଘରେ ମଧ୍ୟ ସୁନା ଗହଣା ଏବଂ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ। ସୁନିଲ କୁମାର ରଥଙ୍କ ଲିଖିତ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ପହଂଚି ତଦନ୍ତ ଆରମ୍ଭ କରିଛନ୍ତି।

## ନଦୀବନ୍ଧ କାର୍ଯ୍ୟ ଅତି ନିମ୍ନମାନର



**ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରିଦେଉଛି ଠିକାଦାର**

**କେବେ ନିଆଯିବ କାର୍ଯ୍ୟାନୁଷ୍ଠାନ ?**

**ନାଉଗାଁ, ୨୨।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ବର୍ଷ ପୂର୍ବେ ତତ୍କାଳୀନ ବିଧାୟକଙ୍କ କରକମଳରେ ପ୍ରାୟ ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନାଉଗାଁ ବ୍ଲକ ଅନ୍ତର୍ଗତ ଦେବିଦୋଳ ଦେବି ନଦୀ ସେତୁ ନିକଟରୁ ଦେବିନଦୀର ବନ୍ଧ କାର୍ଯ୍ୟ ଆରମ୍ଭ ହୋଇ ବଛାଳୋ ପର୍ଯ୍ୟନ୍ତ ଓ ଶିଖର ଘାଟ ସେତୁ ନିକଟରୁ ଆରମ୍ଭ ହୋଇ ଅଙ୍ଗେଶ୍ୱରପଡା ପର୍ଯ୍ୟନ୍ତ କାର୍ଯ୍ୟର ଭିତ୍ତିପ୍ରସ୍ତର କରାଯାଇଥିଲା। ତାପରେ ଉକ୍ତ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ଦୁଃଖର ବିଷୟ ଏହି ନଦୀ ବନ୍ଧ ଉନ୍ନତିକରଣ ନାଁରେ ଠିକାଦାର ସମ୍ପୂର୍ଣ୍ଣ ଭାବେ ଅତି ନିମ୍ନମାନର କାର୍ଯ୍ୟ କରୁଛି। ବନ୍ଧ ସମ୍ପ୍ରସାରଣ ପାଇଁ ଆବଶ୍ୟକ ମାଟି ବାହାରୁ ଆଣି ପକାଇବା ପାଇଁ ନିୟମ ଥିବାବେଳେ ଠିକାଦାର ପୁରୁଣା ବନ୍ଧର କଡ଼ରୁ ମାଟି କାଟି ବନ୍ଧକୁ ସମ୍ପ୍ରସାରଣ କରୁଅଛି ଯାହାକି ବନ୍ଧ ପାଇଁ ବିପଦ ସୃଷ୍ଟି କରୁଛି। ବନ୍ଧରେ ଯେଉଁ ମୋରମ୍ ବିଛାଉଛି ତାହା ଅତି ନିମ୍ନମାନର। ବାଲି ୯୦ ଭାଗରେ ମୋରମ ୧୦ ଭାଗ ରହିଛି। ଯାହାକୁ ନେଇ ସ୍ଥାନୀୟ ବଛାଳୋ ପଞ୍ଚାୟତର ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା ଉକ୍ତ କାର୍ଯ୍ୟକୁ ବନ୍ଦ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟର ଅନୁଧ୍ୟାନ କରିବା ସହିତ ଉପଖଣ୍ଡ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟ ଅତି ନିମ୍ନମାନର ହେଉଥିବାରୁ ସଠିକ୍ ମାତ୍ରାରେ କାର୍ଯ୍ୟ କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରିଦେଇ ତାର ମନମାନିରେ କାର୍ଯ୍ୟ କରି ଚାଲିଛି।

## କଣାସ ବ୍ଲକରେ ୪୦ ଛାତ୍ରଛାତ୍ରୀ ଅନୁପସ୍ଥିତ

**କଣାସ, ୨୨।୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ୧୩ ପରୀକ୍ଷା କେନ୍ଦ୍ରରେ ୨୨୨୪ ପରୀକ୍ଷା ଦେବା ପାଇଁ ର୍ଫମ ପୂରଣ କରିଥିବାବେଳେ ୨୧୮୪ ଜଣ ୧୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ୪୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ୧୦ ଜଣ ମଧ୍ୟମା ପରୀକ୍ଷା ଦେବା ପାଇଁ ର୍ଫମ ପୂରଣ କରିଥିବାବେଳେ ୧୦ ଜଣ ପରୀକ୍ଷା ଦେଇଛନ୍ତି। ୧୫୯ ଜଣ ଓପନ ସ୍କୁଲ ପରୀକ୍ଷା ଦେବା ପାଇଁ ର୍ଫମ ପୂରଣ କରିଥିବାବେଳେ ୧୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଲୋଚନା ମହାପାତ୍ର ସୁପରଡେଣ୍ଟ ଭାବେ ସମସ୍ତ କେନ୍ଦରରକୁ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନ ପତ୍ରପଠାଇବା ସହ ପରୀକ୍ଷା ଶେଷରେ ଉତ୍ତରଖାତାଗୁଡିକ କଡା ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରକୁ ଅଣାଯାଇଥିଲା। ଆଜି ୧୩ଟି କେନ୍ଦ୍ରରେ ଶାନ୍ତିପୂର୍ଣ୍ଣଭାବେ ପରୀକ୍ଷା ଶେଷ ହୋଇଥିବା ନୋଡାଲ କେନ୍ଦ୍ରର ସୁପରଡେଣ୍ଟ ଶ୍ରୀମତୀ ମହାପାତ୍ର ସୂଚନା ଦେଇଛନ୍ତି।

## ତାଳଦଣ୍ଡା ବଜାରରୁ ଚୋରି

**କୁଜଙ୍ଗ, ୨୨।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ଅନ୍ତର୍ଗତ ତାଳଦଣ୍ଡା ବଜାରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ଗତକାଲି ବିଳମ୍ବିତ ରାତିରେ ଅଜଣା ଦୃର୍ବୃତ୍ତମାନେ ବହୁ ସାମଗ୍ରୀ ଓ ନଗଦ ଟଙ୍କା ଲୁଟ୍ କରି ନେଇଥିବା ଜଣାପଡିଛି। ଏନେଇ ବ୍ୟବସାୟୀ ଅକ୍ଷୟ ଦାସ ଆଜି ସକାଳେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବରିହାଡ଼ିଆ ଗାଁର ଅକ୍ଷୟ ଦାସଙ୍କ ପାନ ଦୋକାନର ତାଲା ଭାଙ୍ଗି ଭିତରେ ଗୁଆ, ବିସ୍କୁଟ, ସିଗାରେଟ୍ ଓ ନଗଦ ୬ ହଜାର ଟଙ୍କା ଲୁଟ୍ କରିଥିବା ବେଳେ ମାଛ ବ୍ୟବସାୟୀ ସୁରେଶ ବେହେରାଙ୍କ ଗୋଦାମରୁ ଏକ କମ୍ପ୍ୟୁଟର ଓଜନ ମେସିନ ଓ ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ବସନ୍ତ ଜେନାଙ୍କ ଭେରାଇଟ ଷ୍ଟୋରରୁ ବହୁ ମୂଲ୍ୟବାନ ସାମଗ୍ରୀ ସମେତ ନଗଦ ୮ ହଜାର ୨ ଶହ ଟଙ୍କା ଲୁଟ୍ କରି ଦୃର୍ବୃତ୍ତମାନେ ନେଇଯାଇଛନ୍ତି। ଏନେଇ ବ୍ୟବସାୟୀ ସଂଘ ଏକତ୍ରିତ ହୋଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ନାନୋମେଡିସିନର ସଦ୍ୟତମ ବିକାଶ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୨୨।୨ (ସଂଚାର ବ୍ୟୁରୋ):** କିଟ ବିଶ୍ୱବିଦ୍ୟାଳୟରେ ନାନୋମେଡିସିନର ସଦ୍ୟତମ ବିକାଶ ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀରେ ବହୁ ଗବେଷକ, ଛାତ୍ର, ଚିକିତ୍ସା ବୃତ୍ତିଧାରୀ, ସାମାଜିକ ବୈଜ୍ଞାନିକ ଏବଂ ଷ୍ଟାର୍ଟଅପ୍ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଆମେରିକା, ସ୍ୱିଜରଲ୍ୟାଣ୍ଡ, ସ୍ପେନ୍, ଭାରତ, ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ, ଆୟର୍ଲାଣ୍ଡ ଏବଂ ଅଷ୍ଟ୍ରେଲିଆର ବିଶିଷ୍ଟ ବକ୍ତାମାନେ ନାନୋଟେକ୍ନୋଲୋଜି-ଆଧାରିତ ଡାଇଗ୍ନୋଷ୍ଟିକ୍ସ, ଇମେଜିଂ ଏବଂ ଥେରାପୁଟିକ୍ସରେ ସଦ୍ୟତମ ବିକାଶ ବିଷୟରେ ଆଲୋକପାତ କରିଥିଲେ।




ପ୍ରେସିସିନ୍ ନାନୋମେଡିସିନ୍ ଜର୍ନାଲ୍ (ୟୁଏସ୍ଏ), ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ଏବଂ କିମସ ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହା ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଏକ ପ୍ରୟାସ - ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବୈଜ୍ଞାନିକ ଏବଂ ଉଦ୍ୟୋଗୀ ଉଦ୍ଭାବନ କିପରି ସୁଲଭ, ସ୍କେଲେବଲ୍ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ସମାଧାନ ଆଡ଼କୁ ନେଇପାରିବ ତାହା ଉପରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସମଗ୍ର ଭାରତରୁ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନ ସହ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମନୋନୀତ ପ୍ରକଳ୍ପଗୁଡ଼ିକୁ ଅଧିକ ବିକାଶ ପାଇଁ କିଟ ଟିବିଆଇରେ ପ୍ରଦର୍ଶିତ କରାଯିବ। କିଟ ବିଶ୍ୱବିଦ୍ୟାଳୟ ଏବଂ ବିସିକେଆଇସି ଏପରି ପଦକ୍ଷେପ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ସମ୍ମିଳନୀକୁ ସ୍ୱିଜରଲ୍ୟାଣ୍ଡର ୟୁନିଭର୍ସିଟି ହସ୍ପିଟାଲ ବାସେଲର ଇଣ୍ଟରନ୍ୟାସନାଲ ସୋସାଇଟି ଫର ନାନୋମେଡିସିନର ସଭାପତି ପ୍ରଫେସର ପାଟ୍ରିକ୍ ହୁଞ୍ଜିକର ଏବଂ ଆମେରିକାର ପ୍ରିସିସନ୍ ନାନୋମେଡିସିନର ମୁଖ୍ୟ ସମ୍ପାଦକ ପ୍ରଫେସର ଲାଜୋସ୍ ପି. ବାଲୋଘ୍ ଉଦଘାଟନ କରିଥିଲେ। ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିଲେ।

## ପରୀକ୍ଷା ଦେଲେନି ୫୮୭ ଛାତ୍ରଛାତ୍ରୀ

**ନବରଙ୍ଗପୁର, ୨୨।୨ (ସଂଚାର ବ୍ୟୁରୋ):** ଜିଲ୍ଲାରେ ୫୮୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇନାହାନ୍ତି। ଅନୁପସ୍ଥିତଙ୍କ ମଧ୍ୟରେ ସର୍ବାଧିକ ୫୭୫ଜଣ ରହିଛନ୍ତି ରେଗୁଲାର ଛାତ୍ରଛାତ୍ରୀ। ଝରିଗାଁ ବ୍ଲକ ଡଙ୍ଗରିଗୁଡା ହାଇସ୍କୁଲର ୩୭ଜଣ, ବାଣ୍ଟ ଆଗୁଡା ହାଇସ୍କୁଲର ୩୦ଜଣ, ତାରକନଡି ହାଇସ୍କୁଲର ୧୪ଜଣ ଏବଂ ରାଇଘର ବ୍ଲକର ତୁଟୁଡି ହାଇସ୍କୁଲର ୨୨ଜଣ ରେଗୁଲାର ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଆଉଏକ ଘଟଣାକୁ ନେଇ ଜିଲ୍ଲାରେ ଚଞ୍ଚଳ୍ୟ ଖେଳିଯାଇଛି। ମାଟ୍ରିକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଥିବା ଦୁଇଜଣ ଛାତ୍ରୀ ଉଦୁଲିଆ(ବିବାହ) କରିବାକୁ ଚାଲିଯାଇଥିଲେ। ଶିକ୍ଷା ବିଭାଗ ଜାଣିବା ପରେ ଉଭୟ ଛାତ୍ରୀଙ୍କୁ ଉଦ୍ଧାର କରି ପରୀକ୍ଷା କେନ୍ଦ୍ରକୁ ଆଣିଥିଲା ପୁଲିସ୍। ଜିଲ୍ଲାରେ ଏବର୍ଷ ୧୭ହାଜର ୪୭୪ ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ ହଜାର ୮୯୯ ଜଣ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୫୭୫ ଜଣ ଅନୁପସ୍ଥିତ ରହିଛନ୍ତି। ଏକ୍ସରେଗୁଲାରରେ ୫୮ ଜଣଙ୍କ ମଧ୍ୟରୁ ୪ ଜଣ ଏବଂ ରାଜ୍ୟମୁକ୍ତ ବିଦ୍ୟାଳୟରେ ୧୭୬ ମଧ୍ୟରୁ ୮ ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାରେ ମୋଟ ୮୩ଟି ପରୀକ୍ଷା କେନ୍ଦ୍ର କରଯାଇଥିଲା।

ଜିଲ୍ଲାରେ ଏତେ ସଂଖ୍ୟାରେ ରେଗୁଲାର ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ସଂପର୍କରେ ଆମେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ଯୋଗଯୋଗ କରିବାରୁ କହିଛନ୍ତି, ଉପାନ୍ତ ଅଞ୍ଚଳରେ ସଚେତନତା ଅଭାବ ଏହାର ମୂଳକାରଣ। ଅଭିଭାବକମାନେ ପିଲାଙ୍କୁ ଶିକ୍ଷା ବଦଳରେ ଅନ୍ୟାନ୍ୟ କାମରେ ନିୟୋଜିତ କରୁଛନ୍ତି । ବିଭାଗ ପକ୍ଷରୁ ମାଟ୍ରିକ ଫର୍ମ ପୂରଣ କରିବାକୁ ଶିକ୍ଷକମାନେ ଗାଁ ଗଣ୍ଡାରେ ପହଞ୍ଚି ବ୍ୟପକ ସଚେତନ କରିଥିଲେ। ଅନେକ ଅଭିଭାବକଙ୍କ ରୋଶର ଶିକାର ହୋଇଥିଲେ। ପିଲାଙ୍କୁ କାମଧନ୍ଦାରେ ନଲଗାଇଲେ କେମିତ ପେଟ ପୋଷିବେ ବୋଲି ଶିକ୍ଷକଙ୍କୁ ପାଲଟା ପ୍ରଶ୍ନ କରିଥିଲେ। ଗତବର୍ଷ ତୁଳନାରେ ଏଥର ପରୀକ୍ଷାରେ ଅନୁପସ୍ଥିତ ସଂଖ୍ୟା କମିଛି । ଗତ ବର୍ଷ ୮୦୦ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବାବେଳେ ଏଥର ଏହି ୫୮୭କୁ ଖସିଛି। ଆସନ୍ତା ବର୍ଷକୁ ଅନୁପସ୍ଥିତ ଆହୁରି କମିବ ବୋଲି ଆଶା କରାଯାଉଛି।

## ମଡେଲ ମଣ୍ଡି ନିର୍ମାଣରେ ଅନିୟମିତତା



**ନିମ୍ନମାନର କାମ ଅଭିଯୋଗ**

**ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା**

**ନୟାଗଡ଼, ୨୨।୨ (ସଂଚାର ବ୍ୟୁରୋ):** ଯନ୍ତ୍ରୀଙ୍କ ଅନୁପସ୍ଥିତରେ କାମ ହେଉଛି ମଡେଲ ମଣ୍ଡି । ନିମ୍ନମାନର କାମ ହେଉଛି କିନ୍ତୁ ତଦାରଖ କରିବାକୁ କେହି ନାହାନ୍ତି। କୋଟି କୋଟି ଟଙ୍କାର ଅନୁଦାନ ଆସିଛି କିନ୍ତୁ ଠିକାଦାରଙ୍କ ମନମୋଟିଆ ଯୋଗୁଁ ନିମ୍ନମାନର କାମ ହେଉଛି । ଉନ୍ନତ ମାନର ରଡ଼ ଛାଡି, କମ ମୂଲ୍ୟର ସିମେଣ୍ଟ, ରଡ଼ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ନୟାଗଡ଼ ବଳରାମ ପାହାଡ଼ ପାଦ ଦେଶରେ ମଡେଲ ମଣ୍ଡି ନିର୍ମାଣ କାର୍ଯ୍ୟରେ ସାଂଘାତିକ ଅନିୟମିତତା ଗନ୍ଧ ବାରି ହେଉଛି । ନୟାଗଡ଼ ସହର ନିକଟସ୍ଥ ତୁଳସିପୁର ମୌଜା ତଥା ବଲ୍ଲଭପୁର ଗାଁ ନିକଟରେ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ମଡେଲ ମଣ୍ଡି ନିର୍ମାଣ କରାଯାଉଛି। ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୁଲ୍ୟରେ ନିର୍ମାଣ ହେଉଥିବା ମଣ୍ଡି କାର୍ଯ୍ୟ କରିବା ପାଇଁ ୨୦୨୪ ମସିହା ମାର୍ଚ୍ଚ ୧୨ ତାରିଖରେ ଶିଳାନ୍ୟାସ କରାଯାଇଥିଲା । ବର୍ଷେ ତଳେ ଶିଳାନ୍ୟାସ ହୋଇଥିବା ଏହି ବ୍ୟୟ ବହୁଳ ମଣ୍ଡି ନିର୍ମାଣ କାମ ଆରମ୍ଭ ହୋଇଛି । ଆରମ୍ଭରୁ ନିମ୍ନମାନର କାମ କରାଯାଉଥିବା ଦେଖାଯାଇଛି । ମଡେଲ ମଣ୍ଡିରେ ୩୨ଟି ଗୋଦାମ ଗୃହ, ୧ ହଜାର ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ବଡ଼ ଗୋଦାମ ଗୃହ ୨ଟି, ଖଳା, କୃଷି ଜାତ ଦ୍ରବ୍ୟ ଗୁଣବତ୍ତା ଅନୁଯାୟୀ ପୃଥକ କରିବା ଗୃହ, ୩୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳ ଭଣ୍ଡାର, ଓଜନ କଣ୍ଟା, କୃଷକ ସୂଚନା କେନ୍ଦ୍ର ଗୃହ, କୃଷକ ବିଶ୍ରାମ ଗୃହ, କ୍ୟାଣ୍ଟିନ୍, ନିଲାମ ଗୃହ, ମୁକ୍ତକାଶ ପିଣ୍ଡି, କାର୍ଯ୍ୟାଳୟ ଗୃହ, ଶୌଚାଳୟ, ୬୦ ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରାଯିବାକୁ ଯୋଜନା ରହିଛି । କାମ ଦାୟିତ୍ୱରେ ରହିଥିବା ଯନ୍ତ୍ରୀଙ୍କ ନୟାଗଡ଼ରେ ଦେଖା ମିଳୁନଥିବାରୁ ଠିକାଦାରଙ୍କୁ ନିମ୍ନମାନର କାମ କରିବାକୁ ସୁଯୋଗ ମିଳୁଛି । ଗୃହ ଗୁଡ଼ିକ ପ୍ଲିନ୍ଥ ପର୍ଯ୍ୟନ୍ତ ବାଲି ପୋତିବା ନିୟମ ରହିଥିବା ବେଳେ ଏଥିରେ ମାଟି ଓ ମୋରମ ପୋତା ଯାଉଥିବା, ପିଲର ଗାତ ଗୁଡ଼ିକୁ ମଧ୍ୟ ମୋରମ ଓ ଚିକିଟା ମାଟି ପୋତା ଯାଉଛି । ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ମଧ୍ୟ କାମକୁ ଧ୍ୟାନ ଦେଉନଥିବା ଜଣାପଡ଼ିଛି। ଏନେଇ ଉପ ଜିଲ୍ଲାପାଳଙ୍କୁ ପଚାରିବାରେ, ମୋ ପାଖକୁ ସେହିଭଳି କିଛି ଅଭିଯୋଗ ଆସିନାହିଁ, କମ୍ପ୍ଲେନ ଦିଅନ୍ତୁ, ତଦନ୍ତ କରାଯିବ ବୋଲି ନୟାଗଡ଼ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରକାଶ କରିଛନ୍ତି ।

## କ୍ଲଷ୍ଟରସ୍ତରୀୟ ପରିବେଶ ସଚେତନତା କର୍ମଶାଳା




**ଉମରକୋଟ, ୨୨।୨ (ସଂଚାର ବ୍ୟୁରୋ):** ବେହେଡା ଗ୍ରାମପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'କ୍ଲଷ୍ଟରସ୍ତରୀୟ ପରିବେଶ ସଚେତନତା କର୍ମଶାଳା-୨୦୨୫' ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଶୁଭେନ୍ଦୁ ପ୍ରସାଦ ବେହେରା, ବନଖଣ୍ଡ ଅଧିକାରୀ, ନବରଙ୍ଗପୁର ମୁଖ୍ୟ ଅତିଥି, ଆଲୋକ କୁମାର ଅନୁଗୁଳିଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉମରକୋଟ ପୌର ପରିଷଦ, ମୁଖ୍ୟବକ୍ତା, ବନାଞ୍ଚଳ ଅଧିକାରୀ, ଉମରକୋଟ, ଦେବସ୍ମିତା ସାହୁ ବରେଣ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁ ପ୍ରସାଦ ସାହୁ, ସଭାପତି, ସମ୍ମାନିତ ଅତିଥି ଭାବେ ବେହେଡା ସରପଞ୍ଚ ପ୍ରମିଳା ଗଣ୍ଡ, ଟୁଟୁବାବୁ ପଟ୍ଟନାୟକ, ଫନିନ୍ଦ୍ର ଗାଇନ, ସଞ୍ଜୟ କୁମାର ସାମଲ, ବିମଳ କୁମାର ବାରୋଇ, ହରପ୍ରସାଦ ପାଣିଗ୍ରାହୀ, ସରୋଜ ପାଢ଼ୀ, ଶେଖ ନାସିରୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ ।

ମୁଖ୍ୟ ଅତିଥି ଶ୍ରୀ ବେହେରା ନିଜ ବକ୍ତବ୍ୟରେ ପରିବେଶର ଉପଯୁକ୍ତ ସୁରକ୍ଷା ଓ ବୃକ୍ଷ ରୋପଣ ଦ୍ୱାରା ହିଁ ଜଳବାୟୁ ସନ୍ତୁଳନ ଓ ବିଶ୍ୱ ତାପନକୁ ନିୟନ୍ତ୍ରଣ କରିହେବ ବୋଲି ମତ ରଖିଥିବା ବେଳେ ମୁଖ୍ୟ ବକ୍ତା ଶ୍ରୀ ଅନୁଗୁଳିଆ ସମ୍ମିଳିତ ଉଦ୍ୟମରେ ହିଁ ଜଙ୍ଗଲର ସୁରକ୍ଷା କରିହେବ ବୋଲି କହିଥିଲେ । ଶୁଭେନ୍ଦୁ ପ୍ରସାଦ ବେହେରା, ଆଲୋକ କୁମାର ଅନୁଗୁଳିଆ, ଦେବସ୍ମିତା ସାହୁଙ୍କୁ କ୍ଲଷ୍ଟର ତରଫରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବେହେଡା ବିଦ୍ୟାଳୟର କଳାକାରବୃନ୍ଦ ପରିବେଶ ଉପରେ ଆଧାରିତ ଏକ ନୃତ୍ୟ ପରିବେଷଣ କରିଥିଲେ । ତତ୍ପରେ ତର୍କ, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ମହାଶିବରାତ୍ରି ପାଇଁ ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର





**ବୁଡିବାକୁ ବସିଲାଣି କୌଳିକ ବୃତ୍ତି**

**କାକଟପୁର/ଅସ୍ତରଙ୍ଗ, ୨୨।୨ (ସଂଚାର ବ୍ୟୁରୋ) :** ୨୬ତାରିଖରେ ଗାଁ ଠାରୁ ସହର ସବୁଠି ମହାଶିବରାତ୍ରି (ଜାଗର )ମହାସମାରୋହରେ ପାଳିତ ହେବ। ଏହି ଉପଲକ୍ଷେ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ନିଜ ନିଜର ମନସ୍କାମନା ଜଣାଇବା ଉଦେଶ୍ୟରେ ଦୀପ ଜାଳିବା ସହିତ ରାତି ଉଜାଗର ରହି ଶିବରାତ୍ରି ପାଳନ କରିବେ। ଏଥି ପାଇଁ କୁମ୍ଭକାର ପରିବାରଗୁଡିକ ଦୀପ ଗଢିବା କାର୍ଯ୍ୟ ମାସ ମାସ ଧରି ଚଳାଇଥାନ୍ତି। ମାତ୍ର ଏବେ ପରିସ୍ଥିତି ବଦଳିଯାଇଛି। ପରିବର୍ତ୍ତନ ଦୁନିଆରେ ସହର ହେଉ ଗାଁରେ ବସବାସ କରୁଥିବା ଲୋକେ ଏବେ ମାଟିପାତ୍ର ବଦଳରେ ପ୍ଲାଷ୍ଟିକିକୁ ଆପଣେଇ ନେଇଛନ୍ତି। ଫଳରେ ପାରମ୍ପରିକ କୌଳିକ ବେଉସାକୁ ଜାବୁଡି ଧରିଥିବା କୁମ୍ଭକାର ମାନଙ୍କ ଆର୍ଥିକ ସ୍ଥିତି ଏବେ ବିଗିଡ଼ିବାରେ ଲାଗିଛି। ପୁଣି ଦୀପ ତିଆରି ପାଇଁ ଆବଶ୍ୟକ ଥିବା କଞ୍ଚାମାଲ ସୁରୂପ ଚିକିଟା ମାଟି ଓ ତାକୁ ପୋଡିବାର କାଠର ମୂଲ୍ୟ ବଢ଼ିଯାଇଛି। ଫଳରେ ସ୍ଥାନୀୟ ଓସ୍ତପୁର, ଅସ୍ତରଙ୍ଗ ସମେତ ଆଖପାଖ ଅଞ୍ଚଳର କୁମ୍ଭକାର ପରିବାର ଏବେ ଏହି କୌଳିକ ବୃତ୍ତିକୁ ନେଇ ପରିବାର ପ୍ରତିପୋଷଣ କରିପାରୁନଥିବା ଦେଖିବାକୁ ମିଳିଛି।

ପୁରୀ ଜିଲ୍ଲା କାକଟପୁର ବ୍ଲକ ସୋମନାଥପୁର ଓ ଜଗନ୍ନାଥପୁରରେ ୧ଶହରୁ ଉର୍ଦ୍ଧ୍ୱ ପରିବାର ଓ ଅସ୍ତରଙ୍ଗ ବ୍ଲକ ଓସ୍ତପୁର ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ପୂର୍ବ ପୁରୁଷ ଅମଳରୁ ହାଣ୍ଡି, ମାଠିଆ, ଦୀପ, ଶରା, ଫୁଲକୁଣ୍ଡ, ମାଟିଘୋଡା, ପଲମ, ସୁରେଇ, ଘଡି ଆଦି ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଯୁଗ ବଦଳିବା ସହ ଲୋକଙ୍କ ଚଳଣି ଆଉ ଚାହିଦା ମଧ୍ୟ ବଦଳି ଗଲା। କେବଳ ପୂଜା, ପାର୍ବଣ, ବିବାହ, ବ୍ରତକୁ ଛାଡିଦେଲେ ଏହି ମାଟିପାତ୍ରର ଆଉ ଆବଶ୍ୟକତା ପଡୁ ନାହିଁ।

ସମ୍ପ୍ରତି ମାଟି ପାତ୍ରର ଚାହିଦା କମିଯାଇଥିବା ବେଳେ ସରକାରୀ ପ୍ରୋତ୍ସାହନ ଅଭାବ କୁମ୍ଭକାରଙ୍କୁ ନିରୁତ୍ସାହିତ କରି ଦେଇଛି। ମାଟି ସାମଗ୍ରୀ ଗଢିବା ପାଇଁ ଅହେତୁକ ଦରବୃଦ୍ଧି ଅନ୍ୟ ଏକ ସମସ୍ୟା ପାଲଟିଛି। ତେଣୁ ଏବେ ଖାଲି ଅଳ୍ପ ପରିମାଣରେ ସାମଗ୍ରୀ ଗଢି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛୁ ବୋଲି ଓସ୍ତପୁର ଗ୍ରାମର କୁମ୍ଭକାର ଭ୍ରମରବର ମୁଦୁଲି କୁହନ୍ତି। ପରିସ୍ଥିତି ଏବେ ଏଭଳି ଯେ ପାରିଶ୍ରମିକ ତୁଳନାରେ ରୋଜଗାର କମିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ବିଭିନ୍ନ ସମସ୍ୟା ପାଇଁ ଅନେକ ଆମ ଭଳି କୁମ୍ଭକାର ପରିବାର ଏବେ ଗାଁ ଛାଡି ବିଭିନ୍ନ ସ୍ଥାନକୁ ଯାଇ ଶ୍ରମିକ ଭାବେ କାମ କରୁଥିବା କୁମ୍ଭକାର ଶିବ ମୁଦୁଲି କହିଛନ୍ତି। କୁମ୍ଭକାରଙ୍କ ଏହି ପାରମ୍ପାରିକ କୌଳିକ ବୃତ୍ତି ପ୍ରତି ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଗଲେ ଆହୁରି ଭିନ୍ନ ଢଙ୍ଗରେ କାର୍ଯ୍ୟକରିବାରେ ସହାୟକ ହୋଇ ପାରନ୍ତା ବୋଲି ଅନେକ ଯୁବ କୁମ୍ଭକାର ମତ ଦେବା ସହ ପ୍ରଶାସନକୁ ନିବେଦିନ କରିଛନ୍ତି।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ନୟାଗଡ଼, ୨୨।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ନିର୍ଦ୍ଦେଶରେ ଜିଲ୍ଲା ଗ୍ରାମୀଣ ଆଇନ ସଚେତନତା କର୍ମୀମାନଙ୍କୁ ନେଇ ନୟାଗଡ଼ ଖେଳପଡ଼ିଆ ଠାରେ ପରିବେଶର ସୁରକ୍ଷା ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖେଳପଡ଼ିଆ ପରିସରରେ ପାଣିବୋତଲ, ଜରି, ଗଛର ଡାଳପତ୍ର ପଡ଼ି ପଡ଼ିଆଟି ଅପରସ୍କାର ହୋଇ ପଡ଼ିଥିଲା। ଏହି ପଡ଼ିଆରେ ଖେଳପ୍ରେମୀମାନେ ପ୍ରତିଦିନ ଖେଳକୁଦ କରିଥାନ୍ତି । ନୟାଗଡ଼ର ସଚେତନ ବୁଦ୍ଧିଜୀବୀମାନେ ମଧ୍ୟ ପ୍ରାତଃ ଭ୍ରମଣ କରି ନିଜର ସ୍ୱାସ୍ଥ୍ୟ ପ୍ରତି ସଜାଗ ହୋଇଥାନ୍ତି। କିନ୍ତୁ ଦୁଃଖର ବିଷୟ ସଚେତନତା ଅଭାବ ଯୋଗୁଁ ଜନସାଧାରଣ ପଡ଼ିଆରେ ଅପରିଷ୍କାର କରି ପଡ଼ିଆଟିକୁ ଦୂଷିତ କରିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ନିର୍ଦ୍ଦେଶ ଜିଲ୍ଲା ଆଇନ ସଚେତନତା କର୍ମୀମାନେ ହାତରେ ଝାଡୁଧରି ପଡ଼ିଆଟିକୁ ପରିଷ୍କାର କରିଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣର ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏଭଳି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ସୂଚନା ମିଳିଛି ।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଜ୍ଞାନ ଓ ବିଚାରର ପ୍ରୟୋଗଶାଳା: ଧର୍ମେନ୍ଦ୍ର

- ବିଶ୍ୱବିଦ୍ୟାଳୟ ଦେଶର ଅମୂଲ୍ୟ ଐତିହ୍ୟ
- ଆଗାମୀ ଦିନରେ ହେବ ବିଶ୍ୱର ଜ୍ଞାନ ପେଣ୍ଠସ୍ଥଳୀ
- କେବଳ ବିଶ୍ୱବିଦ୍ୟାଳୟ ନୁହେଁ, ବରଂ ଏକ କ୍ଷୁଦ୍ର ଭାରତ




**ନୂଆଦିଲ୍ଲୀ,୨୨।୨(ସଂଚାର ବ୍ୟୁରୋ):** ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହେଉଛି ଦେଶର ଅମୂଲ୍ୟ ଐତିହ୍ୟ। ଜ୍ଞାନ, ବିଜ୍ଞାନ ଏବଂ ବିଚାରର ପ୍ରୟୋଗଶାଳା। ଆଗାମୀ ଦିନରେ ଏହା ବିଶ୍ୱର ଜ୍ଞାନ ପେଣ୍ଠସ୍ଥଳୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୧୦୧ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଦିନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ରାଷ୍ଟ୍ରର ନେତୃତ୍ୱ ନେଇଛି। ଭାରତର ପ୍ରତ୍ୟେକ କୋଣଅନୁକୋଣରୁ ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକ ଏହି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା କେବଳ ଏକ ବିଶ୍ୱବିଦ୍ୟାଳୟ ନୁହେଁ, ବରଂ ଏକ କ୍ଷୁଦ୍ର ଭାରତ। ୧୦୧ ବର୍ଷରେ ଉପନୀତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ଗତବର୍ଷରେ ଆୟୋଜିତ ସମାବର୍ତ୍ତନ ସମାରୋହରେ ପୂର୍ବତନ ରାଷ୍ଟ୍ରପତି ଡା. ସର୍ବପଲ୍ଲୀ ରାଧାକୃଷ୍ଣନ, ଡ. ଏପିଜେ ଅବଦୁଲ କଲାମ, ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ସେହି ବିଶ୍ୱବିଦ୍ୟାଳୟରେ ଅତିଥି ଭାବେ ଯୋଗଦେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ୧୯୭୪-୭୫ରେ ଦ୍ୱିତୀୟ ଥର ପାଇଁ ଦେଶର ସମ୍ବିଧାନକୁ ବଦଳାଗଲା ଓ ବ୍ୟକ୍ତିଠାରୁ ତା'ର କଥା କହିବାର ଅଧିକାରକୁ ଛଡ଼ାଇ ନିଆଗଲା। ଏହା ବିରୋଧରେ ସର୍ବପ୍ରଥମେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ୱର ଉତ୍ତୋଳନ କରିଥିଲା, ଯାହାର ନେତୃତ୍ୱ ନେଇଥିଲେ ତତ୍କାଳୀନ ଛାତ୍ର ସଂସଦ ସଭାପତି ଅରୁଣ ଜେଟଲି। ଆମେ ମୂଳ ବିଷୟ ସହ ଯୋଡ଼ି ହୋଇ ହିମାଳୟ ଭଳି ଦୃଷ୍ଟିକୋଣ ସହିତ ଭବିଷ୍ୟତକୁ ଦେଖିବା ଉଚିତ। ତା'ହେଲେ ଆମେ ବିଶ୍ୱକୁ ସମାଧାନ ପ୍ରଦାନ କରିବାରେ ସମର୍ଥ ହୋଇପାରିବା। ଭାରତ ଏପରି ଏକ ରାଷ୍ଟ୍ର ଯିଏ କେବେ ବି କେବଳ ନିଜ ବିଷୟରେ ଚିନ୍ତା କରିନାହିଁ, ବରଂ ସର୍ବଦା ବିଶ୍ୱ କଲ୍ୟାଣ ଭାବନା ସହ ଆଗକୁ ବଢ଼ିଛି। ପ୍ରଧାନମନ୍ତ୍ରୀ ଭାରତକୁ ଏକ 'ବିକଶିତ ଭାରତ'ରେ ପରିଣତ କରିବା ପାଇଁ ଏନ୍ଇପିର ପରିକଳ୍ପନା କରିଥିବା ବେଳେ ଏହାର କାର୍ଯ୍ୟକାରିତାରେ ଦଲ୍ଲୀ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେଉଛି। ଭାରତ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛି। ତେବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନେତୃତ୍ୱରେ ସାରା ଦେଶରେ ଏନ୍ଇପିର ସଫଳ ରୂପାୟନ ସମ୍ଭବ ହେବ ବୋଲି ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯୋଗେଶ ସିଂହ ଯୋଗଦେଇଥିଲେ।

## ନ୍ୟୁ ଜଲପାଇଗୁଡ଼ି ଟ୍ରେନରୁ ଖସିପଡିଲା ବ୍ୟାଟେରୀ ବକ୍ସ, ଯାତ୍ରୀ ହନ୍ତସନ୍ତ

**ସୋର,୨୧।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ସବିରା ଷ୍ଟେସନରେ ଅଘଟଣ । ଚେନ୍ନାଇ- ନ୍ୟୁ ଜଲପାଇଗୁଡ଼ି ଟ୍ରେନରେ ଅଘଟଣ । ଟ୍ରେନରୁ ବ୍ୟାଟେରୀ ବକ୍ସ ଖସି ପଡିଲାରୁ ଟ୍ରେନଟି ଅଟକି ରହିଛି । ଯେଉଁଥିପାଇଁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।ବାହାନଗା ଟ୍ରେନ ଟ୍ରାଜେଡି ମନରୁ ଲିଭିନଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ସବିରା ରେଳ ଷ୍ଟେସନରୁ କିଛି ଦୂର ବେଲସବିରା ନିକଟରେ ଆଉ ଏକ ଟ୍ରେନ ଅଘଟଣ ଘଟିଛି । ଚେନ୍ନାଇ- ନ୍ୟୁ ଜଲପାଇଗୁଡି ଯାଉଥିବା ସମୟରେ ଟ୍ରେନର ଗୋଟିଏ ବଗିରୁ ବ୍ୟାଟେରୀ ବକ୍ସ ଖସିପଡିଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ନୂଆ ଟ୍ରାକ କାମ ଚାଲିଥିବା ବେଳେ ଟ୍ରେନର କିଛି ଅଂଶ ଭାଙ୍ଗି ଯାଇଥିଲା । ଯାହାଫଳରେ ଟ୍ରେନଟି ଆଉ ଆଗକୁ ଯାଇ ପାରିନଥିଲା ।ଟ୍ରେନଟି ଅପ ଲାଇନରେ ଯାଉଥିଲା ବୋଲି ଜଣାପଡିଛି । ଅନ୍ୟପଟେ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି । ଦୀର୍ଘ ସମୟ ଧରି ଟ୍ରେନଟି ଅଟକି ରହିଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି । ଟ୍ରେନର ମରାମତି କାର୍ଯ୍ୟ ଜାରି ରହିଛି ।ଏକ ବଡ଼ ରେଳ ଦୁର୍ଘଟଣାରୁ ବର୍ତ୍ତିଥିବା ବେଳେ ସ୍ଥାନୀୟ ବାସିନ୍ଦା କହିଛନ୍ତି, "ନିୟୁ ଜଲପାଇଗୁଡ଼ି ଏକ୍ସପ୍ରେସ ଭଦ୍ରକ ଆଡ଼କୁ ଯିବା ବେଳେ ସବିରା ଷ୍ଟେସନ ନିକଟରୁ ପ୍ରାୟ ଏକ କିଲୋମିଟର ଦୂର କାଂଶବାଂଶ ପୋଲ ପାଖରେ ତାର ବ୍ୟାଟେରୀ ବକ୍ସ ଭାଙ୍ଗି ଯାଇଛି । କିପରି ହେଲା ତାହାର କାରଣ ଜଣାପଡିନାହିଁ । ହେଲେ ଟ୍ରେନ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ଟ୍ରେନ ଲାଇନଚ୍ୟୁତ ହୋଇନାହିଁ । ଡ୍ରାଇଭରଙ୍କ ଚତୁରତା ପାଇଁ ସବୁକିଛି ଠିକ ଅଛି । ଲୋକମାନେ ଡରିଯାଇ ଟ୍ରେନରୁ ଓହ୍ଲାଇ ପଡିଛନ୍ତି। ବାହାନଗା ଭୟ ଏତେଯାଏ ଦୂର ହୋଇନାହିଁ । କାହାର କିଛି କ୍ଷୟକ୍ଷତି ହୋଇନାହିଁ ।"

● ସରକାରୀ ଅର୍ଥ ତୋଷରପାତ ଅଭିଯୋଗ

## ପିଇଓଙ୍କ ସମେତ ୨ ଗିରଫ

**୪ ଜଣ ମିଶି ହଡ଼ପ କରିଛନ୍ତି ୭.୨୦ ଲକ୍ଷ**

**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ପିଇଓଙ୍କ ସମେତ ୨ ଜଣଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ହୋଇଥିବା ପିଇଓ ଜଣଙ୍କ ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ୍ ଅନ୍ତର୍ଗତ ଗୁଛାଗୁଡା ପଞ୍ଚାୟତରେ କାର୍ଯ୍ୟରତ ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ ବରାଳ ବୋଲି ଜଣାପଡିଛି। ସେମାନଙ୍କ ବିରୋଧରେ ୭ ଲକ୍ଷ ୨୦ ହଜାର ୯୮୧ ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ରହିଛି। ବରାଳ ଭ୍ରାତା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଓ ପିଆଇଓ ବରୁଣ ଦାସଙ୍କ ସହ ମିଶି ଏହି ଅର୍ଥ ହଡପ କରିଛନ୍ତି। କୁରେଶ୍ୱର ପଞ୍ଚାୟତ ପାଇଁ କେନ୍ଦ୍ରୀୟ ବିତ୍ତ କମିଶନ (ସିଏଫ୍ସି) ଓ ରାଜ୍ୟ ବିତ୍ତ କମିଶନ (ଏସ୍ଏଫ୍ସି) ପକ୍ଷରୁ ହାଇମାଷ୍ଟ ଲାଇଟ୍, ଷ୍ଟ୍ରୀଟ ଲାଇଟ୍ ସ୍ଥାପନ ଓ ମରାମତି ସହ ପାର୍କ ପାଇଁ ଜିମ୍ ସରଞ୍ଜାମ ସକାଶେ ଯୋଗାଇ ଦିଆଯାଇଥିବା ଅନୁଦାନକୁ ଉପରୋକ୍ତ ୪ ଜଣ ହଡ଼ପ କରିଛନ୍ତି। ତଦନ୍ତ ସମୟରେ ଉପରୋକ୍ତ ଅର୍ଥରୁ ଗୋଟିଏ ଟଙ୍କା ବି ଖର୍ଚ୍ଚ ହୋଇନଥିବା ଜଣାପଡ଼ିଛି। ଉକ୍ତ ଅର୍ଥ ମଧ୍ୟରୁ ୪.୨ ଲକ୍ଷ ଟଙ୍କା ବରାଳ ଭ୍ରାତାଙ୍କ ଆକାଉଣ୍ଟକୁ ଯାଇଥିବାବେଳେ ଅବଶିଷ୍ଟ ୩ ଲକ୍ଷ ୯୮୧ ଟଙ୍କା ବରୁଣଙ୍କ ଆକାଉଣ୍ଟରେ ଜମା ହୋଇଛି। ଭିଜିଲାନ୍ସ ପକ୍ଷରୁ ଗତ ୨୧ ତାରିଖରେ ୪/୨୫ରେ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି।

## ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

● ପାଲଲହଡ଼ାରେ ଚାଞ୍ଚଲ୍ୟ, ଦୁଇ ଅଟକ

**ପାଲଲହଡ଼ା,୨୨।୨(ସଂଚାର ବ୍ୟୁରୋ):** ବର୍ବରତାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜନୈକା ୩୨ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମହିଳାଙ୍କ ମୃତଦେହକୁ ନବନିର୍ମିତ ଅଙ୍ଗନବାଡ଼ି ଘରୁ ଠାବ କରାଯାଇଛି। ଏଭଳି ବିଭତ୍ସ କାଣ୍ଡ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳରେ ଘଟିଥିବା ଅଭିଯୋଗ ହୋଇଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ମହିଳା ଜଣଙ୍କ ପାଲଲହଡ଼ା ଅଞ୍ଚଳର ଓ ତାଙ୍କର ୪ଟି ସନ୍ତାନ ଅଛନ୍ତି। ସେ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଡେରାପଥର ଗାଁରେ ବିଭିନ୍ନ ଲୋକଙ୍କ ଗାଈ ଚରାଇ ପରିବାର ପ୍ରତିପୋଷଣ କରନ୍ତି। ତେବେ ଗତକାଲି ସେ ତାଙ୍କ ରେସନ୍ କାର୍ଡରେ ଚାଉଳ ଉଠାଇବା ପାଇଁ ନିଜ ଗାଁକୁ ଆସିଥିଲେ। କିନ୍ତୁ ଆଉ ଘରକୁ ନ ଫେରିବାରୁ ତାଙ୍କ ସ୍ୱାମୀ ଓ ପିଲାମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇନଥିଲେ। ତେବେ ଆଜି ସନ୍ଧ୍ୟାରେ କେତେକ ପିଲା ଅଙ୍ଗନବାଡ଼ି ବାରଣ୍ଡାରେ ଖେଳୁଥିବା ସମୟରେ ଉକ୍ତ ମହିଳାଙ୍କ ଅର୍ଦ୍ଧଉଲଗ୍ନ ମୃତଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ମହିଳାଙ୍କ ଶରୀରରେ କେତେକ କ୍ଷତଚିହ୍ନ ମଧ୍ୟ ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପାଲଲହଡା ପୁଲିସ ଆଇଆଇସି ପ୍ରଦୀପ କୁମାର ମହାନ୍ତ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛି। ତାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଏହାଛଡ଼ା ଘଟଣାସ୍ଥଳରେ ପୁଲିସ୍ ସାଇଣ୍ଟିଫିକ ଟିମ ସହାୟତାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଚଳାଇଛି।

## ପ୍ରେମିକ ଦୁଆରେ ପ୍ରେମିକାଙ୍କ ଧାରଣା

● ଅଭିଯୁକ୍ତ ଫେରାର୍, ପୁଲିସ୍ ଦେଲା ସୁରକ୍ଷା



**କଟକ,୨୨।୨(ସଂଚାର ବ୍ୟୁରୋ):** କଥା ଦେଇଥିଲେ ସାଥି ହୋଇ ଜୀବନ କାଟିବେ। କିନ୍ତୁ ଆଜି ଅଧା ବାଟରେ ଛାଡ଼ି ଦେଇ ଆଉ କାହାକୁ ବାହାହେବାକୁ ବାହାରିଛନ୍ତି। କେତେ ପ୍ରତିଶ୍ରୁତି ଆଉ କେତେ ସ୍ୱପ୍ନ ଦେଖାଇ ପ୍ରେମ ଜାଲରେ ଫସାଇଥିଲେ। ଆଜି ସେସବୁ ମିଛ ଓ ପ୍ରତାରଣା ପାଲଟିଯାଇଛି। ଦୀର୍ଘ ୫ ବର୍ଷ ଧରି ଭଲ ପାଉଥିଲେ ମଧ୍ୟ ତାଙ୍କୁ ଆଜି ଅଲୋଡ଼ା କରିଦେଇଥିବାରୁ ପ୍ରେମିକା ପ୍ରେମିକ ଘର ଆଗରେ ଧାରଣା ଦେଇଛନ୍ତି। ସ୍ତ୍ରୀର ପରିଚୟ ପାଇବା ସକାଶେ ତାଙ୍କୁ ଆଜି ସଂଘର୍ଷ କରିବାକୁ ପଡୁଛି। ଏପରିକି ପ୍ରବଞ୍ଚକ ପ୍ରେମିକ ତାଙ୍କୁ ହତ୍ୟା କରିବା ସକାଶେ ମଧ୍ୟ ଉଦ୍ୟମ କରିଥିବା ପ୍ରେମିକା ଜଣଙ୍କ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଗୋଲଗୋଲା ଗାଁରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ଗାଁର ଦିବାକର ରଥ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ୫ ବର୍ଷ ପୂର୍ବେ ତାଙ୍କର ସେଠାରେ ମୀନାକ୍ଷୀବାଳା ନାମ୍ନୀ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲା। ତେବେ ବର୍ଷେ ପୂର୍ବେ ଦିବାକର ବିବାହ କରୁଥିବା ଖବର ପାଇ ମୀନାକ୍ଷୀ ବାହାଘର ବନ୍ଦ କରିଥିଲେ। ତାଙ୍କ ପ୍ରତି ପ୍ରତାରଣା କରିଥିବା ଅଭିଯୋଗ ନେଇ ସେ ସଦର ଥାନାରେ ବି ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୁଲିସ୍ ଦିବାକରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କଟକ ଅଞ୍ଚଳର ମୀନାକ୍ଷୀ ଗତ ୧୪ ତାରିଖରେ ଦିବାକର ପୁନର୍ବାର ବିବାହ କରୁଥିବା ଖବର ପାଇଥିଲେ। କିନ୍ତୁ ଏଥର ସେ ବିବାହ ବନ୍ଦ କରିବାରେ ସକ୍ଷମ ହୋଇନଥିଲେ, କାରଣ ଏନେଇ ସେ ବିଳମ୍ବରେ ଖବର ପାଇଥିଲେ। କିନ୍ତୁ ନିଜର ହକ୍ ପାଇଁ ସେ ପ୍ରେମିକର ଘର ଆଗରେ ଅନଶନରେ ବସିଛନ୍ତି। ତେବେ ପରେ ଦିବାକର ନୁହେଁ, ବରଂ ତାଙ୍କ ସାନ ଭାଇ ବିବା କରିଥିବା ଜାଣିବାକୁ ପାଇଥିବା ମୀନାକ୍ଷୀ ଏବେ ତାଙ୍କୁ ସ୍ତ୍ରୀର ହକ୍ ଦେବା ସକାଶେ ଦାବି କରିଛନ୍ତି। ଆଜି ମୀନାକ୍ଷୀଙ୍କୁ ସ୍ଥାନୀୟ ଅଞ୍ଚଳରେ ଜଣେ ମହିଳା ସାମାଜିକ କର୍ମୀ ପହଞ୍ଚି ବୁଝାସୁଝା କରିଛନ୍ତି। ମୀନାକ୍ଷୀଙ୍କ ସୁରକ୍ଷା ପାଇଁ ସଦର ଥାନା ପୁଲିସ ପକ୍ଷରୁ ଜଣେ ମହିଳା କର୍ମଚାରୀଙ୍କୁ ମଧ୍ୟ ସେଠାରେ ମୁତୟନ କରାଯାଇଛି। କିନ୍ତୁ ଦିବାକରଙ୍କର କୌଣସି ଖୋଜ୍ଖବର ନାହିଁ। ସେ ଏବେ ବି ଫେରାର୍ ଅଛନ୍ତି। ଅନ୍ୟପକ୍ଷରେ ଦିବାକରଙ୍କ ମା' କୋର୍ଟରେ ମାମଲା ବିଚାରାଧୀନ ରହିଛି। ଶୁଣାଣିରେ ମୀନାକ୍ଷୀଙ୍କୁ ନ୍ୟାୟ ମିଳିବ। କିନ୍ତୁ ଏହା ପୂର୍ବରୁ ସେ କାହିଁକି ଘର ଆଗରେ ଧାରଣାରେ ବସି ତାଙ୍କ ପରିବାରକୁ ବଦନାମ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

## ଦରମା ପାଇଲେ ମୂଲ ଲାଗିବାକୁ ଦରଖାସ୍ତ ଦେଇଥିବା ଶିକ୍ଷକ



**ବଲାଙ୍ଗିର,୨୨।୨(ସଂଚାର ବ୍ୟୁରୋ):** ଶେଷରେ ଶିକ୍ଷକଙ୍କୁ ମିଳିଲା ଦରମା। ଦରମା ପାଉନଥିବାରୁ ମୂଲ ଲାଗିବା ସକାଶେ ଛୁଟି ଦରଖାସ୍ତ ଦେଇଥିବା ବାନ୍ଦନବାହାଲ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ପ୍ରଭୁଦତ୍ତ ସାହୁ ଆଜି ଦରମା ପାଇଛନ୍ତି। ଛୁଟି ପାଇଁ ଅଜବ ଦରଖାସ୍ତ ଦେବା ପରେ ଉକ୍ତ ଶିକ୍ଷକ ଜଣଙ୍କ ମୂଲ ଲାଗିଥିଲେ। ଏହା ପୂର୍ବରୁ ସେ ଦରମା ପାଉନଥିବାରୁ ମଜୁରି କରିବା ସକାଶେ ଛୁଟି ମାଗିଥିଲେ। ତାଙ୍କର ଏ ସଂକ୍ରାନ୍ତ ଦରଖାସ୍ତ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହୋଇଥିଲା। ତାଙ୍କଠାରୁ ଦରଖାସ୍ତ ପାଇବା ପରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦରଖାସ୍ତ ଗ୍ରହଣ କରିବା ସହ ମୂଲ ଲାଗିବାକୁ ଛୁଟି ଦେଇଥିଲେ। ପରେ ଶ୍ରୀ ସାହୁ ମୂଲ ଲାଗିବା ସହ ମଜୁରୀ ଆକାରରେ ୩୦୦ ଟଙ୍କା ମଧ୍ୟ ପାଇଥିଲେ। ତେବେ ଶିକ୍ଷକଙ୍କ ପାଇଁ ଡି.ଜି. ଗଭ୍ ସଫ୍ଟୱେୟାର ମାଧ୍ୟମରେ ଗତ ଡିସେମ୍ବରରେ ଟଙ୍କା ଆସିଥିଲେ ହେଁ ଆକାଉଣ୍ଟାଣ୍ଟମାନେ ଆନ୍ଦୋଳନରେ ଥିବାରୁ ଅନ୍ୟ କର୍ମଚାରୀଙ୍କ ସହାୟତାରେ ଦରମା କାମ କରାଇବାକୁ ଓସେପା ତରଫରୁ ଡିଇଓମାନଙ୍କୁ ଚିଠି ଲେଖାଯାଇଥିଲା। ଶିକ୍ଷକଙ୍କ ଦରମା ଯେପରି ବନ୍ଦ ନହେବ, ସେଥିପାଇଁ ବିଇଓଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ପୁଇଁତଲା ଏବଂ ବଲାଙ୍ଗିର ବ୍ଲକ ଦାୟିତ୍ୱରେ ଥିବା ବିଇଓ ଲୋକନାଥ ସୁନା ଏହାକୁ ପାଳନ କରିନଥିଲେ। ତାଙ୍କ ଅବହେଳା ଯୋଗୁଁ ଶିକ୍ଷକଙ୍କ ପାଇଁ ଆସିଥିବା ଟଙ୍କା ଫେରିଯାଇଥିଲା। ପୁଇଁତଲା ବ୍ଲକରେ କେତେକ ଶିକ୍ଷକଙ୍କ ଦରମା ମିଳିନଥିଲା। କିନ୍ତୁ ଶ୍ରୀ ସାହୁଙ୍କ ଦରଖାସ୍ତ ପରେ ଦରମା ପାଇନଥିବା ଶିକ୍ଷକମାନେ ସେମାନଙ୍କ ପାଉଣା ପାଇଛନ୍ତି। ତେବେ ଶେଷରେ ତାଙ୍କର ବକେୟା ଦରମା ପାଇଥିବାରୁ ଖୁସିରେ ତାଙ୍କ ପାଦ ତଳେ ଲାଗୁନାହିଁ ବୋଲି ପ୍ରତିକ୍ରିୟା ଦେଇ କହିଛନ୍ତି ଶ୍ରୀ ସାହୁ। ତେବେ ଶ୍ରୀ ସାହୁଙ୍କ ତରିକାକୁ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶଂସା କରିବା ସହ ଆଗାମୀ ଦିନରେ ଯେପରି ଏପରି ସମସ୍ୟା ନ ଉପୁଜିବ, ସେ ଦିଗରେ ବିଭାଗ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ସମ୍ପତ୍ତି କିଣିବାକୁ ଅନୁମତି ବାଧ୍ୟତାମୂଳକ

**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ଏଣିକି ଓଡ଼ିଶା ସରକାର କର୍ମଚାରୀମାନେ କୌଣସି ମୂଲ୍ୟବାନ ସମ୍ପତ୍ତି କିଣିବା ପୂର୍ବରୁ ସରକାରଙ୍କୁ ସୂଚନା ଦେବେ। ରାଜ୍ୟ ସରକାର କର୍ମଚାରୀମାନଙ୍କୁ ସେମାନଙ୍କର ଦୁଇ ମାସର ମୂଳ ଦରମାଠାରୁ ଅଧିକ ମୂଲ୍ୟର ସ୍ଥାବର ସମ୍ପତ୍ତି ସହିତ ଜଡ଼ିତ ଯେକୌଣସି କାରବାର ରିପୋର୍ଟ କରିବାକୁ କହିଛନ୍ତି। ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯ର ନିୟମ-୨୧ (୩) ଅନୁଯାୟୀ କର୍ମଚାରୀମାନଙ୍କୁ ଏହିପରି କାରବାର କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ସମ୍ପ୍ରତି ଏହାର ଜଣେ ଅଧିକାରୀଙ୍କୁ ସୁନା ଜିନିଷ କ୍ରୟ ପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ମଧ୍ୟ କହିଛି।

ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯ର ନିୟମ-୨୧ (୩) ଅନୁଯାୟୀ ୨ ମାସର ମୂଳ ଦରମା ସହିତ ଜଡ଼ିତ ଯେକୌଣସି ସ୍ଥାବର ସମ୍ପତ୍ତି ସହିତ ଜଡିତ ଯେକୌଣସି କାରବାର ଉପରେ ଜଣେ ସରକାରୀ କର୍ମଚାରୀ ତୁରନ୍ତ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ବାଧ୍ୟ, ଆଇନ ବିଭାଗ ଅଧିକାରୀଙ୍କୁ ଏକ ବିଜ୍ଞପ୍ତିରେ କହିଛି। ତେଣୁ, କର୍ମଚାରୀମାନେ ସୁନା ଜିନିଷ କ୍ରୟ କରିବା ପରେ ଉପଯୁକ୍ତ ଭାବରେ ରିପୋର୍ଟ କରିବାକୁ ଅନୁରୋଧ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ୨୪ରୁ ଷଷ୍ଠ ଓଡ଼ିଶା ଟ୍ରାଭେଲ୍ ବଜାର




**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି) ସହଭାଗିତାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ଟ୍ରାଭେଲ ବଜାର-୨୦୨୫ର ଷଷ୍ଠ ସଂସ୍କରଣ ଆସନ୍ତା ୨୪ରୁ ଆରମ୍ଭ ହେବ। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ରାଜ୍ୟକୁ ଏକ ଅଗ୍ରଣୀ ଅନ୍ତର୍ଜାତୀୟ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ପ୍ରମାଣିତ କରିବା ସହ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଆଶା ରଖାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସାଂସ୍କୃତିକ ଐତିହ୍ୟ, ଶାନ୍ତ ବେଳାଭୂମି, ଇକୋ-ଟୁରିଜିମ ଓ ଆଡ୍ଭେଞ୍ଚର ଟୁରିଜମ ଅଫରିଙ୍ଗ୍ଗୁଡ଼ିକୁ ହାଇଲାଇଟ କରିଛନ୍ତି। ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଲୱନ୍ତ ସିଂହ ରାଜ୍ୟର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବା ଏହି ବଜାର ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି କହିବା ସହ ସରକାରଙ୍କ ପର୍ଯ୍ୟଟନ ନୀତି, ପଦକ୍ଷେପ ଓ ରଣନୈତିକ ଦୃଷ୍ଟିକୋଣ ଉପରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଛନ୍ତି।

**ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବ ୪ଦିନିଆ କାର୍ଯ୍ୟକ୍ରମ**

ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ୨୦୨୫ ଏକ ପ୍ରମୁଖ କ୍ରେତା-ବିକ୍ରେତା ସମ୍ମିଳନୀ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ଟ୍ରାଭେଲ ଓ ଟୁର ଅପରେଟର, ଡେଷ୍ଟିନେଶନ ମ୍ୟାନେଜମେଣ୍ଟ୍ କମ୍ପାନୀ (ଡିଏମ୍ସି) ଓ ଓଡ଼ିଶାର ବିକ୍ରେତାମାନଙ୍କୁ ଏକତ୍ରିତ କରିବ। ମେ' ଫେୟାର କନ୍ଭେନସନ ଓ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ଓଡ଼ିଶାର ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ରକୁ ଅନ୍ୱେଷଣ କରିବା ନିମନ୍ତେ ଅନୁମତି ଦେବ। ଏହାର ସଫଳତାକୁ ବଜାୟ ରଖି ଓଡ଼ିଶା ଟ୍ରାଭେଲ ବଜାର-୨୦୨୫ ରାଜ୍ୟକୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ଅଗ୍ରଣୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ପ୍ରୋତ୍ସାହିତ କରିବ। ରାଜ୍ୟର ଲୁକ୍କାୟିତ ସ୍ଥାନଗୁଡ଼ିକ ଏବେ ବାସ୍ତବ ଅନୁଭୂତି ଚାହୁଁଥିବା ଭ୍ରମଣକାରୀଙ୍କ ପାଇଁ ପ୍ରାଥମିକ ପସନ୍ଦ ଭାବେ ସ୍ୱୀକୃତି ଲାଭ କରୁଛନ୍ତି। ନିଜର ଅନନ୍ୟ ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ସହ ଓଡ଼ିଶା ବିବିଧ ଓ ଆକର୍ଷଣୀୟ ଭ୍ରମଣ ଅନୁଭୂତି ଦେଉଛି, ଯାହା ବର୍ଷ ପରେ ବର୍ଷ ପରିଦର୍ଶକମାନଙ୍କୁ ଆକର୍ଷିତ କରିଆସୁଛି।

ଓଡ଼ିଶା ଟ୍ରାଭେଲ ବଜାର-୨୦୨୫ର ପ୍ରାଥମିକ ଉଦ୍ଦେଶ୍ୟ ଘରୋଇ ଓ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପ୍ରୋତ୍ସାହିତ କରିବା। ଓଡ଼ିଶାରେ ଥିବା ସମ୍ଭାବନାଗୁଡ଼ିକର ଏକ ସତେଜ ଦୃଷ୍ଟିକୋଣ ଉପସ୍ଥାପନ କରି ରାଜ୍ୟ ସରକାର ଅନ୍ତର୍ଜାତୀୟ ମାନର ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ଓଡ଼ିଶାକୁ ଅବସ୍ଥାପିତ କରିବା ପାଇଁ ରଣନୈତିକ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଉକ୍ତ କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣରେ ଦେଶର ୩୦ରୁ ଅଧିକ ସହରର ପ୍ରାୟ ୧୦୦ ଘରୋଇ ଟୁର ଅପରେଟରଙ୍କ ସହ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜର୍ମାନୀ, ବେଲ୍ଜିୟମ, ଦକ୍ଷିଣ ଆଫ୍ରିକା, ସ୍ପେନ, ସିଙ୍ଗାପୁର ଭଳି ୧୭ଟି ଦେଶରୁ ୩୦ରୁ ଊର୍ଦ୍ଧ୍ୱ ବିଦେଶୀ ଟୁର ଅପରେଟର ଯୋଗଦେବେ। କାର୍ଯ୍ୟକ୍ରମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ୭୦ ସେଲର, ଘରୋଇ ଟୁର ଅପରେଟର (ଡିଟିଓ) ଓ ବିଦେଶୀ ଟୁର ଅପରେଟର (ଏଫ୍ଟିଓ)ଙ୍କ ମଧ୍ୟରେ ବି୨ବି ବୈଠକ ଉପରେ ଗୁରୁତ୍ୱ ଦେବ। ଏଥିସହ ଅଂଶଗ୍ରହଣକାରୀମାନେ ଭିତରକନିକା, ରଘୁରାଜପୁର, ପୁରୀ-କୋଣାର୍କ, ଡାଇମଣ୍ଡ ଟ୍ରାଏଙ୍ଗଲ ଭଳି ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀଗୁଡ଼ିକୁ ଯାତ୍ରା କରିବେ। କାର୍ଯ୍ୟକ୍ରମ ସମୟରେ ସେଲରମାନଙ୍କ ସହ ୩ ହଜାର ପୂର୍ବ ନିର୍ଦ୍ଧାରିତ ବୈଠକ ଆୟୋଜିତ ହେବ। ଏହାବ୍ୟତୀତ ବି୨ଜି ବୈଠକ ଓ ଆଡ୍ଭେଞ୍ଚର ୱାର୍କସପ ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଂଶ।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାହା ପାଇଁ କେମିତି**

## ବାରଣକୁ କାହିଁକି ମାନିଲେନି ଆୟୋଜକ




- ସ୍କୁଲ ପଡିଆରେ ଆୟୋଜନ ହେଲା ସର୍ବଭାରତୀୟ ଫୁଟବଲ୍ ମ୍ୟାଚ୍
- ଯୋଗଦେଲେ ବିଜେଡି ବିଧାୟକ

**କେନ୍ଦ୍ରାପଡ଼ା, ୨୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଥିବା ସମସ୍ତ ହାଇସ୍କୁଲ ପଡ଼ିଆରେ ମାଟ୍ରିକ ପରୀକ୍ଷା ପାଇଁ କୌଣସି ଖେଳ ଆୟୋଜନ କରାଯିବ ନାହିଁ ବୋଲି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ 'ଫୁ' କରି ପଡ଼ିଆରେ ଖେଳ ଆୟୋଜିତ ହୋଇଛି। ତେବେ ସବୁଠାରୁ ବଡ଼ କଥା ହେଲା, ଉକ୍ତ ଖେଳରେ ବିଜେଡି ବିଧାୟକମାନେ ଯୋଗ ଦେଇଥିଲେ। ତା'ଛଡ଼ା ବିଜେଡି ବିଧାୟକ ଯୋଗଦେବା ଓ ଖେଳ ଆୟୋଜନ ପଛରେ କେତେକ ବିଜେପି ନେତାଙ୍କ ଭିତିରିଆ ସହଯୋଗ ଥିବା ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। କେନ୍ଦ୍ରାପଡ଼ା ପୌରସଂସ୍ଥା ଅନ୍ତର୍ଗତ ଉକ୍ତ ହାଇସ୍କୁଲ୍ ପଡ଼ିଆରେ ଆଜାଦ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ସଭାପତି ହିବଜୁ ରେହମାନଙ୍କ ନେତୃତ୍ୱରେ ଓ ସମ୍ପାଦକ ସେକ୍ ଲିଆକତ୍ ଅଲ୍ଲିଙ୍କ ତତ୍ତ୍ୱାବଧାନରେ ଦିବାରାତ୍ର ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମୁଖ୍ୟବକ୍ତା ମନୁଅର ଅଲ୍ଲି ଖାଁ, ସମ୍ମାନି ଅତିଥି ଭାବେ ସ୍ମୃତି ରଞ୍ଜନ ସାମଲ ଯୋଗଦେଇ ଟୁର୍ଣ୍ଣାମେଣ୍ଟ୍କୁ ଉଦ୍ଘାଟନ କରିଥିଲେ। କ୍ଲବ୍ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ଏଠାରେ ଟୁର୍ଣ୍ଣାମେଣ୍ଟ୍ ଆୟୋଜନକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ୩ ଦିନ ଯାଏଁ ବର୍ଷା

**ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଲଗାତାର ୨ ଦିନ ହେବ କେତେକ ସ୍ଥାନରେ ବର୍ଷା ହୋଇଛି। ଟ୍ରଫଲାଇନ ପ୍ରଭାବରେ ଆସନ୍ତା ୨୫ ତାରିଖ ଯାଏଁ ଏହି ବର୍ଷା ସହ ପବନ ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ୯ ଜିଲ୍ଲାରେ ଘଡଘଡି ବିଜୁଳି ସହ କୁଆପଥର ବର୍ଷା ହେବା ସମ୍ଭାବନା ଥିବାରୁ ସେସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ, ଝାରସୁଗୁଡା ଓ କେନ୍ଦୁଝରରେ କୁଆ ପଥରବର୍ଷା ସହ ଝଡ଼ତୋଫାନ ହେବା ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ଷା ସମୟରେ ୫୦ରୁ ୬୦ କିମି ବେଗରେ ପବନ ବହିବ। ତେଣୁ ଏହି ୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାଛଡ଼ା ୧୩ ଜିଲ୍ଲା ସମ୍ବଲପୁର, ଦେବଗଡ, ଅନୁଗୋଳ, ନୟାଗଡ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ରାୟଗଡା, କଳାହାଣ୍ଡି ଓ କନ୍ଧମାଳକୁ ୟେଲୋ ଆଲର୍ଟ ଜାରି ହୋଇଛି। ଏହିସବୁ ଜିଲ୍ଲାକୁ ୪୦ରୁ ୫୦ କିମି ପବନ ବହିବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

**କେନ୍ଦୁଝରରେ 'ସୁଖ ଶାନ୍ତି ସରୋବର' ଉଦ୍ଘାଟିତ**

# ଆଧ୍ୟାତ୍ମିକ ପୃଥିବୀ ପାଇଁ ଚେତନାରେ ପରିବର୍ତ୍ତନ ଜରୁରୀ: ମୁଖ୍ୟମନ୍ତ୍ରୀ




**କେନ୍ଦୁଝର,୨୨।୨(ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମକୁମାରୀ କେନ୍ଦୁଝର ଶାଖାର ପୁରୁଣା ବଜାରଠାରେ ନବନିର୍ମିତ କାର୍ଯ୍ୟାଳୟ ସୁଖ ଶାନ୍ତି ସରୋବରକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି। ଏହାକୁ ଉଦ୍ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁନ୍ଦର, ଅଧ୍ୟାତ୍ମିକ ପୃଥିବୀର ପରିକଳ୍ପନାକୁ ବାସ୍ତବିକତା ରୂପ ଦେବା ପାଇଁ ଆମ ଚେତନାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସହଭାଗିତା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମତ ପୋଷଣ କରିଛନ୍ତି।

ଏହି ଅବସରରେ ଆୟୋଜିତ ସମାରୋହରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଜି ଏପରି ଏକ ଦିନ, ଯାହା କେବଳ ଏହି ଭବ୍ୟ ନୂତନ କୋଠାର ଉଦଘାଟନ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତି ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରସାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି। ଏଥିସହ ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡ଼ମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ। ସମାଜରେ ଜାଗୃତି ଆଣି ଏକ ହୋଲିଷ୍ଟିକ୍ ସଷ୍ଟେନେବିଲିଟି ପାଇଁ ଏହି ସଂସ୍ଥାର ଉଦ୍ୟମକୁ ପ୍ରଶଂସା କରିବା ସହ ଆଜିର ଏଆଇ ଯୁଗରେ ସମସ୍ତେ କର୍ମବ୍ୟସ୍ତତା ଭିତରେ କାହା ସହିତ ପଦେ ମନଭରି କଥା ହେବା ପାଇଁ ମଧ୍ୟ ବେଳ ନଥିବାରୁ ପାରିବାରିକ ଓ ସାମାଜିକ ସମ୍ପର୍କ ଅବକ୍ଷୟଗାମୀ ହେଉଛି। ଏପରି ସ୍ଥିତିରେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୀତି, ନିଷ୍ଠା ଓ ପ୍ରଚେଷ୍ଟା ପୁନର୍ବାର ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବାରେ ସକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସେହିପରି ଏଠାରେ ଉଦ୍ଘାଟିତ ହୋଇଥିବା କୋଠା ଜ୍ଞାନ ଏବଂ କରୁଣାର ଏକ ପବିତ୍ର ସ୍ଥାନ ଯେଉଁଠାରେ ବ୍ୟକ୍ତିମାନେ ଆଧ୍ୟାତ୍ମିକ ସଶକ୍ତିକରଣ ମାଧ୍ୟମରେ ଶିଖିବା, ବୃଦ୍ଧି ପାଇବା ଏବଂ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହେବେ ବୋଲି ଶ୍ରୀ ମାଝୀ କହିଛନ୍ତି। ସମଗ୍ର ବିଶ୍ୱକୁ ଗଣିତ, ବିଜ୍ଞାନ, ସାହିତ୍ୟ ଛଡ଼ା ଭାରତର ଅନ୍ୟତମ ଅବଦାନ ଆଧ୍ୟାତ୍ମିକତାର ଜ୍ଞାନ ବଳରେ ମନୁଷ୍ୟ ଶାନ୍ତି ଓ ମୈତ୍ରୀର ପରିଭାଷା ଶିଖିପାରିଥିବା କହିବା ସହ ଆଧ୍ୟାତ୍ମିକତାର ଅନ୍ୟ ଏକ ଶାଖା 'ଯୋଗ' ଦ୍ୱାରା ମଧ୍ୟ ଭାରତ ଆଜି ବିଶ୍ୱବିଦିତ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବ୍ରହ୍ମକୁମାରୀ କଟକ ସବ-ଜୋନ ନିର୍ଦ୍ଦେଶିକା ତଥା ରାଜଯୋଗିନୀ ଭଉଣୀ କମଳେଶ ଦିଦିଜୀ, ବ୍ରହ୍ମାକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ତଥା ରାଜଯୋଗିନୀ ଭଉଣୀ ଜୟନ୍ତୀ ଦିଦିଜୀ ଉପସ୍ଥିତ ଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତ ଓ ଚୀନ୍‌ର ଆର୍ଥିକ କ୍ଷତି ପାଇଁ ଟ୍ରମ୍ପଙ୍କ ଷଡ଼ଯନ୍ତ୍ର

**ୱାଶିଂଟନ, ୨୨।୨:** ପ୍ରାୟ ୧୦ ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିଲେ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ବିଶ୍ୱାସ କରିଥିଲା ଯେ, ନରେନ୍ଦ୍ର ମୋଦୀ ଶୁଳ୍କ ବିଷୟରେ ଡୋନାଲ୍ଡ ଟ୍ରମ୍ପଙ୍କୁ ମନାଇବାକୁ ଚେଷ୍ଟା କରିବେ। କିନ୍ତୁ ଏହା ହୋଇ ପାରିଲା ନାହିଁ। ଏବେ ଭାରତ ଏହି ଶୁଳ୍କର ଟାର୍ଗେଟରେ ପରିଣତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଭାରତ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ଏହା ସହିତ କହିଛନ୍ତି ଯେ, ଏ ବିଷୟରେ ଖୁବ୍ ଶୀଘ୍ର ଘୋଷଣା କରାଯିବ। ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ଭାରତ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ଅନ୍ୟ ଦେଶର ସାମଗ୍ରୀ ଉପରେ ଯେଉଁଭଳି ଶୁଳ୍କ ଲଗାଉଛନ୍ତି, ସେହିପରି ସେମାନଙ୍କ ଉପରେ ମଧ୍ୟ ସମାନ ଶୁଳ୍କ ଲଗାଯିବ। ବିଶେଷ କଥା ହେଉଛି, ଟ୍ରମ୍ପ ପୂର୍ବରୁ ଭାରତକୁ ଟାରିଫ୍ କିଙ୍ଗ୍ ବୋଲି ସମ୍ବୋଧନ କରିଆସୁଛନ୍ତି। ଟ୍ରମ୍ପ ବିଶ୍ୱ ପ୍ଲାଟଫର୍ମରେ ଭାରତର ଶୁଳ୍କକୁ ସମାଲୋଚନା କରିଛନ୍ତି। ସେ ତାଙ୍କ ନିର୍ବାଚନ ପ୍ରଚାରରେ ମଧ୍ୟ ଶୁଳ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ଏପରି ପରିସ୍ଥିତିରେ, ଏବେ ସେ ତାଙ୍କ କଥାକୁ ଆଗକୁ ନେଉଥିବା ଦେଖାଯାଉଛି। ଏହା ସହିତ, ସେ ଶୁଳ୍କ ସମ୍ପର୍କରେ କୌଣସି ରିହାତି ଦେବାକୁ ଚାହୁଁ ନାହାନ୍ତି।

ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଏବେ ଆମେରିକା ମଧ୍ୟ ଅନ୍ୟ ଦେଶଗୁଡ଼ିକ ଆମେରିକୀୟ ସାମଗ୍ରୀ ଉପରେ ଯେଉଁଭଳି ଶୁଳ୍କ ଲଗାଉଛନ୍ତି ସେହିପରି ଶୁଳ୍କ ଲଗାଇବ। ସେ କହିଛନ୍ତି, ସେ ଖୁବ୍ ଶୀଘ୍ର ପାରସ୍ପରିକ ଶୁଳ୍କ ଘୋଷଣା କରିବେ। ଟ୍ରମ୍ପ କହିଛନ୍ତି, ଶୁଳ୍କ ସମ୍ପର୍କରେ କୌଣସି ରିହାତି କରାଯିବ ନାହିଁ।



ଅନ୍ୟ ଦେଶଗୁଡ଼ିକ ଯେପରି ଆମେରିକା ଉପରେ ଶୁଳ୍କ ଲାଗୁ କରୁଛନ୍ତି, ଆମେ ମଧ୍ୟ ସେମାନଙ୍କ ଉପରେ ସମାନ ଶୁଳ୍କ ଲାଗୁ କରିବୁ। ଆମେ ନିରପେକ୍ଷ ହେବାକୁ ଚାହୁଁଛୁ। ଯେପରି ଭାରତ ଏବଂ ଚୀନ୍ ଆମ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରୁଛନ୍ତି, ସେହିପରି ସେହି ଦେଶଗୁଡ଼ିକର ସାମଗ୍ରୀ ଉପରେ ମଧ୍ୟ ସମାନ ଶୁଳ୍କ ଲାଗୁ କରାଯିବ। ଆମେରିକା କେବେ ଏହା ଲାଗୁ କରିବ ସେନେଇ କିଛି ସ୍ପଷ୍ଟ କରିନାହିଁ। ଟ୍ରମ୍ପ କହିଛନ୍ତି କୋଭିଡ୍ ପୂର୍ବରୁ ମଧ୍ୟ ଏହା କରିବାକୁ ସେ ଚାହୁଁଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଅନେକ ଥର ଭାରତର ଟାରିଫ୍ ନୀତିକୁ ସମାଲୋଚନା କରିଛନ୍ତି। ସେ ବିଭିନ୍ନ ପ୍ଲାଟଫର୍ମରୁ ଅନେକ ଥର କହିଛନ୍ତି ଯେ, ଭାରତରେ ଅଧିକ ଶୁଳ୍କ ଲାଗୁ କରାଯାଇଛି। ଏହି କାରଣରୁ ସେ ଭାରତକୁ ଟାରିଫ୍ କିଙ୍ଗ୍ ବୋଲି କହିବାର କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି। ଏଲନ ମସ୍କ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ବିଷୟରେ ସେ କହିଛନ୍ତି ଯେ, ଏଲନ ମସ୍କ ଭାରତରେ ବ୍ୟବସାୟ କରିବାକୁ ଚାହାନ୍ତି। କିନ୍ତୁ ଭାରତରେ କାମ କରିବାର ସବୁଠାରୁ ବଡ଼ ସମସ୍ୟା ହେଉଛି ଭାରତର ଉଚ୍ଚ ଶୁଳ୍କ ନୀତି। ଏହି କାରଣରୁ ଭାରତରେ ବ୍ୟବସାୟ କରିବା ବହୁତ କଷ୍ଟକର। ଟ୍ରମ୍ପ ହାର୍ଲି ଡେଭିଡସନର ଉଦାହରଣ ଦେଇଛନ୍ତି। ଯାହାକୁ ଭାରତରେ ଭାରୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡିଥିଲା। ସେ କହିଛନ୍ତି ଯେ, ଆମେରିକୀୟ କମ୍ପାନିଗୁଡ଼ିକୁ ବିଦେଶୀ ମାଟିରେ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ବାଧ୍ୟ କରାଯାଉଛି। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଏହା କରିବାରେ ଭାରତ ଶୀର୍ଷରେ ଥିବା ପରି ମନେ ହେଉଛି। ଯଦି ଆମେରିକା ଏପରି କରିବାକୁ ମନା କରେ, ତେବେ ଭାରତ ଏହା ଉପରେ ଭାରୀ ଶୁଳ୍କ ଲାଗୁ କରେ। ସେ ଏହା ମଧ୍ୟ କହିଛନ୍ତି, କିଛି ଛୋଟ ଦେଶ ଏହି କ୍ଷେତ୍ରରେ ଭାରତକୁ ପଛରେ ପକାଇ ଦେଉଛନ୍ତି। ସେ କହିଛନ୍ତି, ଉଚ୍ଚ ଶୁଳ୍କ ଯୋଗୁ ହାର୍ଲି ଡେଭିଡସନ୍ ଭାରତରେ ବାଇକ୍ ବିକ୍ରି କରିପାରିଲା ନାହିଁ। ସେଥିପାଇଁ କମ୍ପାନିକୁ ସେଠାରେ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ପଡିଲା।

**ଶୁଳ୍କ ଲାଗୁ କରିବାକୁ ଧମକ ଦେଲେ**

ଏକ ରିପୋର୍ଟ ଅନୁଯାୟୀ, ଏହା ଲାଗୁ ହେଲେ ଭାରତର ରପ୍ତାନି କ୍ଷେତ୍ରଗୁଡ଼ିକର ବାର୍ଷିକ ୭ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୬୧ ହଜାର କୋଟି ଟଙ୍କା କ୍ଷତି ହୋଇପାରେ। ସିଟି ରିସର୍ଚ୍ଚର ରିପୋର୍ଟ ଅନୁଯାୟୀ, ଏହି ପାରସ୍ପରିକ ଶୁଳ୍କ ଯୋଗୁ ଭାରତର ରାସାୟନିକ ପଦାର୍ଥ, ଧାତୁ ଉତ୍ପାଦ ଏବଂ ଅଳଙ୍କାର ବ୍ୟତୀତ, ଅଟୋମୋବାଇଲ, ଫାର୍ମା ଏବଂ ଖାଦ୍ୟ ଉତ୍ପାଦର ସର୍ବାଧିକ କ୍ଷତି ହୋଇପାରେ। ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କର ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି ଯେ, ସବୁଠାରୁ ଖରାପ ପରିସ୍ଥିତିରେ, ଯଦି ଆମେରିକା ଭାରତରୁ ଆମଦାନି ହେଉଥିବା ସମସ୍ତ ସାମଗ୍ରୀ ଏବଂ ସେବା ଉପରେ ୧୦ ପ୍ରତିଶତ ସମାନ ଶୁଳ୍କ ଲାଗୁ କରେ, ତେବେ ଭାରତୀୟ ଅର୍ଥନୀତିର ୫୦ ରୁ ୬୦ ବେସିସ୍ ପଏଣ୍ଟ କ୍ଷତି ହେବାର ଆଶଙ୍କା ରହିଛି। ବିଶେଷ କଥା ହେଉଛି ଏହି ଶୁଳ୍କ ଲାଗୁ ହେଲେ ଆମଦାନିରେ ୧୧ ରୁ ୧୨ ପ୍ରତିଶତ ହ୍ରାସ ଆକଳନ କରାଯାଉଛି।



## ବଢ଼ିଲା ସୁନା ଦର

ସୁନା ବଜାରରେ ନିଆଁ। ଦାଉଁ ଦାଉଁ ହୋଇ ଚମକୁଛି ସୁନା। ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୭୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୪୫୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୪୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୭୭୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୪୫୦ ଟଙ୍କା ଓ ୮୭,୭୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୬୦୦ ଟଙ୍କା ଓ ୮୭, ୯୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୭୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୪୫୦ ଓ ୮୭,୭୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଆଦାନୀ ହରାଇଲେଣି ଲକ୍ଷେ କୋଟି

## ମସ୍କଙ୍କ ପଛକୁ ଦ୍ୱିତୀୟ

**ନୂଆଦିଲ୍ଲୀ,୨୨।୨:** କିଛି ବର୍ଷ ପୂର୍ବେ ଦ୍ରୁତ ଗତିରେ ସମ୍ପତ୍ତି ବଢ଼ାଇବା ଲାଗି ଚର୍ଚ୍ଚିତ ଥିବା ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ଚଳିତ ବର୍ଷ ସମ୍ପତ୍ତି ହରାଇବାରେ ସାରା ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କଠାରୁ କେବଳ ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ ଅଧିକ ସମ୍ପତ୍ତି ହରାଇଛନ୍ତି। ୨୦୨୫ରେ ଆଦାନୀ ୧୧.୯ ବିଲିୟନ୍ ଡଲାର ହରାଇସାରିଲେଣି। ଭାରତୀୟ ମୁଦ୍ରାରେ ତାହା ହେଉଛି ୧ ଲକ୍ଷ ୩ ହଜାର କୋଟି ଟଙ୍କାରୁ ଅଧିକ। ଆଦାନୀଙ୍କ ମୋଟ ସମ୍ପତ୍ତି ୬୬୮୦ କୋଟି ଡଲାରକୁ ହ୍ରାସ ପାଇଛି। ମସ୍କ ଏହି ସମୟରେ ୩୫୨୦ କୋଟି ଡଲାର ହରାଇ ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ତାଙ୍କ ସମ୍ପତ୍ତି ପରିମାଣ ୩୯୭୦ କୋଟି ଡଲାରକୁ



ହ୍ରାସ ପାଇଛି। କେବଳ ଏହି ଦୁଇ ଉଦ୍ୟୋଗପତି ନୁହେଁ, ଅନ୍ୟମାନେ ମଧ ସମ୍ପତ୍ତି ହରାଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନିଙ୍କ ସମ୍ପତ୍ତି ୨୯୦ କୋଟି ଡଲାର ହ୍ରାସ ପାଇ ୮୭୭୦ କୋଟି ଡଲାର ହୋଇଛି। ଏଚ୍‌ସିଏଲ୍ ଟେକ୍‌ର ଶିବ ନାଦରଙ୍କ ସମ୍ପତ୍ତିରେ ମଧ ୪୫୩ କୋଟି ଡଲାରର ହ୍ରାସ ଘଟିଛି। ସମ୍ପତ୍ତିରେ ହ୍ରାସ ସତ୍ତ୍ୱେ ମସ୍କ ବିଶ୍ୱର ଏକ ନମ୍ବର ଧନୀ ହୋଇରହିଛନ୍ତି। ତାଙ୍କ ପଛକୁ ତାଲିକାରେ ରହିଛନ୍ତି ମେଟା ସିଇଓ ମାର୍କ ଜୁକର୍‌ବର୍ଗ, ଆମାଜନର ମୁଖ୍ୟ ଜେଫ୍ ବେଜୋସ୍, ଓରାକଲ୍‌ର ପ୍ରତିଷ୍ଠାତା ଲାରି ଏଲିସନ୍, ଏଲ୍‌ଏଚ୍‌ଏମ୍‌ଭିର ଅଧକ୍ଷ ଓ ସିଇଓ ବର୍ନାର୍ଡ ଆର୍ନଲ୍ଟ ଓ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍‌ସ।

# ଅପ୍ରେଲ ପହିଲାରୁ ମୋଦି ସରକାରଙ୍କ ୟୁପିଏସ ସ୍କିମ୍

**ନୂଆଦିଲ୍ଲୀ,୨୨।୨:** ନୂଆ ଆର୍ଥିକ ବର୍ଷର ପ୍ରଥମ ଦିନ ଅର୍ଥାତ୍ ଏକ ଅପ୍ରେଲରୁ ଏକ ଏମିତି ଯୋଜନା ଲାଗୁ ହେଉଛି, ଯାହାର ସିଧା ପ୍ରଭାବ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ଉପରେ ପଡ଼ିବାକୁ ଯାଉଛି। ଏହାର ନାଁ ୟୁନିଫାଇଡ୍ ପେନସନ ସ୍କିମ୍ (ୟୁପିଏସ)। ଏହି ଯୋଜନା କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଏକ ବିକଳ୍ପ ଭାବେ ପ୍ରଦାନ କରାଯାଇଛି। ଗତବର୍ଷ ଲଞ୍ଚ କରାଯାଇ ଥିବା ଏହି ଯୋଜନା ଏକ ଅପ୍ରେଲ ୨୦୨୫ରୁ ଲାଗୁ ହେବ। ଏହା ଲାଗୁ ହେବା ପରେ ସରକାରୀ କର୍ମଚାରୀ, ନ୍ୟାସନାଲ ପେନସନ ସ୍କିମ୍ (ଏନପିଏସ) ବା ୟୁନିଫାଇଡ୍ ପେନସନ ସ୍କିମ୍ (ୟୁପିଏସ) ମଧ୍ୟରୁ କୌଣସି ଗୋଟିଏ ବିକଳ୍ପ ବାଛି ପାରିବେ। ୟୁନିଫାଇଡ୍ ପେନସନ ସ୍କିମ୍‌ରେ ସରକାରୀ କର୍ମଚାରୀଙ୍କୁ ସୁନିଶ୍ଚିତ ପେନସନ ଦିଆଯିବାର ପ୍ରାବଧାନ ରହିଛି। ଯେଉଁ କର୍ମଚାରୀମାନେ ଅତି କମ୍‌ରେ ୨୫ ବର୍ଷ ଯାଏ ଚାକିରି କରିଛନ୍ତି, ତାଙ୍କୁ ଅବସରର (ରିଟାୟରମେଣ୍ଟ) ପ୍ରଥମ ୧୨ ମାସରେ ରହିଥିବା ତାଙ୍କର ହାରାହାରି ବେସିକ୍ ଦରମାର ଅଧା ଅର୍ଥାତ୍ ୫୦ ପ୍ରତିଶତ ନିଶ୍ଚିତ ପେନସନ ହାସଲ ହେବ। ୨୫ବର୍ଷରୁ କମ୍



ଚାକିରି କରିଥିବା କର୍ମଚାରୀଙ୍କ ମାମଲାରେ ପେନସନର ରାଶିର ନିର୍ଦ୍ଧାରଣ ତାଙ୍କର କାର୍ଯ୍ୟକାଳର ଅନୁପାତରେ ସ୍ଥିର କରାଯିବ ଏବଂ ଯୋଜନା ପାଇଁ ସର୍ବନିମ୍ନ ସେବା ଅବଧି ୧୦ ବର୍ଷ ସ୍ଥିର କରାଯାଇଛି। ସର୍ବନିମ୍ନ ୧୦ ବର୍ଷର ସେବା ପରେ ସେବା ନିବୃତ୍ତିରେ ୧୦,୦୦୦ଟଙ୍କା ପ୍ରତି ମାସ ଦିଆ ଯିବାର ପ୍ରାବଧାନ ରହିଛି। ଯଦି କର୍ମଚାରୀଙ୍କ ନିଧନ ହୋଇ ଯାଏ ତ, ତାଙ୍କର ପତ୍ନୀ ବା ପତିଙ୍କୁ ପାରିବାରିକ ପେନସନ ଦିଆଯିବ। ଏହି ପେନସନ କର୍ମଚାରୀଙ୍କ ମୃତ୍ୟୁର ଠିକ୍ ପୂର୍ବରୁ ତାଙ୍କ ପେନସନର ୬୦ ପ୍ରତିଶତ ରହିବ।

ଯେଉଁ କର୍ମଚାରୀ ୧ଜାନୁଆରୀ ୨୦୦୪ ପରେ ସରକାରୀ ସେବାରେ ସାମିଲ ହୋଇଛନ୍ତି ଏବଂ ଯେଉଁମାନେ ରାଷ୍ଟ୍ରୀୟ ପେନସନ ଯୋଜନା (ଏନପିଏସ)କୁ ଚୟନ କରିଛନ୍ତି, କେବଳ ତାଙ୍କୁ ୟୁପିଏସ ସହ ଯୋଡ଼ି ହେବାର ସୁଯୋଗ ମିଳିବ। ବର୍ତ୍ତମାନ ଥିବା କେନ୍ଦ୍ରୀୟ ସରକାରୀ କର୍ମଚାରୀ ଓ ଭବିଷ୍ୟତର କର୍ମଚାରୀ, ଉଭୟଙ୍କ ପାଖରେ ଏହି ବିକଳ୍ପ ହେବ କି ସେ ଏନପିଏସ ଅନୁସାରେ, ୟୁପିଏସର ବିକଳ୍ପ ବାଛନ୍ତୁ ବା ବିନା ୟୁପିଏସ ବିକଳ୍ପର ଏନପିଏସକୁ ଜାରି ରଖନ୍ତୁ। ଥରେ ବିକଳ୍ପ ବାଛିବା ପରେ ଏଥିରେ ଆଉ ପରିବର୍ତ୍ତନ କରାଯାଇ ପାରିବ ନାହିଁ।

ୟୁପିଏସ ମାଧମରେ ପେନସନ ପାଇବା ପାଇଁ ଅତି କମ୍‌ରେ ୧୦ବର୍ଷର ସେବା ଜରୁରୀ। କର୍ମଚାରୀଙ୍କୁ ଏନପିଏସ ପରି, ଏଠାରେ ବି ମୂଳ ବେତନର ୧୦ ପ୍ରତିଶତ କଣ୍ଟ୍ରିବ୍ୟୁଟ୍ କରିବାକୁ ହେବ। ଅର୍ଥାତ୍ ଏହି ଯୋଜନାରେ କର୍ମଚାରୀ ଓ ସରକାରଙ୍କ ମୋଟ ଯୋଗଦାନ ୨୮.୫ ପ୍ରତିଶତ ହେବ।

### ୭୧୯ କୋଟିର ଚୀନ ଋଣ ଆପ୍ ସ୍କାମ୍

## କେରଳରୁ ଦୁଇ ଜଣଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ, ୨୨।୨:** ୭୧୯ କୋଟି ଟଙ୍କାର ଚୀନ ଋଣ ଆପ୍ ସ୍କାମ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେରଳରୁ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହି ଦୁଇ ଜଣ ବ୍ୟକ୍ତି ପ୍ରାୟ ୫୦୦ରୁ ଅଧିକ ମ୍ୟୁଲ ଆକାଉଣ୍ଟ ଯୋଗାଡ଼ କରି ସେଗୁଡ଼ିକ ଜରିଆରେ ପ୍ରାୟ ୭୧୯ କୋଟି ଟଙ୍କା ଠକେଇ କରିଛନ୍ତି। ଗିରଫ ଦୁଇ ବ୍ୟକ୍ତି ହେଲେ ସୟିଦ ମହମ୍ମଦ ଏବଂ ଭର୍ଗିଜ ଟିଜି। ପିଏମ୍‌ଏଲ୍‌ଏ ୨୦୦୨ ଅଧୀନରେ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ୱାଜିରଏକ୍ସରେ ୨୬ଟି କ୍ରିପ୍ଟୋକରେନ୍ସି ଆକାଉଣ୍ଟ ଖୋଲିଥିଲେ। ଏହା ଜରିଆରେ ବିଦେଶକୁ ୧୧୫.୬୭ କୋଟି ଟଙ୍କା ପଠାଯାଇଛି ବୋଲି ଇଡି କହିଛି। କେରଳ ଏବଂ ହରିୟାଣାର ପୀଡ଼ିତମାନେ ଏକାଧିକ ଏତଲା ରୁଜୁ କରିବା ପରେ ଇଡି ଅପରାଧୀମାନଙ୍କୁ ଧରିଛି। ଋଣ ଆପ୍‌କୁ ବ୍ୟବହାର କରି ପୀଡ଼ିତମାନେ ବିଭିନ୍ନ ତରିକାରେ ଠକେଇ କରୁଥିଲେ। ଅଗ୍ରିମ ଇଏମଆଇ ମାଗୁଥିଲେ ଏବଂ ମୋବାଇଲ ଫୋନରୁ ବ୍ୟକ୍ତିଗତ ତଥ୍ୟ ଚୋରିକରି ସେମାନଙ୍କୁ ବ୍ଲାକମେଲ୍ କରୁଥିଲେ। ଗିରଫ ବ୍ୟକ୍ତିମାନେ ମ୍ୟୁଲ୍ ଆକାଉଣ୍ଟ ଖୋଲିବା ପାଇଁ ମୋଟା ଅଙ୍କର ଅର୍ଥ ନେଇଛନ୍ତି।

# କଲ୍ ମର୍ଜିଂ ସ୍କାମ୍ ନେଇ ସତର୍କ କରାଇଲା ଏନ୍‌ପିସିଆଇ

**ନୂଆଦିଲ୍ଲୀ, ୨୨।୨:** ସାଇବର ଅପରାଧୀମାନେ ନୂଆ ନୂଆ ତରିକାରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଫଳରେ ଦିନକୁ ଦିନ ଠକେଇ ବଢ଼ିବାରେ ଲାଗିଛି। ଏବେ କଲ୍ ମର୍ଜିଂ ଭଳି ନୂଆ ସ୍କାମ ଆସିଛି। ନ୍ୟାସନାଲ ପେମେଣ୍ଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏହି ସ୍କାମ ସଂପର୍କରେ ଲୋକଙ୍କୁ ସତର୍କ କରାଇଛି। ୱାନ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଚୋରି କରି ଟଙ୍କା ହାତେଇବା ପାଇଁ ଅପରାଧୀମାନେ ଫୋନର କଲ୍ ମର୍ଜ ସୁବିଧାର ଦୁରୁପଯୋଗ କରୁଛନ୍ତି। ଏଥିପ୍ରତି ସତର୍କ ରହିବାକୁ ଏନ୍‌ପିସିଆଇ ସାମାଜିକ ଗଣମାଧମ ଏକ୍ସରେ ପୋଷ୍ଟ କରିଛି। ଏପରିକି ସେହି ପୋଷ୍ଟକୁ ପ୍ରସାର କରି ସଚେତନତା ସୃଷ୍ଟି କରିବା ଲାଗି ମଧ ଏନ୍‌ପିସିଆଇ ପରାମର୍ଶ ଦେଇଛି। ଠକମାନେ ସନ୍ଦେହ କରୁ ନଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନେ ଫୋନ କଲ୍ କରି କୌଣସି ବିଷୟ କିମ୍ବା ସୁଯୋଗ ସଂପର୍କରେ ସୂଚନା ଦେଉଛନ୍ତି। ଏଥିସହିତ ସେମାନେ ତାଙ୍କ ଟେଲିଫୋନ ନମ୍ବର ଜଣେ ବନ୍ଧୁଙ୍କ ଠାରୁ ପାଇଲେ ବୋଲି କହୁଛନ୍ତି। ଏହାପରେ ସେମାନେ ଫୋନ୍




କଲ୍‌କୁ ସେହି ବନ୍ଧୁଙ୍କ ସହିତ ମର୍ଜ କରିବା ପାଇଁ ପରାମର୍ଶ ଦେଉଛନ୍ତି। କିନ୍ତୁ ସେହି ବ୍ୟକ୍ତି ଜଣକ ହେଉଛି ଆଉ ଜଣେ ଠକ। କଲ୍ ମର୍ଜ ହୋଇଯିବା ପରେ ପୀଡ଼ିତଙ୍କ ଅଜାଣତରେ ବ୍ୟାଙ୍କର ଓଟିପି ଯାଞ୍ଚ କଲ୍ ସହିତ ତାହା ଯୋଡ଼ି ହୋଇଯାଉଛି। ଏହାଦ୍ୱାରା ଅଣସ୍ୱୀକୃତ ବ୍ୟାଙ୍କିଂ କାରବାର ହେଉଛି। ଓଟିପି ସେୟାର ହୋଇଯିବା ମାତ୍ରେ ଠକ ଟଙ୍କା ନେଇ ଯାଉଛନ୍ତି। ଏଭଳି ଠକେଇରୁ ବର୍ତ୍ତିବା ପାଇଁ ଏନପିସିଆଇ କେତେକ ପରାମର୍ଶ ଦେଇଛି। ସେଗୁଡ଼ିକ ହେଲା ଅଜଣା ନମ୍ବର ସହିତ କଲ୍ ମର୍ଜ କରନ୍ତୁ ନାହିଁ। ଯଦି କେହି କଲ୍ ମର୍ଜ କରିବା ପାଇଁ ଜିଦି ଧରୁଛି ତା'ହେଲେ ସେଥିପ୍ରତି ସତର୍କ ରୁହନ୍ତୁ। କଲ୍ କରୁଥିବା ବ୍ୟକ୍ତିଙ୍କ ପରିଚୟ ଜାଣନ୍ତୁ। ଯଦି ଜଣେ କେହି କହୁଛି ତୁମ ବ୍ୟାଙ୍କରୁ ଫୋନ କରୁଛି ତା'ହେଲେ କୌଣସି ସୂଚନା ଦେବା ପୂର୍ବରୁ ତାଙ୍କ ପରିଚୟ ଜାଣନ୍ତୁ। ବ୍ୟାଙ୍କଗୁଡ଼ିକ କୌଣସି ସମୟରେ ଫୋନରେ ଓଟିପି ମାଗନ୍ତି ନାହିଁ। ଯଦି କେହି ଓଟିପି ପାଇଁ ଅନୁରୋଧ କରନ୍ତି ତା'ହେଲେ ସେ ଠକ ହୋଇଥିବେ। କୌଣସି କଲ୍ ବା କାର୍ଯ୍ୟ ସନ୍ଦେହ ହେଲେ ସେ ସଂପର୍କରେ ନ୍ୟାସନାଲ ସାଇବରକ୍ରାଇମ ହେଲପଲାଇନକୁ ୧୯୩୦ରେ କଲ୍ କରନ୍ତୁ ଏବଂ ଆପଣଙ୍କ ବ୍ୟାଙ୍କକୁ ତୁରନ୍ତ ସୂଚନା ଦିଅନ୍ତୁ।



## ନୂଆ ରୂପରେ ଲଞ୍ଚ ହେଲା ବଜାଜ ପଲ୍‌ସର ଏନଏସ ୧୨୫

ବଜାଜ ପଲସର ଏନଏସ୧୨୫ ଏକ ନୂଆ ଭାରିଆଣ୍ଟ ସହିତ ବଜାରକୁ ଆସିଛି। ଏହି ବାଇକ୍‌ର ୨୦୨୫ ଅପଗ୍ରେଡ୍ ମଡେଲରେ ଏକ ସିଙ୍ଗଲ୍-ଚ୍ୟାନେଲ୍ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ ରହିଛି। ଏହି ପଲସର ଭାରତୀୟ ବଜାରରେ ବିକ୍ରି ହେଉଥିବା ୧୨୫CC ସେଗମେଣ୍ଟର ସବୁଠାରୁ ପାୱାରଫୁଲ୍ ମୋଟରସାଇକେଲ। ୨୦୨୪ରେ ମଧ ଏହି ବଜାଜ୍ ବାଇକରେ ଅପଡେଟ୍ ଦେଖିବାକୁ ମିଳିଥିଲା। ପଲସର ଏନଏସ୧୨୫ ରେ ସିଙ୍ଗଲ-ଚ୍ୟାନେଲ ଏବିଏସ ଆଡ୍ ହେବା ପରେ, ଏହି ବାଇକର ମୂଲ୍ୟ ବୃଦ୍ଧି ପାଇଛି। ଏହା ପଲସର ଏନଏସ୧୨୫ର ବେଷ୍ଟ ମଡେଲ। ନୂଆଦିଲ୍ଲୀରେ ଏହି ବାଇକ୍‌ର ଏକ୍ସ-ସୋରୁମ୍ ମୂଲ୍ୟ ୧,୦୬,୭୩୯ ଟଙ୍କା ରହିଛି। ବାଜାଜ୍ ପଲସର ଏନଏସ୧୨୫ ରେ ଏକ ନୂଆ ଡିଜିଟାଲ୍ ଇନଷ୍ଟରୁମେଣ୍ଟ କ୍ଲଷ୍ଟର ରହିଛି ଯାହା ପ୍ରଥମେ ପଲସର ଏନ୧୬୦ଏବଂ ପଲସର ଏନ୧୫୦ରେ ଦେଖାଯାଇଥିଲା। ଏହି ଡିଜିଟାଲ୍ କ୍ଲଷ୍ଟରରେ ସ୍ପିଡୋମିଟର୍, ରିୟଲ୍ ଫୁଏଲ୍ କଞ୍ଜପ୍ସନ ଏବଂ ହାରାହାରି ଫୁଏଲ୍ ଇକୋନୋମି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଦେଖାଯାଇଛି। ଏହା ସହିତ, ବ୍ଲୁଟୁଥ୍ କନେକ୍ଟିଭିଟି ଫିଚର୍ସ ମଧ ଦିଆଯାଇଛି, ଯାହାକୁ ବଜାଜ୍ ରାଇଡ୍ କନେକ୍ଟ ଆପ୍ଲିକେସନ୍ ସହିତ କନେକ୍ଟ କରାଯାଇପାରିବ। ଏହି ବାଇକ୍‌ରେ ମୋବାଇଲ୍ ଫୋନ୍ ଚାର୍ଜ କରିବା ପାଇଁ ଏକ ୟୁଏସବି ପୋର୍ଟ ସୁବିଧା ମଧ ରହିଛି। ବଜାଜ୍ ପଲସରରେ ୧୨୪.୪୫ ସିସି, ଏୟାର-କୁଲ୍ଡ ଇଞ୍ଜିନ ରହିଛି। ବାଇକ୍‌ରେ ଥିବା ଏହି ଇଞ୍ଜିନ୍ ୮,୫୦୦ ଆରପିଏମରେ ୧୨ ବିଏଚପି ପାୱାର ଏବଂ ୭,୦୦୦ ଆରପିଏମରେ ୧୧ ଏନଏମ ଟର୍କ ଜେନେରେଟ୍ କରେ। ଏହି ବାଇକ୍‌ର ଇଞ୍ଜିନ୍ ସହିତ ୫-ସ୍ପିଡ୍ ଟ୍ରାନ୍ସମିସନ୍ ଦିଆଯାଇଛି। ଏହି ମୋଟରସାଇକେଲ ୪ଟି କଲର୍ ଅପ୍ସନ ସହିତ ବଜାରରେ ଉପଲବ୍ଧ। ଏହା ବାଜାଜ୍ ପଲସର ଏନଏସ୧୨୫ର ନୂଆ ତୃତୀୟ ଭାରିଆଣ୍ଟ। ଏହା ପୂର୍ବରୁ ମଧ ଦୁଇଟି ଭାରିଆଣ୍ଟ ବଜାରରେ ଉପଲବ୍ଧ। ବାଜାଜ୍ ପଲସର ଏନଏସ୧୨୫ର ବେସ୍ ମଡେଲର ଏକ୍ସ-ଶୋରୁମ୍ ମୂଲ୍ୟ ୯୯,୫୦୧ ଟଙ୍କା। ଏହାର ମିଡ୍ ଭାରିଆଣ୍ଟ ଏନଏସ୧୨୫ର ଏକ୍ସ-ଶୋରୁମ୍ ମୂଲ୍ୟ ୧,୦୪,୪୭୪ ଟଙ୍କା। ଏହାର ନୂଆ ଟପ୍-ଭେରିଆଣ୍ଟ ଏନଏସ୧୨୫ର ମୂଲ୍ୟ ୧.୦୭ ଲକ୍ଷ ଟଙ୍କା ରଖାଯାଇଛି।

# ଖୁବଶୀଘ୍ର ବନ୍ଦ ହୋଇଯିବ ସେଡାନ ସିଆଜ କାର୍

ନୂଆଦିଲ୍ଲୀ,୨୨।୨: ମାରୁତି ସୁଜୁକି କାର୍‌ଗୁଡ଼ିକ ଗ୍ରାହକଙ୍କ ମଧ୍ୟରେ ବହୁତ ଲୋକପ୍ରିୟ। କିନ୍ତୁ ଏବେ କମ୍ପାନୀ ଖୁବଶୀଘ୍ର ମଧ୍ୟମ ଆକାରର ସେଡାନ ସିଆଜ ବନ୍ଦ କରିପାରେ। ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ ଏହି ଯାନର ଉତ୍ପାଦନ ମାର୍ଚ୍ଚ ୨୦୨୫ ସୁଦ୍ଧା ବନ୍ଦ ହୋଇପାରେ। ସେହିଭଳି ଏପ୍ରିଲ ୨୦୨୫ ସୁଦ୍ଧା ଏହି କାରର ବିକ୍ରୟ ବନ୍ଦ କରିବାର ପ୍ରସ୍ତୁତି ଚାଲିଛି। ଆସନ୍ତୁ ଜାଣିବା ଏହା ପଛର କାରଣ ?

୨୦୧୫ରେ ସେଡାନ ଯାନଗୁଡ଼ିକ ଭାରତୀୟ କାର୍ ବଜାରର ୨୦ ପ୍ରତିଶତରୁ ଅଧିକ ପ୍ରଭାବ ପକାଉଥିଲା। କିନ୍ତୁ ୨୦୨୪ରେ ଏହାର ବିକ୍ରି ମାତ୍ର ୧୦ ପ୍ରତିଶତକୁ ହ୍ରାସ ପାଇଛି। ମୋଟ ଯାତ୍ରୀବାହୀ ଯାନ ବିକ୍ରୟ ବିଷୟରେ କହିବାକୁ ଗଲେ, ୫୦ ପ୍ରତିଶତରୁ ଅଧିକ ଏସୟୁଭି ଯାନ ବିକ୍ରି ହେଉଛି। ଏପରି ପରିସ୍ଥିତିରେ ଏହା କହିବା ଭୁଲ ହେବ ନାହିଁ ଯେ ଗ୍ରାହକମାନେ ସେଡାନ ଯାନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏସୟୁଭି ଯାନଗୁଡ଼ିକ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟୁଛି। ଆର୍ଥିକ ବର୍ଷ ୨୦୧୮ରେ




ମଧ୍ୟମ ଆକାରର ସେଡାନର ବିକ୍ରୟ ୧,୭୩,୩୭୪ ୟୁନିଟରେ ପହଞ୍ଚିଥିଲା, ଯାହା ଆର୍ଥିକ ବର୍ଷ ୨୪ରେ ସ୍ଥିର ଭାବରେ ହ୍ରାସ ପାଇ ୯୭,୪୬୬ ୟୁନିଟରେ ପହଞ୍ଚିଛି। ଅଟୋକାର ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଅକ୍ଟୋବରରେ ସିଆଜର ୬୫୯ ୟୁନିଟ, ନଭେମ୍ବରରେ ୫୯୭ ୟୁନିଟ ଏବଂ ଡିସେମ୍ବରରେ ୪୬୪ ୟୁନିଟ ବିକ୍ରି ହୋଇଥିଲା। ଆର୍ଥିକ ବର୍ଷ ୨୫ର ପ୍ରଥମ ୯ ମାସରେ ଏହି କାରର ମୋଟ ୫୮୬୧ ୟୁନିଟ୍ ବିକ୍ରି ହୋଇଥିଲା, କିନ୍ତୁ ବିଗତ ବର୍ଷଗୁଡ଼ିକର ଆକଳନ ଦେଖିଲେ ଏହି କାରର ବିକ୍ରିରେ ୩୪ ପ୍ରତିଶତ ହ୍ରାସ ଘଟିଛି। ଏହି କାରଟି ଶେଷ ଥର ପାଇଁ ୨୦୧୮ ମସିହାରେ ଅପଗ୍ରେଡ୍ ହୋଇଥିଲା, ତା'ପରେ ଏପର୍ଯ୍ୟନ୍ତ କାରଟି ଅପଡେଟ୍ ହୋଇନାହିଁ। ଅନ୍ୟପକ୍ଷରେ ଏହି କାର ସହିତ ପ୍ରତିଯୋଗିତା କରୁଥିବା କାରଗୁଡ଼ିକରେ ଗ୍ରାହକମାନେ ସନ୍‌ରୁଫ୍, ଏଡିଏଏସ, ଟର୍ବୋ ପେଟ୍ରୋଲ ଇଞ୍ଜିନ, ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଭଳି ବୈଶିଷ୍ଟ୍ୟ ମିଳୁଛି। ଭାରତୀୟ ବଜାରରେ ଏହି ସେଡାନର ମୂଲ୍ୟ ୯ ଲକ୍ଷ ୪୧ ହଜାର ୫୦୦ ଟଙ୍କା (ଏକ୍ସ-ସୋରୁମ) ରୁ ଆରମ୍ଭ ହେଉଛି।

ମାରୁତି ସୁଜୁକି ୨୦୨୦ ମସିହାରେ ସିଆଜର ଡିଜେଲ ଭାରିଆଣ୍ଟର ବିକ୍ରୟ ବନ୍ଦ କରିଦେଇଥିଲା, ଯେଉଁ ସମୟରେ ଏହି କାରର ଡିଜେଲ ଭାରିଆଣ୍ଟ ବନ୍ଦ କରାଯାଇଥିଲା, ସେହି ସମୟରେ ସିଆଜର ମୋଟ ବିକ୍ରୟର ୩୦ ପ୍ରତିଶତ ଡିଜେଲ ଭାରିଆଣ୍ଟ ଥିଲା। ଏହି କାରର ଡିଜେଲ ଭାରିଆଣ୍ଟ ବିଏସ୬ ନିର୍ଗମନ ମାନଦଣ୍ଡ ସହିତ ସୁସଙ୍ଗତ ନଥିଲା ଯାହା ଫଳରେ ଡିଜେଲ ଭାରିଆଣ୍ଟକୁ ବନ୍ଦ କରିବାକୁ ପଡିଥିଲା।

# କୋଇଲା ପରିବହନ ରେଲୱେ ସାଇଡିଂ ବନ୍ଦ ଦାବିରେ ଧାରଣା

**ସୁନ୍ଦରଗଡ,୨୨।୨(ସଂଚାର ବ୍ୟୁରୋ):** ବରପାଲି ଠାରେ ପ୍ରସ୍ତାବିତ କୋଇଲା ପରିବହନ ନିମନ୍ତେ ରେଲୱେ ସାଇଡିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଗ୍ରାମବାସୀ ଫେବୃଆରୀ ୪ ତାରିଖରୁ ଧାରଣାରେ ବସିଛନ୍ତି । ଆଜି ଶନିବାର ଦିନ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଧାରଣା ସ୍ଥଳକୁ ଯାଇ ଗ୍ରାମବାସୀ ମାନଙ୍କ ସହିତ ସମର୍ଥନ କରିଥିଲେ । ଶହ ଶହ ମହିଳା ପୁରୁଷ ଙ୍କ ସହିତ ଦୀର୍ଘ ସମୟ ଆଲୋଚନା କଲାପରେ ସମସ୍ତେ ବରପାଲି ସ୍ଥିତ ଷ୍ଟେସନ ମାଷ୍ଟର ଙ୍କୁ ଭେଟି ସାଇଡିଂ କୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ଯଦି ସାଇଡିଂକୁ ବନ୍ଦ କରା ନ ଯାଏ ତା ହେଲେ ଆଗାମୀ ଦିନରେ ରେଳ ରୋକ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି । ଗ୍ରାମବାସୀଙ୍କ ଆପତ୍ତି ଅନୁସାରେ ବରପାଲି ଠାରେ ସାଇଡିଂ ହେଲେ ଶହ ଶହ ହେକ୍ଟର ଉର୍ବର ଚାଷ ଜମି କ୍ଷତି ଗ୍ରସ୍ତ ସହ ପାଣି ପବନ ପରିବେଶ ଦୂଷିତ ହେବ । ସାଇଡିଂ ଠାରୁ ଅଳ୍ପ ଦୁରତାରେ ବିଦ୍ୟାଳୟ ଥିବାରୁ ଛାତ୍ର ଛାତ୍ରୀ ମାନଙ୍କ ଯିବା ଆସିବା ପାଇଁ ଅସୁବିଧା ହେବା ସହିତ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ସାଜିବ । ଏହି ଗ୍ରାମରେ ବଳିଙ୍ଗା, ବାଙ୍କିବାହାଲର ବିସ୍ଥାପିତ ଲୋକ ମାନଙ୍କୁ ଥଇଥାନ କରଯାଇଛି ଏବଂ ବରପାଲି ଗ୍ରାମକୁ ଏମସିଏଲ ତରଫରୁ ଏକ ଆଦର୍ଶ ଗ୍ରାମର ମାନ୍ୟତା ଦେଇ ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଚଳାଇଛି । ଏହି ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ପୂର୍ବରୁ ଗତ ୨୦୨୧ ମସିହାରେ ସଦର ଉପଜିଲ୍ଲାପାଳ ଙ୍କ ଉପସ୍ଥିତିରେ ଏକ ବୈଠକ ବସି ନିର୍ମାଣକୁ ତୀବ୍ର ବିରୋଧ କରିଥିଲେ। ଗତ ୧୬ ତାରିଖ ଦିନ ବରପାଲି ଗ୍ରାମବାସୀ ଏଡିଏମ କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବିତ ବେଆଇନ କୋଇଲା ସାଇଡିଂ କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଦାବିରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ସିଂ ମଧ୍ୟ ବିଧାନସଭାରେ ଉକ୍ତ ବିଷୟ ପ୍ରତି ପ୍ରଶ୍ନ ଉଠାଇଥିଲେ । ଯଦି ସାଇଡିଂ ସମ୍ପୂର୍ଣ୍ଣ ରୂପେ ବନ୍ଦ ନ ହୁଏ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗ୍ରାମବାସୀ ଧାରଣା ଦେବା ସହ ଆଗାମୀ ଦିନରେ ରେଲୱେ କୁ ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଛନ୍ତି । ଆନ୍ଦୋଳନରେ ଡୁଡୁକା ପଞ୍ଚାୟତର ପୂର୍ବତନ ସମିତି ମେମ୍ବର ସୁମିତ୍ରା ନାୟକ, ପୂର୍ବତନ ସରପଞ୍ଚ ସଚିନ୍ଦ୍ର ମାଝୀ, ନାଏବ ସରପଞ୍ଚ କୁନ୍ତୀ ନାୟକ, ସମାଜସେବୀ ଭୁପେନ୍ଦ୍ର ନାୟକ, ଚକ୍ରଧର ନାୟକ, ମୁରଲୀ ପଞ୍ଚଭାୟା, ସନ୍ତୋଷ ଭଏସାଲ, ସୌରେନ୍ଦ୍ରୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ ।



# ବୁଢ଼ୀପଦର ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ନର୍ଲା,୨୨।୨(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଢ଼ୀପଦରର ବାର୍ଷିକ ଉତ୍ସବ ଏବଂ କ୍ରୀଡ଼ା ଉତ୍ସବ ଶନିବାର ଦିନ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବଗର୍ତ୍ତାଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ସମ୍ମାନିତ ଅତିଥି ଭାବ ସମିତି ସଭ୍ୟ ଚୁମନ ଭୋଇ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଡୋଲେଶ୍ୱର ସାହୁ, ରାକ୍ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ, ଗ୍ରାମର ବରିଷ୍ଠ ନାଗରିକ ଜଗନ୍ନାଥ ଧଙ୍ଗଡାମାଝୀ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଗିରି, ଏସଏମସି ସଭାପତି ସୁରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଶୁଭ ଉଦଘାଟନ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସିଆରସିସି ଜଗଦୀଶ ଚନ୍ଦ୍ର ସାହୁ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡାମାଝୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଓ କ୍ରୀଡ଼ା ଉତ୍ସବର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂରାତନ ଛାତ୍ର ତଥା ଯୁବ ନେତା ବିଜୟ କୁମାର ଧଙ୍ଗଡାମାଝୀ, ରାକ୍ସି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶଙ୍କର୍ଷଣ ଗୌଡ ଓ ବିଦ୍ୟାଳୟର ଶିକ୍ଷକ ସ୍ୱରାଜ ସାମନ୍ତରାୟଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ଭୋଇ ବିବରଣୀ ପଠନ କରିଥିବାବେଳେ ଶିକ୍ଷୟତ୍ରୀ ସତ୍ୟଭାମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଖାଦ୍ୟ ନିରାପତ୍ତା ବିଭାଗର ଯାଞ୍ଚ, ୫ ହଜାର ଜରିମାନା ଆଦାୟ



**ଅନୁଗୋଳ,୨୨।୨ (ସଂଚାର ବ୍ୟୁରୋ):** ସହରରେ ଆଜି ସନ୍ଧ୍ୟା ସମୟରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଜଳଖିଆ ଦୋକାନ ଏବଂ ଫାଷ୍ଟ ଫୁଡ ଦୋକାନ ଗୁଡିକୁ ଯାଞ୍ଚ କରାଯାଇଥିଲା। ସୂଚନା ଯେ, ଆଜି ସନ୍ଧ୍ୟା ସମୟରେ ଖାଦ୍ୟ ନିରାପତ୍ତା ବିଭାଗ ଜିଲ୍ଲା ଅଧିକାରୀ ହରପ୍ରିୟା ବେହେରା ଙ୍କ ନେତୃତ୍ୱରେ ଖଲାରୀ ଛକ, ନୂଆ ବସଷ୍ଟାଣ୍ଡ, ଟିପିସି ଛକ, ପୁରୁଣା ବସ ଷ୍ଟାଣ୍ଡ ଏବଂ ଖାଓ ଗଳି ଅଞ୍ଚଳରେ ଥିବା ବିଭିନ୍ନ ଜଳଖିଆ ଦୋକାନ ଏବଂ ଫାଷ୍ଟ ଫୁଡ ଦୋକାନ ଗୁଡିକ ରେ ବ୍ୟବହାର ହେଉଥିବା ତେଲ, ଖାଦ୍ୟ ରେ ମିଶ୍ରଣ କରୁଥିବା ପଦାର୍ଥ ସହ ଖାଦ୍ୟ ରେ କଲର ମିଶା ଯାଉଛି କି ନାହିଁ ତାହା ୨୦ ରୁ ଅଧିକ ଦୋକାନ ଯାଞ୍ଚ କରାଯାଇଥିଲା। ଏବଂ ବିଭିନ୍ନ ଦୋକାନ ମାନଙ୍କୁ ଫାଇନ କରାଯାଇ ୫୦୦୦ ହଜାର ରୁ ଅଧିକ ଟଙ୍କା ଆଦାୟ କରାଯାଇଥିଲା। ଏହି ଯାଞ୍ଚ ବେଳେ ଅନୁଗୋଳ ପୋଲିସ, ଏମ୍‌ଟିଏସ୍ ନୀଳାମ୍ବର ପ୍ରଧାନ, ଖାଦ୍ୟ ନିରାପତ୍ତା ବିଭାଗ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଥିଲେ।

# ହତ୍ୟା ମାମଲାରେ ୬ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ



**ରାୟଗଡ,୨୨।୨ (ସଂଚାର ବ୍ୟୁରୋ):** ରାୟଗଡ ଜିଲ୍ଲା ବିଷମକଟକ ଏ.ଡି.ଜେ. ଅଦାଲତ ଗୁଣି ଗାରେଡ଼ି ସନ୍ଦେହରେ ଜଣେ ଆଦିବାସୀ ଯୁବକଙ୍କ ହତ୍ୟା ମାମଲାରେ ରାୟ ପ୍ରକାଶ କରିଛି । ଏହି ମାମଲାରେ ଅଦାଲତ ୬ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ବିଷମକଟକ ଥାନା ସାହାଡା ପଞ୍ଚାୟତ ଅନ୍ତର୍ଗତ କଣ ଗ୍ରାମ ର ଜଗବନ୍ଧୁ କଲାକା ନାମକ ଜଣେ ଯୁବକୁ ଙ୍କୁ ୨୦୧୫ ମସିହାରେ ଗ୍ରାମ ର କିଛି ଲୋକେ ଗୁଣି ସନ୍ଦେହ ରେ ନିର୍ମମ ଭାବରେ ପିଟୁଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଘରେ ନେଇ ଚାବି କରି ରଖିଥିଲେ, କିନ୍ତୁ ଦୋଷୀମାନେ ପୁଣି ଘରକୁ ଯାଇ ତାଙ୍କୁ ଉଠାଇ ନେଇ ଜିଅନ୍ତା ଜାଳି ଦେଇଥିଲେ । ଏହି ଘଟଣା ପରେ ମୃତକଙ୍କ ଧର୍ମପତ୍ନୀ ସେତ କଲାକା ଥାନାରେ ମାମଲା ରୁଜୁ କରିଥିଲେ । ପୋଲିସ ତଦନ୍ତ ପରେ ୧୦ ଜଣଙ୍କ ନାମରେ ଅଭିଯୋଗପତ୍ର ଦାଖଲ କରିଥିଲା। ଅଦାଲତ ସିଂଙ୍ଗିନା କଲାକା, ରବି କଲାକା, ଗଣ କୁମ୍ବୁରୁକା, ଦାନୀ ଟୁଇକା, ଶଙ୍କର କଲାକା ଏବଂ ନାଥୁରାମ କଲାକାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିଛି । ଘଟଣା ସମ୍ପୃକ୍ତ ଅନ୍ୟ ଏକ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ତିନିଜଣ ନାବାଳକ ଥିବାରୁ ସେମାନଙ୍କୁ ପୂର୍ବରୁ ହିଁ ସଦାରଖ ଗୃହକୁ ପଠାଯାଇଥିଲା । ଅଦାଲତ ଏହି ମାମଲାରେ ଧାରା ୩୨୩, ୫୦୬, ୩୦୨, ୨୦୧ ଅନୁଯାୟୀ ଦଣ୍ଡ ନିର୍ଦ୍ଦେଶ ଦେଇଛି । ଏହି ଘଟଣାକୁ ତଦନ୍ତ କରିଥିଲେ ସତ୍ୟ କୁମାର ନନ୍ଦ । ଏହି ରାୟ ଗୁଣି ଆଭିଯୋଗ ଉପରେ ହୋଇଥିବା ଅପରାଧକୁ ସଂକେତ କରି ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ବୃଦ୍ଧି କରିବାରେ ସାହାଯ୍ୟ କରିଛି ଓ ମୃତକ ପରିବାର ଲେକେ ନ୍ୟାୟ ପାଇଥିବା ପ୍ରକାଶ କରିଛନ୍ତି ।

# ଅଚଳ ହୋଇପଡ଼ିଛି ଏଟିଏମ୍, ତୁରନ୍ତ ଠିକ୍ କରିବା ପାଇଁ ଦାବି କରିଛନ୍ତି ଲୋକେ




**ସାଲେପୁର,୨୨।୨ (ସଂଚାର ବ୍ୟୁରୋ):** ଛକରେ ରହିଛି ଏଟିଏମ୍। କିନ୍ତୁ ଉଠୁନି ଟଙ୍କା। ଏଟିଏମ୍ ଅଚଳ ଯୋଗୁଁ ଲୋକମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଘଟଣା ହେଉଛି ସାଲେପୁର ଅଞ୍ଚଳର । ସାଲେପୁରରେ ବିଭିନ୍ନ ସ୍ଥାନରେ ଥିବା ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କର ଏଟି ଏମ ଗୁଡ଼ିକ ଅଚଳ ରହିଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । କଟକ ସାଲେପୁର ମୁଖ୍ୟ ରାସ୍ତା ର ପାଗା ବଜାର ଠାରେ ଥିବା ତିନି ଗୋଟି ଏ ଟି ଏମ ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିଛି । କାହାର ସଟର ତାଲା ପଡ଼ିଛି ତ ଆଉ କୋଉଠି ଏଟିଏମ୍ ମୁକୁଳା ପଡ଼ିଛି କିନ୍ତୁ ମେସିନ ଅଚଳ । ଯାହା ଫଳରେ ବ୍ୟବସାୟୀ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଟଙ୍କା ଉଠାଣ ନିମନ୍ତେ ସମସ୍ୟା ଭୋଗୁଛନ୍ତି । ବ୍ୟାଙ୍କ ଏ ଟି ଏମ ଚାର୍ଜ ଗ୍ରାହକ ମାନଙ୍କ ଠାରୁ ନେଉ ଥିବା ବେଳେ ଏ ଟିଏମ କିନ୍ତୁ ଅଚଳ । ଯଦି ଏହାକୁ କାର୍ଯ୍ୟକ୍ଷମ କରା ନ ଯାଏ ତେବେ ବ୍ୟାଙ୍କ ଆଗରେ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଲୋକେ ।

# ମଙ୍ଗଳପୁର ଆଇଡ଼ିଆଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ



**ଦଶରଥପୁର,୨୨।୨(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ତ ଆଇଡ଼ିଆଲ ପବ୍ଲିକ ସ୍କୁଲରେ ଶନିବାର ସନ୍ଧ୍ୟାରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦଶରଥପୁର ବ୍ଲକର ପୂର୍ବତନ ବ୍ଲକଶିକ୍ଷା ଅଧିକାରୀ ଅର୍ଦ୍ଧେନ୍ଦୁ ପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ରୂପେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲାର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ,ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ଦାମୋଦର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପରୀକ୍ଷିତ ରାୟ,ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ, ବିଦ୍ୟାଳୟର ସମ୍ପାଦକ ବୃନ୍ଦାବନ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଅମୂଲ୍ୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ପ୍ରଜ୍ଞ୍ୟା ପରମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାଟିକୁ ଉଦଘାଟନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟତ୍ରୀମାନେ ଅତିଥି ମାନଙ୍କୁ ପୁଷ୍ପଗୁଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ା, ବିଜ୍ଞ୍ୟାନ ମେଳା, ଅଲମ୍ପିଆଡ଼ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟରେ ୪୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୩୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ବାର୍ଷିକ ଉତ୍ସବ ପାଳନ କରିବାରେ ସହଯୋଗ କରିଥିଲେ ।

# ଅଦିନିଆ ବର୍ଷା ବୈଶିଙ୍ଗା ଆଖ ପାଖ ଅଞ୍ଚଳର ଚାଷୀଙ୍କୁ ଦୁଃଖ ଦେଇଛି

**ବୈଶିଙ୍ଗା,୨୨।୨ (ସଂଚାର ବ୍ୟୁରୋ):** ପୁରୁଣା ପ୍ରଚଳିତ କଥା ଅନୁଯାଇ 'ଯଦି ବରଷେ ମାଘର ଶେଷ, ଧନ୍ୟ ସେ ରାଜା ଧନ୍ୟ ସେ ଦେଶ ' । ଖରିଫ୍ ଧାନ ଚାଷ ପାଇଁ ଏହା ପ୍ରଜୁଜ୍ୟ ଥିଲା । ଦେଶୀ ଲଙ୍ଗଳ ରେ ବିଲକୁ ବାରମ୍ବାର ହଳ କରି ଜମି କୁ ବେଉଷଣ କରିବା ଦ୍ୱାରା ଫସଲ ଭଲ ହୋଇଥାଏ। ଏବେ ରବି ପରିବା ଚାଷ ବୈଶିଙ୍ଗା ନିକଟସ୍ଥ ବୁଢାବଳଙ୍ଗ ଉଭୟ ପଠାରେ ହେଉଥିବାର ଦେଖିବାକୁ ମିଳୁଛି। ଏଥସହିତ ମଛପଦା,ରାଇକମା,ରଙ୍ଗଡ଼ା,ଅଁଳା,କଦଳିଆ ଅଞ୍ଚଳରେ ଥାଇଲାଣ୍ଡ ତରଭୁଜ ବିଭିନ୍ନ ଭେରାଇଟିର ଚାଷ କରାଯାଉଛି। ଚାରି ଦିନ ଧରି ଲାଗି ରହିଥିବା ଏହି ଅଦିନିଆ ବର୍ଷା ଓ କୁଆପଥର ମାଡ ପାଇଁ ପରିବା ଚାଷୀ ହତାଶ ହୋଇପଡିଛନ୍ତି । ବନ୍ଧାକୋବି,ଫୁଲକୋବି,କାକୁଡି, କଲରା,ଜହ୍ନି ଆଦି ପନିପରିବା ସହିତ ଶହ ଶହ ଏକର ତରଭୁଜ ଚାଷୀ କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଇଛି ।

# ଅବସର ପରେ ବି ଥକିନାହାନ୍ତି ଦେବରାଜ

**ଯୋଡ଼ା,୨୨।୨ (ସଂଚାର ବ୍ୟୁରୋ):** ବିଜ୍ଞାନ ଶିକ୍ଷକ ଶ୍ରୀ ଦେବରାଜ ପ୍ରଧାନ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝର ରୁ ୨୦୧୪ମସିହା ରୁ ଅବସର ନେବା ପରେ ଅଦ୍ୟାବଧି ୧୧ବର୍ଷ ଧରି ଓଡିଶା ର ୧୬ଟି ଜିଲ୍ଲା ରେ ପ୍ରାୟ ୨୦୦୦ ସ୍କୁଲ ଓ କଲେଜ ପରିଦର୍ଶନ କରି ଉକ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାଦାନ କରି ଆସିଥିବା ବେଳେ ନିଜ ଜନ୍ମମାଟି ନୟାଗଡ଼ ଜିଲ୍ଲାରେ ୨୩୩ଟି ସ୍କୁଲ ମାନଙ୍କରେ ଶିକ୍ଷାଦାନ କରି ମୋ ଅନୁଭବ ର ନୟାଗଡ଼, କେନ୍ଦୁଝର ବିଦ୍ୟାଳୟ, ବନ୍ଦନା, ମୋ ଗାଁ ପରମ୍ପରା, ସତ୍ୟମେବ ଜୟତେ, ଶ୍ରୀ ଜଗନ୍ନାଥ ଜ୍ୟୋତି ଆଦି ପୁସ୍ତକ ରଚନା କରି ଆଜି ସମଗ୍ର ଓଡିଶା ରେ ସୁପରିଚିତ ଓ ପ୍ରଶଂଶିତ ହୋଇ ପାରିଥିବା ବେଳେ ବହୁ ସ୍ଥାନରେ ସମ୍ମାନିତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ରେ ସମସ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରି ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସେ ଉଚ୍ଚ ପ୍ରଶଂସିତ ହୋଇ ମୋ ଅନୁଭବ ର କେନ୍ଦୁଝର ବିଦ୍ୟାଳୟ ନାମକ ପୁସ୍ତକ କୁ କବିତା ମାଧ୍ୟମରେ ରଚନା କରି ଗତ ନଭେମ୍ବର ମାସ ରେ ସରକାରୀ ଝଡ଼େଶ୍ୱର ଉଚ୍ଚ ବିଦ୍ୟାଳୟ,ଘସିପୁରା ଠାରେ ପୁସ୍ତକ କୁ ଉନ୍ମୋଚନ କରାଇଥିଲେ। ଏବଂ ତା ୨୨. ୨. ୨୫ତାରିଖ ଦିନ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ଙ୍କ ସଭାପତିତ୍ୱ ରେ ବିଦ୍ୟାଳୟ ମଧ୍ୟରେ ପୁସ୍ତକ ର ଉଦଯାପନୀ ସଭା ଅନୁଷ୍ଠିତ କରାଇ ଦେବରାଜ ସାର ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।



# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ହତ୍ୟା ମାମଲା: ଅନୈତିକ ସମ୍ପର୍କ କାରଣ



**କାମାକ୍ଷାନଗର,୨୨।୨(ସଂଚାର ବ୍ୟୁରୋ):** ପ୍ରଧାନ ଶିକ୍ଷୟିତ୍ରୀଙ୍କ ହତ୍ୟା ମାମଲା । ଜଣାପଡ଼ିଲା କାହିଁକି ରାତି ଅଧରେ ପ୍ରଧାନଶିକ୍ଷୟତ୍ରୀଙ୍କୁ ମାରି ଟାଙ୍ଗି ଦେଇଥିଲେ ହତ୍ୟାକାରୀ। ସକାଳୁ ସକାଳୁ ସ୍କୁଲ୍ ଯିବା ପାଇଁ ପ୍ରଧାନଶିକ୍ଷୟତ୍ରୀଙ୍କୁ ଖୋଜିଥିଲେ ଡ୍ରାଇଭର। କିନ୍ତୁ ମୃତ ଅବସ୍ଥାରେ ତାଙ୍କୁ ଷ୍ଟୋର୍ ରୁମ୍ ରୁ ପାଇଥିଲେ ପରିବାର ଲୋକେ। କିଏ ହତ୍ୟା କରିଥିବା ଢ଼େଁ ଥାନାରେ ଅଭିଯୋଗ କରିଥିଲେ ଶଶୁର। ପୋଲିସ ଏହି ଘଟଣାର ପର୍ଦ୍ଦାଫାସ୍ କରିଛି । ଅନୈତିକ ସମ୍ପର୍କକୁ ନେଇ ପ୍ରଧାନଶିକ୍ଷୟତ୍ରୀଙ୍କୁ ହତ୍ୟା କରିଥିଲା କଳାଶିକ୍ଷକ। ଡୁମୁସିଙ୍ଗା ଥାନା ଗୁନେଇବିଲି ଗାଁରେ ପ୍ରଧାନଶିକ୍ଷୟତ୍ରୀଙ୍କ ସନ୍ଦେହଜନକ ମୃତଦେହ ଠାବ ଘଟଣାରେ ୨୪ ଘଣ୍ଟା ଭିତରେ ଘଟଣାରୁ ପରଦା ଉଠାଇଲା ପୋଲିସ । ଅନୈତିକ ସମ୍ପର୍କକୁ ନେଇ ପ୍ରଧାନଶିକ୍ଷୟତ୍ରୀଙ୍କୁ ହତ୍ୟା କରାଯାଇଛି। ପ୍ରଧାନଶିକ୍ଷୟତ୍ରୀ ଜଣକ ଚାକିରି କରୁଥିବା ଡୁମୁସିଙ୍ଗା ସ୍ଥିତ ପଞ୍ଚଶଖା ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସୋମନାଥ ବିଶ୍ୱାଳ ଏହି ହତ୍ୟା କରିଛନ୍ତି ।

# ଗଣମାଧ୍ୟମର ଆଚରଣକୁ ବିଭିନ୍ନ ମହଲରୁ ନିନ୍ଦା



**ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ):** ମହିଳାଙ୍କ ପ୍ରତି ଇଏ କି ବ୍ୟବହାର? କମିଟି ପଚାରିବା ପୂର୍ବରୁ ଯେମିତି ଚାଲିଥିଲା ମିଡିଆ ଟ୍ରାଏଲ୍। କିଟ୍ ଘଟଣାରେ ଏହାର ନିଲମ୍ବିତ ମହିଳା କର୍ମଚାରୀଙ୍କ ପ୍ରତି କିଛି ଗଣମାଧ୍ୟମର ବ୍ୟବହାର ଅତ୍ୟନ୍ତ ଅଶାଳୀନ ଥିଲା ବୋଲି ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବରିଷ୍ଠ ସାମ୍ବାଦିକମାନେ ମଧ୍ୟ ଏହାକୁ ନିନ୍ଦା କରିଛନ୍ତି । ଏ ଦୃଶ୍ୟ ଦେଖିଲେ ଲାଗିବ ଯେମିତି ଏଠି ଚାଲିଛି ମିଡିଆ ଟ୍ରାଏଲ୍। ବିଭିନ୍ନ ଚ୍ୟାନେଲର ବୁମ୍ ସବୁ ମାଡ଼ି ହୋଇ ଯାଉଥାଏ ମହିଳାଙ୍କ ମୁହଁରେ । ପ୍ରଶ୍ନ ବାଣରେ ଜର୍ଜରିତ ହୋଇ ଯାଉଥାନ୍ତି ସେମାନେ। ଯେମିତି ଏଇମାନେ ହିଁ କମିଟି ସଦସ୍ୟ । କିଟ୍ ଘଟଣାରେ ଶୁକ୍ରବାର ଦିନ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ତଦନ୍ତ କମିଟି କର୍ମଚାରୀଙ୍କୁ ଡକାଇଥିଲା ନିଜ ପକ୍ଷ ରଖିବାକୁ। ତେବେ କମିଟି ପଚରା ଉଚରା କରିବା ପୂର୍ବରୁ ଦୁଇ ନିଲମ୍ବିତ କର୍ମଚାରୀ ଜୟନ୍ତୀ ନାଥ ଏବଂ ମଞ୍ଜୁଶ୍ରୀ ପଣ୍ଡା ଅପେକ୍ଷା କରିଥିବା ବେଳେ କିଛି ଚ୍ୟାନେଲର ସାମ୍ବାଦିକମାନେ ଜଣେ ଜଣେ ତଦନ୍ତକାରୀ ଅଫିସର ଭଳି ସେମାନଙ୍କୁ ଜେରା କରିବା ଆରମ୍ଭ କରି ଦେଇଥିଲେ ।

# ଜଗତପୁର-ନିଶ୍ଚିନ୍ତକୋଇଲି ଭାରୀଯାନ ଚଳାଚଳ ରୋକ୍ ଅବଧି ୨୧ ପର୍ଯ୍ୟନ୍ତ ବଢ଼ିଲା

**ସାଲେପୁର,୨୨।୨(ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ରୋକ୍ ଲଗାଇବା ଅବଧିକୁ କଟକ ଜିଲ୍ଲାପାଳ ପୁନଶ୍ଚ ବୃଦ୍ଧି କରିଛନ୍ତି। କଟକ-ଚାନ୍ଦବାଲି ରାସ୍ତାରେ ଜଗତପୁର ଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ନିୟମିତ ଭାରୀଯାନ ଚଳାଚଳ କରିବାରୁ ସାଲେପୁର, ନିଶ୍ଚିନ୍ତକୋଇଲି ମଧ୍ୟରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବା ସହ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଖରାପ ହୋଇପଡୁଛି। ସେହିପରି ବହୁମାତ୍ରାରେ ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ କରୁଥିବାରୁ ନିୟମିତ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାରୁ ଏହାକୁ ଆଖିଆଗରେ ରଖି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୨୨ତାରିଖ ଠାରୁ ଫେବୃୟାରୀ ୨୧ତାରିଖ ପର୍ଯ୍ୟନ୍ତ ଚଳାଚଳ ଉପରେ କଟକଣା ଲଗାଇଥିବାବେଳେ ଆଜି ପୁଣି ଉକ୍ତ କଟକଣାର ଅବଧିକୁ ମାର୍ଚ୍ଚ ୨୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଏହି ରାସ୍ତା ଦେଇ ୬ଚକିଆରୁ (୧୮.୫ଟନ୍)ରୁ ଉର୍ଦ୍ଧ୍ୱ ଓଜନର ଆଇରନ୍, ମାଙ୍ଗାନିଜ, କ୍ରୋମ୍, ମାଇନର ମିନେରାଲ, କୋଇଲା ଇତ୍ୟାଦି ବୋଝେଇ ଗାଡ଼ି ଗୁଡିକ ଏହି ରାସ୍ତାଦେଇ ଚଳାଚଳ ଉପରେ ନିଷେଧ ଜାରି କରିଛନ୍ତି। ଯଦି କୌଣସି ଗାଡ଼ି ଚାଳକ ବା ମାଲିକ ଏହି ନିୟମକୁ ବେଖାତିର କରି ଉକ୍ତ ରାସ୍ତା ଦେଇ ଟ୍ୟାକ୍ସ ଫାଙ୍କିବା ଉଦ୍ଦେଶ୍ୟରେ ଯାତାୟତ କରନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମଣ୍ଡିରେ ଧାନ ଦେଇ ପାରିଲେନି ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

**ସାଲେପୁର,୨୨।୨(ସଂଚାର ବ୍ୟୁରୋ):** ସୋସାଇଟି ପ୍ରେସିଡେଣ୍ଟ ଓ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଶହ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହି ଚାଷୀମାନେ ଟୋକନ୍ ପାଇଥିଲେ ମଧ୍ୟ ସେମାନଙ୍କ ଧାନକୁ ମିଲ୍ ମାଲିକ ନନେବାରୁ ବହୁ ଚାଷୀ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତର ଭୀମଦାସପୁର ସେବା ସମବାୟ ସମିତିରେ ଗତ ଜାନୁୟାରୀ ୨୪ତାରିଖରେ ଧାନ ଦେବାପାଇଁ ଚାଷୀମାନେ ଟୋକନ୍ ପାଇଥିଲେ। ଉକ୍ତ ତାରିଖରେ ଚାଷୀଙ୍କର ଧାନ ନିଆଯାଇପାରିନଥିବାରୁ ସୋସାଇଟି ପକ୍ଷରୁ ଫେବୃୟାରୀ ୨୨ଦିନ ସେମାନଙ୍କ ଧାନ ନେବାପାଇଁ କୁହାଯାଇଥିଲା। ସୋସାଇଟିର ପ୍ରତିଶ୍ରୁତି ଅନୁଯାୟୀ ପ୍ରାୟ ୭୫ଜଣ ଚାଷୀ ନିଜ ନିଜର ଧାନ ଦେବାପାଇଁ ମଣ୍ଡିରେ ନିଜ ନିଜର ଧାନ ନେଇ ପହଞ୍ଚିଥିଲେ ମଧ୍ୟ ସ୍କାନ୍ ହୋଇନପାରିବାରୁ ଚାଷୀମାନେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏହାର ପ୍ରତିବାଦରେ ସେମାନେ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସେଠାରେ ଉତ୍ତେଜନା ଦେଖାଯାଇଥିଲା।



# ଭିତ୍ତିଭୂମି ଅଭାବ, ନାହିଁ ଆନୁଷଙ୍ଗିକ ଶିଳ୍ପ

## କପାଚାଷରେ ରାଜ୍ୟରେ କଳାହାଣ୍ଡି ପ୍ରଥମ

**କଳାହାଣ୍ଡି,୨୨।୨(ସଂଚାର ବ୍ୟୁରୋ):** ରାଜ୍ୟରେ କପା ଉତ୍ପାଦନରେ ପ୍ରଥମ ସ୍ଥାନରେ କଳାହାଣ୍ଡିର ନାମ ରହିଛି। ଜିଲାରେ ଉତ୍ପାଦିତ ହେଉଥିବା କପା ଏସିଆରେ ଉତ୍କୃଷ୍ଟ ମାନର ରହିଛି। ବିଭିନ୍ନ ସମୟରେ ଏଠାକାର କପା ଦେଶ ତଥା ଦେଶ ବାହାରକୁ ରପ୍ତାନି ହେଉଛି।ବାର୍ଷିକ ୫ଶହ କୋଟିରୁ ଅଧିକ ମୂଲ୍ୟର କପା ଉତ୍ପାଦନ ହେଉଥିବାବେଳେ ଭିତ୍ତିଭୂମି ଅଭାବ ଯୋଗୁ ଆନୁଷଙ୍ଗିକ ଶିଳ୍ପ ନାହିଁ। ଏହାକୁ ନେଇ କପାଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। କଳାହାଣ୍ଡି ଜିଲାରୁ ଉତ୍ପାଦିତ କପା ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟର ବିଭିନ୍ନ କମ୍ପାନୀ ଓ ଦଲାଲ ମାନେ କ୍ରୟ କରି ଦେଶ ବିଦେଶ କୁ ପଠାଇ ମୁନଫା କମାଉଛନ୍ତି ।ଜିଲ୍ଲା ସ୍ପେନିଂ ମିଲ କିମ୍ବା ବୟନ ଶିଳ୍ପର ଭିତ୍ତି ଭୂମି ନ ଥିବା ଯୋଗୁଁ କଞ୍ଚାମାଲ ଥାଇ ମଧ୍ୟ କଳାହାଣ୍ଡି ଜିଲ୍ଲା ପଛରେ ରହିଛି । ଜିଲ୍ଲାରେ ସରକାରୀ ଭାବେ ୧୦ ଲକ୍ଷରୁ ଅଧିକ କ୍ୟୁଇଣ୍ଟାଲ କପା ଉତ୍ପାଦନ ହେଉଛି ।୨୦୨୧ ମସିହାରେ ୬୬ ହଜାର ୬୧୬ ହେକ୍ଟର ଜମିରେ କପା ୨୦୨୨ ରେ ୭୦.୭୮୦ହେକ୍ଟର ଏବଂ



ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୭୦ ହଜାର ହେକ୍ଟର ଜମିରେ କପା ଚାଷ ହେଉଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ଠାରେ ସରକାର ଙ୍କ ଦ୍ୱାରା ନିର୍ମିତ କୋଣାର୍କ ସ୍ପିଙ୍ଗ ମିଲ ଦେଖି ଜିଲ୍ଲା ର ଚାଷୀ କପା ଚାଷ ଆରମ୍ଭ କରିଥିଲେ । ଏହାପରେ ଜିଲାର କପାଚାଷ ରାଜ୍ୟରେ ୧ ନମ୍ବର ହୋଇଥିଲା। ହେଲେ କୋଣାର୍କ ସିନିଂ ମିଲ୍ ବନ୍ଦ ହୋଇଗଲା। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବାରମ୍ବାର ପ୍ରକ୍ରିୟା ଆରମ୍ଭହେଉଛି, କିନ୍ତୁ କାର୍ଯ୍ୟକ୍ଷମରେ ବିଳମ୍ବ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର କେବଳ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଏକମାତ୍ର ଗବେଷଣା କେନ୍ଦ୍ର ଅଲ ଇଣ୍ଡିଆ କଟନ ରିସର୍ଚ୍ଚ ପ୍ରୋଗ୍ରାମ ରହିଛି। ଓଡ଼ିଶାରେ ରାଶି-୫୬୯, ତୁଳସି ତାକତ, କନକ, ବନ୍ଦି ଓ ରାଜା ପ୍ରଜାତିର ବିଟି କଟନ ବିହନ ଚାଷ ହେଉଛି। ରାଜ୍ୟ ସରକାର ବିଟି କଟନକୁ ସ୍ୱୀକୃତି ଦେଇ ନ ଥିବାବେଳେ ଚାଷୀମାନେ କିନ୍ତୁ ଏଥିପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। କଳାହାଣ୍ଡିର ଚାଷୀ ବିଟି କଟନ ଚାଷକରି ଓଡ଼ିଶା ଜାତୀୟ କପା ଉତ୍ପାଦନ ହାର ସହିତ ସମାନ ଥିବା ବେଳେ ଏଠାରେ ସମଗ୍ର ଏସିଆର ଉତ୍କୃଷ୍ଟ ମାନର କପା ଉତ୍ପାଦନ କରିଥାନ୍ତି।ଧାନର ବିକଳ୍ପ ଭାବରେ ଚାଷ କରୁଥିବା ଚାଷୀମାନେ କପା ଅମଳ ପରେ ଅଧିକ ଲାଭ ପାଇବେ ବୋଲି ଆଶା ବାନ୍ଧିଥାନ୍ତି। କିନ୍ତୁ ଜିଲାରେ ସରକାରଙ୍କ ଓ୍ୱିନିଂ ଓ ସ୍ପିନିଂ ମିଲ୍ ନ ଥିବା ଯୋଗୁ ବାହାର ଦଲାଲ ରାଜ୍ୟ ବାହାରକୁ ନେଉଛନ୍ତି ।କେସିଙ୍ଗାଠାରେ ଥିବା କୋଣାର୍କ ସ୍ପିଙ୍ଗ ମିଲ୍ ପୁନଶ୍ଚ କାର୍ଯ୍ୟ କାରି ହେଲେ ଚାଷୀଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ । ଚଳିତବର୍ଷ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ଉଛଳା,ଭବାନୀପାଟଣା ର କର୍ଲାପଡ଼ା ଓ କେସିଙ୍ଗା ଠାରେ କପା ମଣ୍ଡି ହୋଇଥିଲା।

# ସ୍ୱରିତ ଉପାଧ୍ୟାୟଙ୍କୁ ଆନ୍ତର୍ଜାତିକ 'ଗ୍ଲୋବାଲ କିଡ୍ସ ଆଚିଭର ଆୱାର୍ଡ'

**ସୁନ୍ଦରଗଡ଼,୨୨।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଆର ଆର ଆଇ ଟି କଲୋନୀରେ ଅବସ୍ଥିତ ହେଲୋକିଡ୍ସ ଏବଂ ରିଭରଷ୍ଟୋନ ଇଣ୍ଟରନେସନାଲ ସ୍କୁଲରେ ଶନିବାର ସକାଳ ୧୦ ଟା ସମୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆନ୍ତର୍ଜାତିକ ଫୋରମ "ଡ୍ରିମ କେଚର ଇଣ୍ଟରନ୍ୟାସନାଳ ଗ୍ରୁପ" ଦ୍ୱାରା ଆୟୋଜିତ "କିଡ୍ସ ଆଚିଭର କଣ୍ଟେଷ୍ଟ" ଶିକ୍ଷା ବିଭାଗର ପ୍ରତିଯୋଗିତାରେ ବିଜୟୀ ହୋଇ ନିଜ ସ୍କୁଲ, ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି ସୁନ୍ଦରଗଡ଼ ମାଟିର ସୁନାପୁଅ "ସ୍ୱରିତ"। ନିଜର ଅଭିନବ ବିଜ୍ଞାନ ପ୍ରକଳ୍ପ "ସାର୍କୁଲାର ବାୟୋ ଇକୋନୋମି"ର ବଳିଷ୍ଠ ଉପସ୍ଥାପନା ଦ୍ୱାରା ବିଚାରକ ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ଏହି ଛାତ୍ର। ବିଶ୍ୱର କୋଣ ଅନୁକୋଣରୁ ୧୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଏହି ଲାଇଭ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ନିଜର "ସାର୍କୁଲାର ବାୟୋ ଇକୋନୋମି" ପ୍ରକଳ୍ପର ବିସ୍ତୃତ ଉପସ୍ଥାପନ, ବିଚାରକ ମଣ୍ଡଳୀଙ୍କ ପ୍ରଶ୍ନର ସଠିକ ଉତ୍ତର ତଥା ନିଜର ବକ୍ତୃତା ଶୈଳୀ ଯୋଗୁଁ ବିଜୟୀ ହେବାର ଗୌରବ ହାସଲ କରିଛନ୍ତି। ପୂର୍ବରୁ ଅନେକ ରାଜ୍ୟ ଓ ଜାତୀୟ ସ୍ତରୀୟ ବକ୍ତୃତା, ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସ୍ୱରିତ ଗତବର୍ଷ ମର୍ଯ୍ୟାଦାଜନକ "ଇଣ୍ଡିଆ ବୁକ ଅଫ ରେକର୍ଡ" ରେ ଆଚିଭର ହେବାର ଗୌରବ ହାସଲ କରିଥିଲେ। ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ଦିଗାମ୍ବର ଉପାଧ୍ୟାୟ ଓ ଅନୁପମା ଉପାଧ୍ୟାୟଙ୍କ ଏକମାତ୍ର ପୁଅ ୧୩ ବର୍ଷର ସ୍ୱରିତ। ବିଗତ ପାଞ୍ଚ ବର୍ଷ ଧରି ନିରନ୍ତର ଭାବରେ ବିଭିନ୍ନ ଅନଲାଇନ ଓ ଅଫଲାଇନ ପ୍ରଶ୍ନୋତ୍ତରୀ, ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସଙ୍ଗେ ସଙ୍ଗେ ବିଭିନ୍ନ ଅଭିନବ ପ୍ରକଳ୍ପର ସଫଳ ଉପସ୍ଥାପନ କରି ସମସ୍ତଙ୍କୁ ଗୌରବାନ୍ୱିତ କରିଆସୁଛନ୍ତି। ଆଜି ସ୍ୱରିତଙ୍କ ଏହି ବିରଳ ସଫଳତା ନିମନ୍ତେ ସମ୍ବର୍ଦ୍ଧିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ସ୍କୁଲ ପରିସରରେ ଆୟୋଜନ କରାଯାଇଥିଲା।



# ସିନେମା



## ‘ସାଥୀ ସାତ ଜନ୍ମର’ରେ ଦେବ-ଅର୍ଚ୍ଚନା

ଲୋକପ୍ରିୟ ଚ୍ୟାନେଲ୍ ଜୀ ସାର୍ଥକର ନୂଆ ମେଗା ଧାରାବାହିକ ‘ସାଥୀ ସାତ ଜନ୍ମର’ର ପ୍ରସାରଣ ଚଳିତ ମାସ ୧୭ ତାରିଖ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଯାଇଛି। ନିଜ ପରିବାର ପାଇଁ ସମାନ ଭାବନା ରଖୁଥିବା ଅର୍ଚ୍ଚନା ଓ ଦେବ ପ୍ରଥମ ଦେଖାରେ ପ୍ରେମରେ ପଡ଼ନ୍ତି ଓ ବିବାହ ବନ୍ଧନରେ ବାନ୍ଧି ହୋଇଯାନ୍ତି। କିନ୍ତୁ ଅଳ୍ପ ଦିନ ପରେ ଉଭୟଙ୍କ ଖୁସିରେ କାହାରି ନଜର ଲାଗିଯାଏ। ଏହାର ମୂଳରେ ଥାଆନ୍ତି ଦେବଙ୍କ ମା’ ସବିତା। ସେ ନିଜ ଧନ ସଂପତ୍ତିର ପାରିବାପଣିଆ ଦେଖାଉଥିବା ବେଳେ ଏହି ପରିସ୍ଥିତିରେ ଅର୍ଚ୍ଚନାଙ୍କ ମା’ଙ୍କ ମନରେ ନିଜ ଝିଅର ଭବିଷ୍ୟତ ଚିନ୍ତା ଘାରିଥାଏ। ପାରିବାରିକ ପରିସ୍ଥିତି ଉଭୟଙ୍କୁ ଅଲଗା କରିଦିଏ ସତ କିନ୍ତୁ ତାଙ୍କର ଏହି ଯାତ୍ରା ଅନେକ ପ୍ରତିଶ୍ରୁତି ଓ ପ୍ରତିଜ୍ଞାକୁ ପଛରେ ଛାଡ଼ିଯାଏ। ମା’ ଓ ଝିଅର ସଂପର୍କ, ସ୍ୱାମୀ ସ୍ତ୍ରୀର ସମ୍ପର୍କ, ପ୍ରେମ, ତ୍ୟାଗ, ସଂଘର୍ଷ ସବୁକିଛି କାହାଣୀରେ ଦେଖିବାକୁ ପାଇବେ ଧାରାବାହିକପ୍ରେମୀ। ତେବେ ଦେବ ଓ ଅର୍ଚ୍ଚନା ସବୁ କିଛି ଭୁଲି କ’ଣ ପୁଣି ଏକାଠି ହୋଇପାରିବେ? ଏହି ପ୍ରଶ୍ନର ଉତ୍ତର ମିଳିବ ‘ସାଥୀ ସାତ ଜନ୍ମର’ରେ। ଏଥିରେ ‘ସୁନା ଝିଅ’ ଫେମ୍ ମାନସ ମହାପାତ୍ର ଦେବ ଚରିତ୍ରରେ ଓ ଜଣାଶୁଣା ଅଭିନେତ୍ରୀ ତେଜସ୍ୱିନୀ ଅର୍ଚ୍ଚନା ଚରିତ୍ରରେ ଅଭିନୟ କରିଛନ୍ତି।



## ‘କନ୍ନପା’ ପାଇଁ ପାରିଶ୍ରମିକ ଦାବି କରିନାହାନ୍ତି ପ୍ରଭାସ!

ପ୍ରଯୋଜକ ବିଷ୍ଣୁ ମଞ୍ଚୁଙ୍କ ବ୍ୟୟବହୁଳ ସିନେମା ‘କନ୍ନପା’କୁ ନେଇ ଦର୍ଶକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ସିନେମାଟିର ଏବେ ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଥିବା ବେଳେ ଏହାକୁ ନେଇ ପ୍ରତିଦିନ ନୂଆ ନୂଆ ତଥ୍ୟର ଉନ୍ମୋଚନ ହେଉଛି। ଆଗାମୀ ଏପ୍ରିଲ୍ ୨୫ ତାରିଖରେ ସିନେମାଟି ପାଞ୍ଚଟି ଭାଷାରେ ମୁକ୍ତିଲାଭ କରିବ। ଏହି ସିନେମାରେ ଅନେକ ଲୋକପ୍ରିୟ ତାରକାଙ୍କୁ ଦେଖିବାକୁ ମିଳିବ। ବଲିଉଡ଼ର ଖିଲାଡ଼ି ବୟ ଅକ୍ଷୟ କୁମାରଙ୍କଠୁ ନେଇ ଟଲିଉଡ୍‌ର ବାହୁବଳୀ ପ୍ରଭାସଙ୍କୁ ଦେଖିବାକୁ ପାଇବେ ଦର୍ଶକ। ଜାଣିବାକୁ ମିଳିଛି ଯେ ଚଳଚ୍ଚିତ୍ରଟିରେ ପ୍ରଭାସ ରୁଦ୍ର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ସବୁଠାରୁ ମଜାଦାର କଥା ହେଉଛି ଏହି ଚରିତ୍ର ପାଇଁ ପ୍ରଭାସ କୌଣସି ପାରିଶ୍ରମିକ ଦାବି କରିନାହାନ୍ତି। ସେ କେବଳ ଏହି ସିନେମାର ଅଂଶ ହୋଇଥିବାରୁ ଖୁସି ଅଛନ୍ତି। ଦକ୍ଷିଣୀ ସିନେମାର ଲୋକପ୍ରିୟ ଅଭିନେତା ମୋହନ ବାବୁଙ୍କ ପୁତ୍ର ବିଷ୍ଣୁ ଏକ ସାକ୍ଷାତକାରରେ କହିଛନ୍ତି, “ପ୍ରଭାସ ବହୁତ ନମ୍ର ଏବଂ ଭଲ। ଏହି ପ୍ରୋଜେକ୍ଟ ପାଇଁ ମୋତେ ତାଙ୍କୁ ରାଜି କରାଇବାକୁ କୌଣସି ପରିଶ୍ରମ କରିବାକୁ ପଡ଼ିନଥିଲା। ଯେତେବେଳେ ମୁଁ ତାଙ୍କୁ ମୋର ପରିକଳ୍ପନା ବିଷୟରେ କହିଲି ସେ ଖୁସିରେ ରାଜି ହୋଇଗଲେ। ସେ ଏତେ ବଡ଼ ଷ୍ଟାର୍ ଯେ ଏହି ଭୂମିକାକୁ ସହଜରେ ପ୍ରତ୍ୟାଖ୍ୟାନ କରିପାରିଥାନ୍ତେ, କିନ୍ତୁ ସେ ତାହା କଲେ ନାହିଁ। ସେ ମୋ ବାପାଙ୍କ ସହ ତାଙ୍କର ବନ୍ଧୁତାର ମୂଲ୍ୟ ଦେଇଥିଲେ।”



## ବିବାଦରେ ଭିକିଙ୍କ ‘ଛାଓ୍ୱା’

ଖୁବ୍ ଅଧିକ ଚଳଚ୍ଚିତ୍ର କରି ନଥିଲେ ବି ବଛା ବଛା ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି ବଲିଉଡ୍ ଅଭିନେତା ଭିକି କୌଶଲ୍। ନିକଟରେ ସେ ତାଙ୍କ ଅପ୍‌କମିଂ ଫିଲ୍ମ ‘ଛାଓ୍ୱା’ର ପ୍ରମୋସନ୍ ପାଇଁ ଜୟପୁର ଯାଇଥିଲେ। ଏହି ସିନେମା ପାଇଁ ଭିକି ୨୫ କିଲୋ ଓଜନ ବୃଦ୍ଧି କରିଛନ୍ତି ବୋଲି ସେଠାରେ କହିଥିବାର ଶୁଣିବାକୁ ମିଳିଛି। ଏହି ଚଳଚ୍ଚିତ୍ରରେ ଭିକି ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ରିଲିଜ୍ ହେବା ପୂର୍ବରୁ ସେଥିରେ ଛତ୍ରପତି ସମ୍ଭାଜୀ ମହାରାଜଙ୍କର ଏକ ନାଚ ଦୃଶ୍ୟକୁ ନେଇ ଆରମ୍ଭ ହୋଇଛି ବିବାଦ। ମହାରାଷ୍ଟ୍ରର ମନ୍ତ୍ରୀ ଉଦୟ ସାମନ୍ତ ଚେତାବନୀ ଦେଇଛନ୍ତି କି ଯଦି କୌଣସି ଆପତ୍ତିଜନକ ଦୃଶ୍ୟ ଦେଖିବାକୁ ମିଳେ ତ ସିନେମାକୁ ରିଲିଜ୍ ହେବାକୁ ଦିଆଯିବ ନାହିଁ। ତେବେ ସିନେମାର ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ଭରସା ଦେଇଛନ୍ତି କି ସିନେମାରୁ ସମସ୍ତ ଆପତ୍ତିଜନକ ଦୃଶ୍ୟକୁ ହଟାଇ ଦିଆଯିବ।



## ପପୁଙ୍କ ନୂଆ ନାୟିକା ପ୍ରାଚୀ

ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ତଥା ଅଲ୍‌ରାଉଣ୍ଡର ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି ‘ତୁ ମୋ ଆଖିର ତାରା’ରୁ ହାସ୍ୟାଭିନେତା ଭାବେ କ୍ୟାରିଅର୍ ଆରମ୍ଭ କରିଥିବା ପପୁ ପମ୍‌ପମ୍ ପାଖାପାଖି କୋଡ଼ିଏ ବର୍ଷ ଧରି ଓଲିଉଡ୍‌ରେ ସକ୍ରିୟ ଅଛନ୍ତି। ଦର୍ଶକ ତାଙ୍କୁ ‘ରଙ୍ଗିଲା ଟୋକା’, ‘ଚଉକାଛକା’, ‘ଆମେ ତ ଟୋକା ଷଣ୍ଢମାର୍କା’, ‘ମିଷ୍ଟର କହ୍ନେୟା’ ଓ ‘ଗାଁର ନାଁ ଗାଲୁଆପୁର’ ଭଳି ଓଡ଼ିଆ ଛବିରେ ନାୟକ ଭୂମିକାରେ ଦେଖିଛନ୍ତି। ଏହାଛଡ଼ା ଟେଲିଭିଜନ୍‌ରେ ପ୍ରିମିୟର୍ ହୋଇଥିବା ‘ଚୁଲ୍‌ବୁଲ୍ ପାଣ୍ଡେ’ ଓ ଟେଲି ସିନେମା ‘ଡିଟେକ୍ଟିଭ୍ କରନ ଅର୍ଜୁନ’ରେ ବି ତାଙ୍କୁ ନାୟକ ଭାବେ ଦେଖିବାକୁ ମିଳିଛି। ପପୁ ପମ୍‌ପମ୍ ଏବେ ଅଭିନୟ ସହିତ ନିର୍ଦ୍ଦେଶନାରେ ପାଦ ରଖିଛନ୍ତି। କେ କେ ସାହୁଙ୍କ ପ୍ରଯୋଜନାରେ ନିର୍ମିତ ‘ଡଷ୍ଟବିନ୍’ରେ ସେ ନିର୍ଦ୍ଦେଶନା ଦେବା ସହ କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି। କେବଳ ସେତିକି ନୁହେଁ, ସେ ବି ଏହାର ସ୍ୱର ସଂଯୋଜକ। ସସ୍‌ପେନ୍‌ସ୍ ଥ୍ରିଲର ‘ଡଷ୍ଟବିନ୍’ରେ ଜଣେ ନବାଗତାଙ୍କ ସହ ପରଦାରେ ରୋମାନ୍‌ସ୍ କରିବେ ପପୁ। ଏହି ଛବିରେ ତାଙ୍କ ବିପକ୍ଷରେ ନଜର ଆସିବେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପ୍ରାଚୀ। ଦର୍ଶକ ପ୍ରଥମ ଥର ଲାଗି ପପୁ-ପ୍ରାଚୀ ଯୋଡ଼ିଙ୍କୁ ଦେଖିବାକୁ ପାଇବେ। ନାୟକ ଭାବେ ପପୁ ‘ରଙ୍ଗିଲା ଟୋକା’ରେ ଦେବଯାନୀ, ‘ମିଷ୍ଟର କହ୍ନେୟା’ରେ ଝିଲିକ୍, ‘ଚଉକାଛକା’ରେ ଲଭଲି, ‘ଆମେ ତ ଟୋକା ଷଣ୍ଢମାର୍କା’ରେ କୋଏଲ୍, ‘ଚୁଲ୍‌ବୁଲ୍ ପାଣ୍ଡେ’ରେ ହିତୈଷା ବାଗ ଓ ‘ଡିଟେକ୍ଟିଭ୍ କରନ ଅର୍ଜୁନ’ରେ ପ୍ରିୟଙ୍କା(ପିହୁ) ଓ ‘ଗାଁର ନାଁ ଗାଲୁଆପୁର’ରେ ମନୀଷାଙ୍କ ସହ ଅଭିନୟ କରିଛନ୍ତି। ତେଣେ ସେ ‘ଇଶ୍କ ଟ୍ରାଫିକ୍’ରେ ପ୍ରିୟଙ୍କା ସାହୁଙ୍କ ବିପକ୍ଷରେ ନାୟକ ବନିଛନ୍ତି। ‘ଡଷ୍ଟବିନ୍’ରେ ସୁକୁମାର ଟୁଡୁ, ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।



## କହିବାକୁ ଲାଜ ଶୁଣିଲେ ପାପ

ଖଣ୍ଡଗିରିରେ ଶେଷ ହୋଇଯାଇଛି ଯାତ୍ରା ଉତ୍ସବ। ଏଠାରେ ଯାତ୍ରାଶ୍ରୀ ବିଶ୍ୱଦରବାର ଦ୍ୱାରା ପ୍ରସ୍ତୁତ ‘କହିବାକୁ ଲାଜ ଶୁଣିଲେ ପାପ’ ପ୍ରଦର୍ଶିତ ହୋଇଯାଇଛି। ନାଟକର କାହାଣୀ ଏକ ପରିବାରକୁ ନେଇ କେନ୍ଦ୍ରୀଭୂତ ହୋଇଛି। ବଡ଼ଲୋକ ହେବା ଲାଳସାରେ ନିଜ ଭଉଣୀକୁ ସଇତାନ୍ ହାତରେ ଟେକିଦିଏ ଭାଇ। ଭଉଣୀର ଇଜ୍ଜତ ନିଲାମ କରେ ସଇତାନ ଆଫଜଲ ଖାଁ। ପୁଣି ପ୍ରମାଣ ନଷ୍ଟ କରିବାକୁ ଇଂଜେକସନ୍ ଦେଇ ଭଉଣୀକୁ ପାଗଳୀ ସଜାଏ ଭାଇ। କିନ୍ତୁ ସାବତ ଭାଇ ଜଗା ଭଉଣୀକୁ ସୁରକ୍ଷା ଦେବାକୁ ଆଗେଇ ଆସେ। ଶେଷରେ ବହୁ ସଂଘର୍ଷ ପରେ ସେ ଅପରାଧୀମାନଙ୍କୁ ଦଣ୍ଡ ଦେବାରେ ସକ୍ଷମ ହୁଏ। ଏହି ନାଟକରେ ଗୌର ପାଢ଼ୀ, ସୁକାନ୍ତି, ସଂଜୟ ଭୋଳ, ଲରେନ୍‌ସ୍, ମୁନୁ ପଣ୍ଡା, କମେଡ଼ି କିଙ୍ଗ ଦୟା, ପ୍ରତାପ, ଭାରତୀ, ମାତନ, ମାମା, ଆଶିଷ୍, ତୁଳସୀ, ବିପିନ୍ ପ୍ରମୁଖ ଅଭିନୟ କରିଛନ୍ତି। ଅଜୟ ସ ଏହାର କାହାଣୀ ପ୍ରସ୍ତୁତ କରିଥିବା ବେଳେ ନିର୍ଦ୍ଦେଶନାରେ ଅଛନ୍ତି ତାପସ ସ୍ୱାଇଁ।

## ମାର୍ଚ୍ଚ ୧୪ରେ ‘ଶିମଲୀ’



ଏମ୍‌କେଆର୍ ପ୍ରଡକ୍ସନ୍‌ସ ବ୍ୟାନରରେ ନିର୍ମିତ ‘ଶିମଲୀ’ ଆଗାମୀ ମାର୍ଚ୍ଚ ୧୪ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୟୁ/ଏ ସେନସର୍ ସାର୍ଟିଫିକେଟ୍ ପାଇଥିବା ଏହି ଓଡ଼ିଆ ଛବିର ପ୍ରଯୋଜିକା ହେଲେ ସ୍ମିତା ରାଉତ। ପରେଶ ଚନ୍ଦ୍ର ମହାନ୍ତ ଏହାର ସହ-ନିର୍ମାତା। ଓଲିଉଡ୍‌ର ଜଣାଶୁଣା ଏଡିଟର୍ ସୁକୁମାର ମଣି ‘ଶିମଲୀ’ ଜରିଆରେ ନିର୍ଦ୍ଦେଶକ ଭାବେ ପଦାର୍ପଣ କରିଛନ୍ତି। ଶିମିଳିପାଳର ନିତିଦିନିଆ ଘଟଣା ଉପରେ ଏହାର କଥାବସ୍ତୁ ଆଧାରିତ। ହାତୀଦାନ୍ତ ଓ ବାଘଛାଲ ଚୋରାଚାଲାଣ, ବନରକ୍ଷୀଙ୍କୁ ଆକ୍ରମଣ ଭଳି ଅପରାଧର କାହାଣୀ ରହିଛି ‘ଶିମଲୀ’ରେ। ଏଥିରେ ସୂର୍ଯ୍ୟମୟୀ, ମନୋଜ ରାଉତ, ଲିପିକା, ଅନୁପ ଶାହା ଓ ଚୌଧୁରୀ ବିକାଶ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ। ସ୍ମିତା ରାଉତଙ୍କ କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ସଂଳାପ ଲେଖିଛନ୍ତି ଭାବବିନୋଦ ମହାପାତ୍ର। ବାଚୁ ମୁଖାର୍ଜୀ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅରୁଣ ମନ୍ତ୍ରୀ, ଡକ୍ଟର ନିର୍ମଳ ନାୟକ ଓ ଭାବବିନୋଦ ମହାପାତ୍ର ଏହାର ଗୀତିକାର। ଏଥିରେ ଚାରିଟି ଗୀତ ରହିଛି। ଧ୍ରୁବାନନ୍ଦ ପଣ୍ଡା ଏହାର ସିନେମାଟୋଗ୍ରାଫର୍।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଖାନା-ଖଜାନାର ମୀନାବଜାର




ଖୋର୍ଦ୍ଧା, ୨୨।୨(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃ ତରଫରୁ ମୁସଲେଃ ମଉଦ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରା ଯାଇଥିଲା। ଏହି ଶିବିରରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ସହ ୮୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ନିଃଶୁଳ୍କ ହୋମିଓପ୍ୟାଥି ଔଷଧ ବିତରଣ କରାଯାଇଛି । ଏହି ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଡ.ପରଓ୍ୱିନ ଯୋଗଦେଇ ଚିକିତ୍ସା କରିଥିବା ବେଳେ ତାଙ୍କ ସହ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଭାନେତ୍ରୀ ଶାହେଦା ବେଗମ, ଅମତୁଲ ହଫିଜ, ରୋକିଆ ବାନୁ, ଫୌଜିଆ ରହମାନ, ଜୈନବ ଅଫରୋଜ ଏବଂ ସଂଗଠନର ଅନେକ ମହିଳା କର୍ମୀମାନେ ସହଯୋଗ କରିଥିଲେ । ସେହିଭଳି ଏହି ଦିବସ ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ଖେଳ, କୁଇଜ, ଚିତ୍ରାଙ୍କନ ଏବଂ ମେହେନ୍ଦି ଲଗାଇବାର ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ ୧୪୦ ଉର୍ଦ୍ଧ୍ୱ ମହିଳା ଓ ଝିଅମାନେ ଭାଗ ନେଇଥିଲେ । ସେହିଭଳି ସଂଗଠନକୁ ସୁଦୃଢ଼ କରିବା ପାଇଁ ଏକ ଖାନା-ଖଜାନାର ମିନାବଜାର ଲଗାଯାଇଥିଲା । ଯେଉଁଥିରେ ୫୦୦ ଉର୍ଦ୍ଧ୍ୱ ଲଜନା ମହିଳାମାନେ ଯୋଗ ଦେଇଥିବା ବେଳେ ୬୦ଟି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିର ଅସ୍ଥାୟୀ ଷ୍ଟଲ ଲଗାଯାଇ ଖାଦ୍ୟ କିଣାବିକା ହୋଇଥିଲା ।

# ମହୁଲିଆ ସ୍କୁଲରେ ବିଶ୍ୱ ମାତୃଭାଷା ଦିବସ



ବେତନଟୀ, ୨୨।୨ (ସଂଚାର ବ୍ୟୁରୋ): ୟୁନେସ୍କୋ ପକ୍ଷରୁ ପାଳିତ ହେଉଥିବା ବିଶ୍ୱ ମାତୃଭାଷା ଦିବସ ବେତନଟୀ ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମହୁଲିଆ ଛାରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷ କବି ସଙ୍ଗମର ସଭାପତି କବି ବାସୁଦେବ ନାପିତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ଅତିଥି ଭାବରେ ମୟୂର ସାହିତ୍ୟ ପରିଷଦର ସମ୍ପାଦକ ଜତୀନ୍ଦ୍ରନାଥ ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ରବୀନ୍ଦ୍ରନାଥ ମିଶ୍ର,ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବରେ ବିକାଶ ମଞ୍ଚର ଆବାହକ ତଥା ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ମୁଖ୍ୟ ବକ୍ତା ଭାବରେ ସିଭିଲ ସୋସାଇଟିର ସମ୍ପାଦକ ଏଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ରୁଦ୍ରପ୍ରସାଦ ନାୟକ, ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗୋଚ୍ଛାୟତ, ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ବିଶିଷ୍ଟ ହିନ୍ଦୀ କବି ସେକ ଜିକରୁଲ୍ଲା ପ୍ରମୁଖ ଯୋଗଦାନ କରି ପ୍ରକୃତିମାତା,ମା, ମାଟି, ମାତୃଭାଷା, ମାତୃଭୂମି ସୁରକ୍ଷା ପାଇଁ ପ୍ରାଣ ଶବଳି ଦେଇଥିବା ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱବାସୀଙ୍କ ସୁରକ୍ଷା ଏବଂ କଲ୍ୟାଣ ପାଇଁ ଦେଇଥିବା ଆହ୍ୱାନ "ଏକ ପେଡ ମାକେ ନାମ" ଶୀର୍ଷକରେ କବି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ରଚିତ ଏବଂ ଝୁମର ରାଣୀ ବିନ୍ଦୁମତୀ ମହାନ୍ତଙ୍କ କଣ୍ଠଦାନ ରେ ପ୍ରସ୍ତୁତ ଏକ କୁଡ଼ମାଲୀ ଝୁମର ଅଡ଼ିଓକୁ ବରେଣ୍ୟ ଅତିଥିମାନେ ଲୋକାର୍ପଣ କରିଥିଲେ ଏବଂ ଏକ ବହୁଭାଷୀ କବିତା ପାଠୋତ୍ସବ କବୟିତ୍ରୀ ସବିତା ମହାନ୍ତି ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ।

# ଆଇନ ସଚେତନେତା ଶିବିର

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ଜିଲ୍ଲା ଆଇନ ସେବା ପ୍ରାଧିକାରଣ, ଖୋର୍ଦ୍ଧା, ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମିଳନୀ କକ୍ଷରେ ପୋଷକୋ ଆକ୍ଟ ସମ୍ବନ୍ଧିତ ଆଇନ ସଚେତନେତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ ଶ୍ରୀମତୀ ବନ୍ଦନା କର, ଭୁବନେଶ୍ୱର ଯୋଗଦେଇ ଆଇନରେ ଥିବା ବିଭିନ୍ନ ୱିଧି ବ୍ୟବସ୍ଥା ସମ୍ପର୍କରେ ସମବେତ ମହିଳା ଏବଂ ଜନସାଧାରଣଙ୍କୁ ସୂଚନା ଦେବା ସହ ଏଥିରେ ଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବି ଡି ଓ ଦେବୀ ପ୍ରସାଦ ମହାନ୍ତି, ଡି ଏସ ଡବ୍ଲୁ ଓ କୁସୁମ କୁମାରୀ ପ୍ରହରାଜ, ଡି ସି ପି ଓ, ବାସନ୍ତି ପଟନାୟକ, ସାର୍ଟିଫିକେଟ ଅଫିସର ସ୍ମିତା ରଥ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବଧୀୟ ବହୁ ଉପାଦେୟ ମାର୍ଗଦର୍ଶିକା ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମି ସାହୁ ଉକ୍ତ କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟ ଉଦ୍ୟେଶ ଓ ଏହାର ଉପକାରିତା ସମର୍କରେ ସୂଚନା ଦେବା ସହ ଅନେକ ସମାଜ ଉପଯୋଗୀ ମତାମତା ପ୍ରଦାନ କରିଥିଲେ ।



## ଫର୍ମ ପୂରଣ ସତ୍ତ୍ୱେ ୧୦ ହଜାର ପିଲା ମାଟ୍ରିକ ପରୀକ୍ଷା ନଦେବା ଘଟଣା

# ମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ଠାରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ଗତକାଲି ମାଟ୍ରିକ ଓଡ଼ିଆ ମାତୃଭାଷା ପରୀକ୍ଷା ବେଶ ଭଲ ଭାବେ ସମାପନ ହୋଇଛି । ୱାଟର ମାର୍କ, ବାର କୋର୍ଡ ଓ ସଠିକ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରଥମ ଦିନ ଠିକ ଥିଲା ଓ ଆଗାମୀ ଦିନ ମଧ୍ୟ ସ୍ୱାଭାବିକ ହେବା ଉଚିତ । ହେଲେ ପ୍ରଥମ ଦିନରେ ରାଜ୍ୟରେ ପ୍ରାୟ ଦଶ ହଜାରରୁଉର୍ଦ୍ଧ ପିଲା ମାଟ୍ରିକ ପରୀକ୍ଷାରେ ଫର୍ମ ଫିଲପ କରି ମଧ୍ୟ ପରୀକ୍ଷା ଦେଇ ନାହାନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଓ ସ୍ପର୍ଶ କାତର ବିଷୟ । ସଭିଏଁ ପଢିବେ, ବଢିବେ ଶିକ୍ଷିତ ହେବେ ଓ ସମାଜ ବିକଶିତ ହେବ ଏହି ଲକ୍ଷ ନେଇ ଅନେକ ଯୋଜନା ଚାଲିଛି । ହେଲେ ଗତବର୍ଷ ମଧ୍ୟ ସେହିପରି ପ୍ରାୟ ଦଶ ହଜାରରୁ ଉର୍ଦ୍ଧ ପିଲା ମ୍ୟାଟ୍ରିକ ପରୀକ୍ଷା ରେ ଅନୁପସ୍ଥିତକୁ ନେଇ ତୁମ୍ବି ତୋଫାନ ହୋଇ ଥିଲା । ଗଣଶିକ୍ଷା ବିଭାଗ ଏହି ବିଷୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବ ବୋଲି ପୂର୍ବରୁ ଘୋଷଣା କରିଥିଲା । ହେଲେ ଫଳ ଶୂନ । ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ନା ଗଣଶିକ୍ଷା ବିଭାଗ ନା ବୋର୍ଡ କେହି ମୁହଁ ଖୋଲି ନାହାନ୍ତି । ପିଲା ପାଠ ପଢିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ୨୦୨୩ ମ୍ୟାଟ୍ରିକ ପରୀକ୍ଷାରେ ପିଲାମାନେ କରୋନା ପାଇଁ ମାଗଣାରେ ଫର୍ମ ଫିଲପ କରିଥିଲେ ଓ ସେମାନଙ୍କ କୌଣସି ଟେଷ୍ଟ ନକରି ପରୀକ୍ଷା ପାଇଁ ଫର୍ମ ଫିଲପ ହୋଇଥିବା କଥା ସେମାନେ କହିଥିଲେ । ହେଲେ ଗତବର୍ଷ ଓ ଏବର୍ଷ କାହିଁକି ଏତେ ପିଲା ପରୀକ୍ଷା ଦେଲେନି ତାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଉଭୟ ଗଣଶିକ୍ଷା ସଚିବ ଓ ବୋର୍ଡ ସମ୍ପାଦକଙ୍କୁ କୈଫତ ତଲବ ପାଇଁ ଓଡିଶା ଅଭିଭାବକ ମହାସଂଘ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଦାବୀ ଜଣାଇଛି । ସଠିକ ପଦକ୍ଷେପ ନହେଲେ ଏହା ଆଗକୁ ଏକ ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟ କହିଛନ୍ତି।



# ବିଦ୍ୟୁତ୍ ଶୁଳ୍କ ଓ ଗ୍ରାହକଙ୍କ ସମସ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



ବାଲେଶ୍ୱର, ୨୨।୨(ସଂଚାର ବ୍ୟୁରୋ): ଶନିବାର ପୂର୍ବାହ୍ନରେ ବାଲେଶ୍ୱରସ୍ଥ ଶ୍ରମିକ ଭବନ ଠାରେ ଉତ୍ତର ଓଡ଼ିଶା ବିଦ୍ୟୁତଗ୍ରାହକ ଉପଭୋକ୍ତା ପରିଷଦର ଏକ ବୈଠକ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ବସିଥିଲା। ଏହି ବୈଠକକୁ କେଉଁଝର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାମାନଙ୍କରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଟାଟା ପାୱାର ହାତକୁ ବିଦ୍ୟୁତ୍ ବିତରଣ ଓ ଶୁଳ୍କ ଆଦାୟ ପାଇଁ ଦାୟିତ୍ୱ ଗଲା ପରେ ବିଦ୍ୟୁତ୍ ଗ୍ରାହକମାନଙ୍କ ଉପରେ ବିଭିନ୍ନ ପ୍ରକାରର ଆକ୍ରମଣ ଆରମ୍ଭ ହୋଇଛି। ସ୍ମାର୍ଟ ମିଟର ବସାଇବା, ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟମକ ଆୟୋଗରେ ଦାବି ଦେବା, ପ୍ରିପେଡ଼ ମିଟର ବସାଇ ଗ୍ରାହକଙ୍କୁ ଲୁଟ କରିବା ଭଳି କାର୍ଯ୍ୟକ୍ରମ ଉପରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ରର ବିଜେପି ସରକାର ଏବେ ବିଦ୍ୟୁତ୍ ଉପରେ ଆଣିଥିବା ଆଇନ ଫଳରେ ସାଧାରଣ ଲୋକେ ବିଶେଷ କ୍ଷତି ସହିବାକୁ ପଡ଼ିବ ଏବଂ କର୍ପୋରେଟ୍ ପୁଞ୍ଜିପତିମାନେ ବିଶେଷ ଲାଭବାନ ହେବେ ବୋଲି ଆଜିର ପ୍ରାଥମିକ ଆଲୋଚନାରେ ବହୁ ପ୍ରତିନିଧି ଉଲ୍ଲେଖ କରିଥିଲେ। ଟାଟା ପାୱାର, ବିଦ୍ୟୁତ୍ ନିୟମକ ଆୟୋଗ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଲଢ଼େଇକୁ ଜୋରଦାର କରିବା ପାଇଁ ଆସନ୍ତା ୧୬ ମାର୍ଚ୍ଚ ରବିବାର ଦିନ 'ବାଲେଶ୍ୱର ଷ୍ଟେସନ କ୍ଲବ' ଠାରେ ଉତ୍ତର ଓଡ଼ିଶା ବିଦ୍ୟୁତ୍ ଗ୍ରାହକ ପରିଷଦର ଏକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହେବ।

# ନୀତି ଆୟୋଗର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ଜିଲ୍ଲା ଗସ୍ତ



ଜଗତସିଂହପୁର,୨୨।୨(ସଂଚାର ବ୍ୟୁର): ଜଗତସିଂହପୁର ଜିଲ୍ଲା କୁ ଜି ହବ୍ ବା ବିକାଶ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ଗତକାଲି ଅପରାହ୍ନରେ ନୀତି ଆୟୋଗର ମୁଖ୍ୟ ଅର୍ଥନୈତିକ ପରାମର୍ଶ ଦାତା ତଥା କର୍ଯ୍ୟକ୍ରମ ନିର୍ଦ୍ଦେଶିକା ଆନ୍ନା ରଏ ଏବଂ ତାଙ୍କର ସହଯୋଗୀ ଟିମ୍ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ଉନ୍ନତି ମୂଳକ କାର୍ଯ୍ୟ ର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ(ଆଇ ଏ ଏସ) ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ନିଜର ବକ୍ତବ୍ୟ ରଖି ଜିଲ୍ଲା ର ଭୌଗୋଳିକ ଅବସ୍ଥିତି ସହ ଉପଲବ୍ଧ ସମସ୍ତ ରିସୋର୍ସ ବିଷୟ ରେ ଅବଗତ କରିଥିଲେ। ଜିଲ୍ଲା ରେ ଶିଆଳି ବେଳାଭୂମି ରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚ୍, ପାରାଦ୍ୱୀପ ବେଳାଭୂମି ରେ ଦୁଃ ସାହସିକ ସାମୁଦ୍ରିକ କ୍ରୀଡା, କ୍ରୁଜ ରାଇଡିଂ ଆଦି ବିଷୟ ଉପସ୍ଥାପନ କରିଥିଲେ। ଜିଲ୍ଲା ର ପାରାଦ୍ୱୀପ ବନ୍ଦର, ଏଠାରେ ଥିବା ବିଭିନ୍ନ କମ୍ପାନୀ ମାନଙ୍କ ଠାରୁ ଆଗତ ଉନ୍ନତି ମୂଳକ ପଦକ୍ଷେପ ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ଏଥି ସହିତ ଜିଲ୍ଲାପାଳ ଜିଲ୍ଲା ର ଭୌଗୋଳିକ ଅସୁବିଧା ଯେପରିକି ଲବନୀୟତା ଦ୍ୱାରା ବେଳାଭୂମି କ୍ଷୟ ବିଷୟରେ ମଧ୍ୟ ଅବଗତ କରାଇଥିଲେ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର୍ ରାଉତ ପି ପି ଟି ମାଧ୍ୟମ ରେ ଜିଲ୍ଲା ର ସମ୍ଭାବନା କ୍ଷମତା ଥିବା ଦିଗ ଯଥା କୃଷି, ଉଦ୍ୟାନ କୃଷି , ବନ୍ଦର, ରାସ୍ତାଘାଟ, ରେଳପଥ, ଅନ୍ୟ ରାଜ୍ୟ ତଥା ଜିଲ୍ଲା ସହ ସଂଯୋଗ,ମୃତ୍ତିକା ର ପ୍ରକାର ଭେଦ, ଖଣିଜ ସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆଦି ବିଷୟ ରେ ବିଶଦ ବିବରଣୀ ପ୍ରଦାନ କରିଥିଲେ ।ସମସ୍ତ ତଥ୍ୟ ବିଷୟ ରେ ଅବଗତ ହେବା ପରେ ନୀତି ଆୟୋଗର ପ୍ରମୁଖ ଅର୍ଥନୈତିକ ପରାମର୍ଶ ଦାତା ସୁଶ୍ରୀ ଆନ୍ନା ରଏ ଏହି ସମସ୍ତ ସମ୍ପଦ ର ସଠିକ ଉପଯୋଗ କରି ଆସନ୍ତା ୨୫ ବର୍ଷ ପାଇଁ ଲକ୍ଷ୍ୟ ରଖି ଜିଲ୍ଲା ରେ ବିକାଶ କେନ୍ଦ୍ର ର ପରିକଳ୍ପନା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ର ବିକାଶ କେନ୍ଦ୍ର ରାଜ୍ୟ ତଥା ଦେଶର ବିକାଶ କେନ୍ଦ୍ର ବୋଲି ସେ ସୂଚାଇ ଦେଇଥିଲେ। ବିଶ୍ୱ ରେ ବଢୁଥିବା ଚାହିଦା କୁ ଆଖି ଆଗରେ ରଖି, ନୂତନ ଚିନ୍ତାଧାରା ସହ ଜିଲ୍ଲା ରେ ଜି ହବ୍ କୁ ସାକାର କରିବା ପାଇଁ ପରାମର୍ଶ ଦେଇଥିଲେ।ଶେଷ ରେ ସୁଶ୍ରୀ ରଏ ଜିଲ୍ଲା ର ଉପଲବ୍ଧ ପ୍ରାକୃତିକ ରିସୋର୍ସ ସହ ଭୌଗୋଳିକ, ଅର୍ଥନୈତିକ ତଥା କାର୍ଯ୍ୟରତ ପ୍ରୋଜେକ୍ଟ ର ଏକ ବ୍ଲୁ ପ୍ରିଣ୍ଟ ଦେବାପାଇଁ ପରାମର୍ଶ ଦେଇଥିଲେ। ଯାହା ର ଅନୁଶୀଳନ କରି ଆଗାମୀ ୨୫ ବର୍ଷ ର ଏକ ବିକାଶ ରୂପରେଖ ପ୍ରସ୍ତୁତ କରାଯିବ।

# ଏସଭିନିରତାରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ



ଭୁବନେଶ୍ୱର, ୨୨।୨ (ସଂଚାର ବ୍ୟୁରୋ): ଦିବ୍ୟାଙ୍ଗମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପରିଚିତ କଟକର ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନ (ଏସଭି-ନିରତାର)ର ୫୦ ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। 'ଏସଭି-ନିରତାର'ର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଜୀବନରେ କିପରି ଶିକ୍ଷା, ଥଇଥାନ, ନିଯୁକ୍ତି ଏବଂ ଓକିଲାତି ମାଧ୍ୟମରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି, ଉତ୍ସବରେ ଏହାର ଅର୍ଦ୍ଧଶତାବ୍ଦୀର ଉଲ୍ଲେଖନୀୟ ଯାତ୍ରାରେ ଦୃଢ଼ ସମର୍ପଣର ଭାବ ସହ ସେବା ସଂପର୍କରେ ଆଲୋକପାତ କରାଯାଇଥିଲା। ଆୟୋଜିତ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମୁଖ୍ୟ ଅ ତିଥି, ସାମାଜିକ ନ୍ୟାୟ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରାଉତରାୟ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଏବଂ ଏସଭିନିରତାର ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଏବଂ ସଂସ୍ଥାନର ଉପନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଶ୍ରୀ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିଲା।

# କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ ଶୀର୍ଷକ ଆଲୋଚନା

ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଉତ୍କଳ ସର୍ବୋଦୟ ମଣ୍ଡଳ, ଭୁବନେଶ୍ୱର ଶାଖା ତରଫରୁ ଉତ୍କଳ ବିଶ୍ୱବିଦ୍ୟାଳୟର "ରାଜନୀତି ବିଜ୍ଞାନ ବିଭାଗ ସଭାକକ୍ଷରେ କସ୍ତୁରବା ଗାନ୍ଧୀଙ୍କ ୮୧ ତମ ପୁଣ୍ୟତିଥୀରେ "କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ" ଶୀର୍ଷକ ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମାଜ ବିଜ୍ଞାନୀମାନେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସର୍ବସେବାସଂଘର ଅଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଶତାୟୁ ପୁରୁଷ ଗାନ୍ଧିବାଦୀ ପଦ୍ମଚରଣ ନାୟକ ଲୋକ ରାଜନୀତି ଓ ନିଶାମୁକ୍ତ ସମାଜ ଗଠନ ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ।

# ସମନ୍ୱିତ ଭିତ୍ତିଭୂମି ପ୍ରକଳ୍ପର ତୁରନ୍ତ ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଦାବିପତ୍ର ପ୍ରଦାନ



ବାଲେଶ୍ୱର,୨୨।୨(ସଂଚାର ବ୍ୟୁର): ଗତ ୫ ବର୍ଷ ତଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨ଶହ କୋଟି ଟଙ୍କାର ମଞ୍ଜୁରୀପ୍ରାପ୍ତ ସମନ୍ୱିତ ଭିତ୍ତିଭୂମି (ଆଇଆଇସି) ପ୍ରକଳ୍ପର ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ଦହପଡ଼ା ମୌଜାରେ ଥିବା ଉନ୍ନତ ଯୋଜନାଯୋଗ୍ୟ ୨୦ ଏକର ପରିମିତ ଜମିକୁ ରେମୁଣା ତହସିଲଦାରଙ୍କ ଦ୍ୱାରା ହସ୍ତାନ୍ତର ପାଇଁ ଖତିୟାନ ନଂ. ୧୪୯ରେ ଗତ ୫ବର୍ଷ ପୂର୍ବରୁ ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରଶାସନିକ ଅବହେଳାରୁ ଏହାର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ। ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗତ ୫ ବର୍ଷ ମଧ୍ୟରେ କାର୍ଯ୍ୟରତ ସମସ୍ତ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗର ଜିଲ୍ଲା ଅଧିକାରିଣୀଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାରଙ୍କୁ ମଧ୍ୟ ବହୁବାର ଆବେଦନପତ୍ର ମଞ୍ଚ ପକ୍ଷରୁ ଦିଆଯାଇଛି।

# ଏମ୍ସ ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ କ୍ଲିନିକ୍ ଉଦଘାଟିତ

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁର): ଯକୃତ(ଲିଭର) ପ୍ରତିରୋପଣ ସେବା ପ୍ରତିଷ୍ଠା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ କ୍ଲିନିକ୍ ଉଦଘାଟିତ ହୋଇଯାଇଛି। ଏହା ଉନ୍ନତ ଯକୃତ ଯତ୍ନ କ୍ଷେତ୍ରରେ ଏକ ବିଶେଷ ସଂଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ଓଡ଼ିଶା ତଥା ବାହାର ରାଜ୍ୟର ଯକୃତ ପ୍ରତିରୋପଣର ବର୍ଦ୍ଧିତ ଆବଶ୍ୟକତାକୁ ସମାଧାନ କରିବା ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡାଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରର ଅଧ୍ୟକ୍ଷ ଡ. ଶୈଳେଶ କୁମାର ଏହି କ୍ଲିନିକ୍ ଉଦଘାଟନ କରିଥିଲେ। ଏହି ବିଶେଷଜ୍ଞ କ୍ଲିନିକ୍ ଯକୃତ ଯତ୍ନ ପାଇଁ ଏକ ସଂରଚିତ ଏବଂ ବହୁବିଧ ଦୃଷ୍ଟିକୋଣ ସୁନିଶ୍ଚିତ କରି ଯକୃତ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀଙ୍କ ମୂଲ୍ୟାଙ୍କନ, ତାଲିକାଭୁକ୍ତକରଣ ଏବଂ ଅସ୍ତ୍ରୋପଚାର ପୂର୍ବର ବିଭିନ୍ନ ଆବଶ୍ୟକତା ପୂରଣ ଦିଗରେ ବିଶେଷ ସହାୟକ ହେବ। ଏମସ୍ ଭୁବନେଶ୍ୱର ଯକୃତ ପ୍ରତିରୋପଣ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଥିବାରୁ, ଅନ୍ତିମ ପର୍ଯ୍ୟାୟରେ ଉପନୀତ ଯକୃତ ପୀଡ଼ିତ ରୋଗୀଙ୍କ ମୂଲ୍ୟାଙ୍କନ ଏବଂ ତାଲିକାଭୁକ୍ତ କରିବା ପାଇଁ ଏକ ଉତ୍ସର୍ଗୀକୃତ କ୍ଲିନିକ୍ ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଦକ୍ଷେପ ଯକୃତ ଯତ୍ନରେ ଥିବା ବ୍ୟବଧାନକୁ ପୂରଣ କରିବ ଏବଂ ଅଗଣିତ ରୋଗୀଙ୍କ ପାଇଁ ଆଶାର କିରଣ ପ୍ରଦାନ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି।

## ● ବିଶ୍ୱ ଶାନ୍ତି ଓ ବୁଝାମଣା ଦିବସ

# ତୂଳୀରେ ବିଶ୍ୱ ଶାନ୍ତିର ବାର୍ତ୍ତା




ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ବିଶ୍ୱରେ ଶାନ୍ତି ବଜାୟ ରଖିବା ଓ ଖୁସି ସ୍ଥାପନ ଲାଗି ପ୍ରତିବର୍ଷ ଫେବୃଆରୀ ମାସ ୨୩ ତାରିଖରେ ପାଳନ କରାଯାଉଛି ବିଶ୍ୱ ଶାନ୍ତି ଓ ବୁଝାମଣା ଦିବସ। ଆଜି ଶାନ୍ତିର ସନ୍ଧାନରେ ସାରା ବିଶ୍ୱ। ବିଶ୍ୱରେ ଶାନ୍ତି ଆଣିବା ପାଇଁ ଅହିଂସା ହିଁ ଏକମାତ୍ର ଅମୋଘ ଅସ୍ତ୍ର। ଅହିଂସାର ଏହି ମନ୍ତ୍ରକୁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଜଣାଶୁଣା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଆପଣାଇ ନିଖୁଣ ରୂପେ ଆଙ୍କିଛନ୍ତି ଶାନ୍ତିର କପୋତ। ସମଗ୍ର ବିଶ୍ୱକୁ ଦେଇଛନ୍ତି ଶାନ୍ତିର ବଳିଷ୍ଠ ବାର୍ତ୍ତା। ଚିତ୍ରରେ ନିମ୍ନ ଭାଗରେ ଇଂରାଜୀ ଭାଷାରେ ରହିଛି ଏକ ମନଛୁଆଁ ସ୍ଲୋଗାନ୍ "ନୋ ୱାର୍"। ଯୁଦ୍ଧ ଶାନ୍ତିର ବାହକ ନୁହେଁ। ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱ ଭାତୃତ୍ୱ, ଭାଇଚାରା ଓ ସଦ୍‌ଭାବନାର ଆବଶ୍ୟକତା ରହିଛି। ହିଂସା ଛାଡ଼ି ଅହିଂସା ମାର୍ଗ ଆପଣାଇବା ପାଇଁ ଶାନ୍ତନୁ ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ରେଲୱେ ଡାକ୍ତରଙ୍କ ଦ୍ୱାରା "ଲାପ୍ରାରୋସ୍କୋପିକ୍ ଭେଣ୍ଟ୍ରାଲ୍ ହର୍ନିଆ ସର୍ଜରୀ"

ଖୋର୍ଦ୍ଧା ରୋଡ୍, ୨୨।୨(ସଂଚାର ବ୍ୟୁରୋ): ଡିଭିଜନାଲ ରେଲୱେ ହସପିଟାଲରେ ରେଳ ଡାକ୍ତରଙ୍କ ଏକ ଟିମ୍ ଦ୍ୱାରା ସଫଳତାର ସହ "ଲାପାରୋସ୍କୋପିକ୍ ଇନଗୁନାଲ୍ ହର୍ନିଆ ସର୍ଜରୀ ଲାପାରୋସ୍କୋପିକ୍ ଭେଣ୍ଟ୍ରଲ ହର୍ନିଆ ସର୍ଜରୀ" କରାଯାଇଛି। ଖୋର୍ଦ୍ଧା ରୋଡ଼ ରେ କାର୍ଯ୍ୟ କରୁଥିବା ଜଣେ ରେଳ କର୍ମଚାରୀଙ୍କ ପତ୍ନି, ଯାହାର ବୟସ ୨୪ ବର୍ଷ, ସେ ଭେଣ୍ଟ୍ରାଲ୍ ହର୍ନିଆ ମାମଲାରେ ପୀଡିତ ଥିଲେ ଏବଂ ତାଙ୍କୁ ଲାପାରୋସ୍କୋପିକ୍ ଇଣ୍ଟ୍ରା ପେରିଟୋନିଆଲ୍ ଅନଲେ ମେଶ୍ ପ୍ଲସ୍ ମରାମତି ସର୍ଜରୀ କରଯାଇଥିଲା। ୧.୫ ସେଣ୍ଟି ମିଟର ତ୍ରୁଟି ଇଣ୍ଟ୍ରାକୋରପୋରାଲ୍ ସ୍ୟୁଚରିଂ ଏବଂ ଏକ ସଂପୂର୍ଣ୍ଣ ରିସର୍ବେବଲ୍ (ଯାହା ସହଜରେ ଶୋଷିତ ହୋଇପାରେ) ମୋନୋଫିଲାମେଣ୍ଟ ଜାଲ୍ ଦ୍ୱାରା ବନ୍ଦ କରଯାଇଛି। ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଏହି ଭୋଲିଆ ସଂପୂର୍ଣ୍ଣ ରିସର୍ବେବଲ୍ ଜାଲ୍ ବ୍ୟବହୃତ କରଯାଇଛି।ଜାଲର ମୂଲ୍ୟ ଅଧିକ ହେବା କାରଣ ରୁ, ଅତି ସାଧାରଣ ଭାବରେ ବ୍ୟବହୃତ ହୁଏ ନାହିଁ। ଓଡିଶାରେ, ଆଜି ପର୍ଯ୍ୟନ୍ତ କେବଳ ୫ ଟି କ୍ଷେତ୍ରରେ, ଏହି ପ୍ରକାରର ରିସର୍ବେବଲ୍ ମେସ୍ ବ୍ୟବହାର କରାଯାଇଛି। ଏହି ଜଟିଳ ଅସ୍ତ୍ରୋପଚାର ବରିଷ୍ଠ ମଣ୍ଡଳ ମେଡିକାଲ୍ ଅଫିସର ଡଃ ମନୋରଞ୍ଜନ ସିଂ ଦ୍ୱାରା, ଆନାସ୍ଥେସିଷ୍ଟ ଡଃ ଆରତୀ ପି. ଙ୍କ ସହଯୋଗ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳ ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡଃ ଶରଥ ବାବୁଙ୍କ ମାର୍ଗଦର୍ଶନ ରେ ସମ୍ପୂର୍ଣ୍ଣ କରାଯାଇଛି।



# ଜଣେ ଥାନାଅଧିକାରୀଙ୍କ ଭରସାରେ ୨ ଲକ୍ଷ ଲୋକ

## ୨୭ନୂତନ ଥାନା ପ୍ରତିଷ୍ଠା ମନ୍ତ୍ରୀଙ୍କ ସୂଚନା, ଧର୍ମଗଡ଼ ଥାନା ବିଭାଜନ ସମ୍ଭାବନା ଆଲୋଚନା

କଳାହାଣ୍ଡି,୨୨।୨(ସଂଚାର ବ୍ୟୁରୋ): ଆବଶ୍ୟକତା ଦୃଷ୍ଟିରୁ ଅନେକ ସମୟରେ ସରକାର ନୂତନ ଥାନା ସ୍ଥାପନ ଫାଣ୍ଡି ବା ବିଟ୍ ହାଉସକୁ ଉନ୍ନିତ କରି ଥାନାର ମାନ୍ୟତା ଦେଇଥାନ୍ତି। ଚଳିତ ବିଧାନସଭା ରେ ନୂତନ ସରକାର ୨୭ ଟି ନୂତନ ଥାନା ପ୍ରତିଷ୍ଠା କରିବାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଭୌଗୋଳିକ ଦୃଷ୍ଟି କୋଣରୁ ଧର୍ମଗଡ଼ ଥାନା ବିଭାଜନ ହେବା ସମ୍ଭାବନା ଥିବା ଆଲୋଚନା ହେଉଛି।ବର୍ତ୍ତମାନ ଧର୍ମଗଡ଼ ଅଧିନର ୨ଲକ୍ଷ ଲୋକ ଜଣେ ଥାନା ଅଧିକାରୀ ଙ୍କ ଉପରେ ନିର୍ଭର ରହିଛନ୍ତି। ଧର୍ମଗଡ଼ ଉପଖଣ୍ଡ ଧର୍ମଗଡ଼ ବ୍ଲକରେ ଗତ ୨୦୧୧ ଜନଗଣନା ଅନୁଯାୟୀ ୧ ଲକ୍ଷ,୩୯ ହଜାର ୩୫୯ ଲୋକ ବାସ କରନ୍ତି। ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୬୯ ହଜାର ୯୯୪ଏବଂ ମହିଳାଙ୍କ ସଂଖ୍ୟା ୬୯ ହଜାର ୩୬୫ ରହିଛି।ଜନସଂଖ୍ୟା ଦୃଷ୍ଟିରୁ ଜୁନାଗଡ଼ ବ୍ଲକ ପରେ ଧର୍ମଗଡ଼ ବ୍ଲକରେ ହିଁ ସର୍ବାଧିକ ଲୋକ ଅଛନ୍ତି। କିନ୍ତୁ ଏମାନଙ୍କ ପାଇଁ ଗୋଟିଏ ଥାନା ରହିଛି। ଗୋଲାମୁଣ୍ଡା ବ୍ଲକରେ ୧ ଲକ୍ଷ ୨୯ ହଜାର ୪୯୯ ରହିଛି। ପୁରୁଷ ସଂଖ୍ୟା ୬୪ ହଜାର ୯୧୭ ଓ ମହିଳାଙ୍କ ସଂଖ୍ୟା ୬୪ ହଜାର ୫୮୨ ରହିଛି। କୋକସରା ବ୍ଲକରେ ମୋଟ ଜନସଂଖ୍ୟା ୧ଲକ୍ଷ ୧୯ ହଜାର ୩୦୪ରହିଛି । ଯେଉଁଥିରେ ପୁରୁଷଙ୍କ ସଂଖ୍ୟା ୫୮ହଜାର ୯୫୩ଏବଂ ମହିଳାଙ୍କ ସଂଖ୍ୟା ୬୦ ହଜାର ୩୫୧ ରହିଛି। ଜୁନାଗଡ଼ ବ୍ଲକରେ ୧ ଲକ୍ଷ ୯୩ ହଜାର ୩୧୬ ଥିବାବେଳେ




ପୁରୁଷ ସଂଖ୍ୟା ୯୬ ହଜାର ୪୪୧ ଓ ମହିଳାଙ୍କ ସଂଖ୍ୟା ୯୬ ହଜାର ୮୭୫ ରହିଛି। ଜୟପାଟଣା ବ୍ଲକରେ ୧ ଲକ୍ଷ ୩୦ ହଜାର ୭୨୪ ରହିଛି। ପୁରୁଷ ସଂଖ୍ୟା ୬୪ହଜାର ୬୭୩ ଓ ମହିଳାଙ୍କ ସଂଖ୍ୟା ୬୬ ହଜାର ୦୫୧ ରହିଛି। କଲମପୁର ବ୍ଲକରେ ୬୦ ହଜାର ୦୭୫ ଥିବାବେଳେ ପୁରୁଷଙ୍କ ସଂଖ୍ୟା ୨୯ ହଜାର ୫୩୧ ଏବଂ ମହିଳାଙ୍କ ସଂଖ୍ୟା ୩୦ ହଜାର ୫୪୪ ରହିଛି। ବର୍ତ୍ତମାନ ୧୪ ବର୍ଷ ପରେ ଜନସଂଖ୍ୟା ସ୍ଥିତି ଆହୁରି ବଦଳିଛି। ତେବେ କୋକସରା ବ୍ଲକରେ ଆମପାଣି ଓ କୋକସରା ଦୁଇଟି ଥାନା ରହିବା ସହିତ ମୋଟେର ଓ ଗୋଟୋମୁଣ୍ଡା ଠାରେ ଫାଣ୍ଡି ରହିଛି। ଗୋଲାମୁଣ୍ଡା ବ୍ଲକରେ ୨ଟି ଥାନା -ଗୋଳାମୁଣ୍ଡା, କେଗାଁ ରହିଥିବା ବେଳେ ଦଶପୁର ଠାରେ ଫାଣ୍ଡି ରହିଛି। କଲମପୁର ଫାଣ୍ଡି ଏବେ ଥାନାର ମାନ୍ୟତା ପାଇଛି । ଜୟପାଟଣା ବ୍ଲକରେ ଗୋଟିଏ ଥାନା ଓ ମୁଖିଗଡା ଠାରେ ଗୋଟିଏ ଫାଣ୍ଡି ରହିଛି। ଜୁନାଗଡ଼ରେ ମଧ୍ୟ ଗୋଟିଏ ଥାନା ଓ ଚିଲଗୁଡା ରେ ଫାଣ୍ଡି ରହିଛି।ହେଲେ ଧର୍ମଗଡ଼ ବ୍ଲକ ରେ କେବଳ ଗୋଟାଏ ଥାନା ଅବସ୍ଥିତ ରହିଛି। ଭୌଗୋଳିକ ସ୍ଥିତିକୁ ଦେଖିଲେ ଧର୍ମଗଡ଼ ଥାନା ଶେଷ ଭାଗରେ ପର୍ଲା ରହିଥିବା ବେଳେ ଛତିଶଗଡ଼ ସୀମାନ୍ତ ରେ ରହିଛି।ଅନ୍ୟପଟେ ନବରଙ୍ଗପୁର ଜିଲ୍ଲା ଲାଗି ରହିଥିବା ଧର୍ଥାଁରପୁର ପଞ୍ଚାୟତ ସାହାଜଖୋଲ ଜଙ୍ଗଲରେ ପାଦ ଦେଶରେ ଅବସ୍ଥିତ ରହିଛି। ଯେଉଁଠି କିଛି ବର୍ଷ ତଳେ ପୋଲିସ ଗୁଳିରେ କିଛି ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ଜଙ୍ଗଲରେ ଅନେକ ସମୟରେ ମାଓବାଦୀଙ୍କ ଚଳପ୍ରଚଳ ଖବର ଶୁଣିବାକୁ ମିଳିଥାଏ।ଏହି ଜଙ୍ଗଲର ଶେଷ ମୁଣ୍ଡ ନବରଙ୍ଗପୁର ଜିଲ୍ଲା ରାଇଘର ଗୋନା ଜଙ୍ଗଲ ସହିତ ସଂଯୋଗ ହୋଇଛି। ଏହା ସହ ଏହି ଅଞ୍ଚଳ ଛତିଶଗଡ଼ ରାଜ୍ୟ ମେନପୁର ଡିଭିଜନକୁ ମଧ୍ୟ ଲାଗିରହିଛି।ଇତି ପୂର୍ବରେ ପର୍ଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ରେ ୨ଥର ମାଓବାଦୀ ଙ୍କ ପୋଷ୍ଟର ଲାଗିଥିଲା।ଯାହା କୁ ନେଇ ସେତେବେଳେ ଅଞ୍ଚଳ ର ଲୋକଙ୍କ ଭିତରେ ଭୟଭୀତ ଖେଳି ଯାଇଥିଲା। ଭୌଗୋଳିକ ଦୃଷ୍ଟିରୁ ଧର୍ମଗଡ଼ ଥାନାର ବିଭାଜନ ଘଟି ନୂତନ ଥାନା ଓ ଫାଣ୍ଡିର ଆବଶ୍ୟକତା ରହିଛି। କିଛି ବର୍ଷ ତଳେ ଗୋଟିଏ ଥାନା ଗୋଟିଏ ବ୍ଲକ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଶୁଣିବାକୁ ମିଳିଥିଲା। ସେତେବେଳେ ଆଶା କରାଯାଉଥିଲା ଯେ ଧର୍ମଗଡ ଥାନାର ବିଭାଜନ ଘଟି ଗୋଟିଏ ଦୁଇଟି ଫାଣ୍ଡି ପ୍ରତିଷ୍ଠା ହେବ।ବର୍ତ୍ତମାନ ନୂତନ ସରକାର ଆସିଲା ପରେ ନୂତନ ଭାବେ ୨୭ଟି ଥାନା ସ୍ଥାପନ କରିବାକୁ ସୂଚନା ଦେଇଛନ୍ତି ।